RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

NITIDIN
# ନିତିଦିନ

www.nitidin.com
twitter.com/nitidintoday
facebook.com/nitidintoday

THURSDAY
19 FEBRUARY 2026
ଗୁରୁବାର
୧୯ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 274 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୭୪ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ପଳାଶୁଣିରୁ ରସୁଲଗଡ଼ ସ୍କାଏୱାକ୍

**ଭୁବନେଶ୍ୱର,୧୮।୨/ଏନ୍ଏନ୍ଏସ୍:**

**ଲମ୍ବ ୫୦୦ ମିଟର, ଖର୍ଚ୍ଚ ହେବ ୨୦ କୋଟି**

ରାଜଧାନୀର ଜାତୀୟ ରାଜପଥ-୧୬ରେ ଆଉ ରହିବନି ଦୁର୍ଘଟଣାର ଭୟ। ପଥଚାରୀଙ୍କ ସୁରକ୍ଷା ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଣ୍ଟା ଭିଡ଼ିଛି। ପଳାଶୁଣିରୁ ରସୁଲଗଡ଼ ପର୍ଯ୍ୟନ୍ତ ନିର୍ମାଣ ହେବ ଏକ ବିଶାଳ ସ୍କାଏୱାକ୍। ବୁଧବାର ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ସ୍କାଏୱାକ୍‌ର ଲମ୍ବ ୫୦୦ ମିଟର ହେବ ଏବଂ ଏଥିପାଇଁ ପ୍ରାୟ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପଳାଶୁଣି-ରସୁଲଗଡ଼ ଛକ ଏକ ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ଏହି ଏଲିଭେଟେଡ୍ କରିଡର ନିର୍ମାଣ ହେବା ଫଳରେ ପଥଚାରୀମାନେ ଭାରି ଯାନବାହନ ଚଳାଚଳ କରୁଥିବା ରାସ୍ତା ଉପରେ ନଯାଇ ସୁରକ୍ଷିତ ଭାବେ ଯାଇପାରିବେ। ରାସ୍ତା ଉପରେ ପଥଚାରୀଙ୍କ

▶▶ ୫

## ଫୁଟିଲା ଗୁଳି, ଗଡ଼ିଲା ମୁଣ୍ଡ

**କଟକ,୧୮।୨/ଏନ୍ଏନ୍ଏସ୍:**

**ଭୋଜିବେଳେ ଗୁଳିକାଣ୍ଡ, ୨ ଅଟକ**

ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡା ଅଞ୍ଚଳରେ ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ରିଙ୍କୁ ଓରଫ ସୌମ୍ୟରଞ୍ଜନ ଜେନା(୩୨)। ପୁଲିସ ଏସ୍‌ସିବି ମେଡିକାଲ୍‌ରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ସଂରକ୍ଷଣ ଗୃହରେ ରଖିଛି। ଏଭଳି ଲୋମହର୍ଷଣକାରୀ ଘଟଣାଘଟଣା ପଛରେ ପୂର୍ବ ବିବାଦ ଥିବା କୁହାଯାଉଛି। ନୂଆପଡ଼ା ପ୍ରେସ କଲୋନୀ ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ କ୍ୱାର୍ଟରରେ ଆଜି ସୌମ୍ୟରଞ୍ଜନ ଓ ତାଙ୍କ ସାଙ୍ଗମାନେ ମିଶି ଭୋଜିଭାତ କରୁଥିଲେ। ଦିନ ପ୍ରାୟ ୩ଟା ବେଳକୁ ରୋଷେଇ ଶେଷ ହେବା ପରେ ସମସ୍ତେ ଖାଇବା ପାଇଁ ବସିଥିଲେ। ଏତିକିବେଳେ କୌଣସି ଏକ କାରଣକୁ ନେଇ ସେଠାରେ ବଚସା ହୋଇଥିଲା। ଏହାପରେ କେହି ଜଣେ ସୌମ୍ୟରଞ୍ଜନଙ୍କୁ ଗୁଳିମାଡ଼

▶▶ ୫

## ବୋଲଗଡ଼ରେ 'ବିଡିଓ ହଟାଓ' ପାଲା

**ବୋଲଗଡ଼,୧୮।୨/ଏନ୍ଏନ୍ଏସ୍:**

**ସରକାରୀ ଗାଡ଼ି ଭଙ୍ଗାରୁଜା**

ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅଫିସରେ ହାଇଡ୍ରାମା। ବିଡିଓଙ୍କ ବଦଳି ଦାବିରେ ଗତ ୧୦ ତାରିଖ ଠାରୁ ବ୍ଲକ ବାହାରେ ଧାରଣାରେ ବସିଥିବା ବିଜେଡି ନେତା ଓ କର୍ମୀ ବୁଧବାର ହଠାତ ବ୍ଲକ ଅଫିସକୁ ଧସେଇ ପଶିବା ସହ ବ୍ଲକ ଭିତରେ ଥିବା ବିଡିଓଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି। ବୋଲଗଡ଼ ବିଡ଼ିଓ ସୁମନ ସୁଧା କୁଣ୍ଡୁ ସାଧାରଣତନ୍ତ୍ର ଦିବସରେ ସ୍ଥାନୀୟ ବିଧାୟକଙ୍କୁ ଅସମ୍ମାନିତ କରିବା, ବ୍ଲକ କାର୍ଯ୍ୟାଳୟରେ ଜନ ପ୍ରତିନିଧିମାନଙ୍କୁ ସମ୍ମାନ ନଦେବା ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ମନ୍ଥରତା ପ୍ରଭୃତି କାର୍ଯ୍ୟକୁ ନେଇ ଗତ ମାସ ୨୮ତାରିଖ ଠାରୁ ବିଡିଓଙ୍କ ବଦଳି ଦାବି ଜୋର ଧରିଥିଲା। ଏପରିକି ଚଳିତ ମାସ ୧୦ତାରିଖ ଠାରୁ ବ୍ଲକ ସମ୍ମୁଖରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଅହୋରାତ୍ର

▶▶ ୫

## ଆଜିଠୁ ମାଟ୍ରିକ୍ ପରୀକ୍ଷା

**କଟକ,୧୮।୨/ଏନ୍ଏନ୍ଏସ୍:**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତାକାଲି ଅର୍ଥାତ ଗୁରୁବାର ଠାରୁ ଆରମ୍ଭ ହେବ। ରାଜ୍ୟର ମୋଟ ୩୦୮୨ଟି ସେଣ୍ଟରରେ ୫ଲକ୍ଷ ୬୧ହଜାର ୯୭୯ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ। ସମସ୍ତ ପରୀକ୍ଷା କେନ୍ଦ୍ରର ସିସିଟିଭି ବ୍ୟବସ୍ଥା କରାଯାଇଛି। କପି କରୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କପି ଯୋଗାଇଲେ

**ପରୀକ୍ଷା ଦେବେ ୫ଲକ୍ଷ ୬୧ହଜାର ୯୭୯ ଛାତ୍ରଛାତ୍ରୀ**

କିମ୍ବା କିଛି ଅନିୟମିତତା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହଭଳି ଜରୁରୀକାଳୀନ ପରିସ୍ଥିତିରେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଲାଗି ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ ସମୟ ଦିଆଯାଇଛି। ସକାଳ ସାଢେ ୯ଟାରୁ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଲାଗି ଅନୁମତି ଦିଆଯିବ। ପୂର୍ବରୁ ୯ଟା ୧୫ ମିନିଟ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ଏଥିରେ ଆଉ ୧୫ ମିନିଟ ବୃଦ୍ଧି କରାଯାଇଛି। ତେବେ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଲାଗି ଅତିରିକ୍ତ ୫୦ ମିନିଟ ସମୟ ଦିଆଯିବ। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ସହାୟକ ଲେଖାଳି ସେଣ୍ଟର ଯୋଗାଇଦେବେ। ଯଦି ନିଜେ ଚାହିଁବେ ତେବେ ଦଶମ ଶ୍ରେଣୀରୁ ତଳ ଶ୍ରେଣୀର ଛାତ୍ରଙ୍କୁ ସହାୟକ ଲେଖାଳି ଭାବେ ଭିନ୍ନକ୍ଷମ ପରୀକ୍ଷାର୍ଥୀ ଆଣି ପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ମାଟ୍ରିକ ସହିତ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ମଧ୍ୟ କାଲିଠାରୁ ଆରମ୍ଭ ହେବ। ଏଥିଲାଗି ନୋଡାଲ୍ ସେଣ୍ଟର ସମେତ ପରୀକ୍ଷା କେନ୍ଦ୍ରରେ ଲାଇଭ ଷ୍ଟ୍ରିମିଂ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ମୋଟ ୩୨୨ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବଳୟ ମଧ୍ୟରେ

▶▶ ୫

### ବିଧାନସଭାରେ ଧାନ ମଣ୍ଡି ତାତି

# ବିରୋଧୀଙ୍କ ହଟ୍ଟଗୋଳ, ଗୃହ ଅଚଳ

**ଭୁବନେଶ୍ୱର,୧୮।୨/ଏନ୍ଏନ୍ଏସ୍:**

ବିଧାନସଭାରେ ଧାନ ମଣ୍ଡି ତାତି। ଗୃହ ଭିତରକୁ ଧାନ ଧରି ଆସିଲେ ବିଜେଡି ବିଧାୟକ, ପ୍ରତିବାଦରେ ସାଥ୍ ଦେଲା କଂଗ୍ରେସ। ବିରୋଧୀ ସଭ୍ୟମାନେ ହାତରେ ପ୍ଲାକାର୍ଡ଼ ଧରି ଗୃହରେ ପ୍ରବଳ ହଟ୍ଟଗୋଳ ସହ ନାରାବାଜି କରିଥିଲେ। ଫଳରେ ଗୃହ ହୁଲୁସ୍ଥୁଲ ହେବା ସହ ବାରମ୍ବାର ଅଚଳ ହୋଇଥିଲା। ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେବାରୁ ଗୃହକୁ ମୁଲତବୀ କରିଥିଲେ ବାଚସ୍ପତି। ଦିନ ତମାମ ଗୃହ ସୁରୁଖୁରୁରେ ଚାଲିପାରି ନଥିଲା। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହକୁ ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ମୁଲତବୀ କରିଥିଲେ। ଗୃହରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ସମ୍ପୂର୍ଣ୍ଣ ଧୋଇଯାଇଥିବାବେଳେ ଗୃହ ୩ଟି ପର୍ଯ୍ୟାୟରେ ମାତ୍ର ୭ମନିଟ୍ ଚାଲିବା ସମ୍ଭବପର ହୋଇପାରିଛି। ବିରୋଧୀ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଓ ଫ୍ଲେକ୍ସ ଧରି ପ୍ରତିବାଦ କରିବା ସହ ବିଜେଡି ସଦସ୍ୟମାନେ ଧାନକୁ ହାତରେ ଟେକି ନିଜର ବିରୋଧ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଗୃହ ବାହାରେ ଧାନ ବିକ୍ରିରେ ଇନପୁଟ୍ ସବ୍‌ସିଡି ରାଶିକୁ ନେଇ ଶାସକ ଓ ବିରୋଧୀ ମଧ ମୁହାଁମୁହିଁ ହୋଇଛନ୍ତି।



**ଗୃହ ଭିତରକୁ ଧାନ ଧରି ଆସିଲେ ବିଜେଡି ବିଧାୟକ**

**ପ୍ରତିବାଦରେ ସାଥ୍ ଦେଲେ କଂଗ୍ରେସ ସଦସ୍ୟ**

**ଗୃହ ହୁଲୁସ୍ଥୁଲ୍ ହେବା ସହ ବାରମ୍ବାର ଅଚଳ**

**ଇନ୍‌ପୁଟ୍ ସବ୍‌ସିଡିକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ**

ବୁଧବାର ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଅଧିବେଶନର ଥିଲା ଦ୍ୱିତୀୟ ଦିନ। ଧାର୍ଯ୍ୟ ସାଢ଼େ ଦଶରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନୋତ୍ତର କାର୍ଯ୍ୟକାଳ ଆରମ୍ଭ କରିବା ପରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ବିଧାୟକମାନେ ଗୃହ ମଝିରେ ରାଜ୍ୟବ୍ୟାପୀ ଧାନ ମଣ୍ଡିଗୁଡ଼ିକର କ୍ରୟ ପରିଚାଳନା କରିବାରେ ସରକାର ବିଫଳ ହୋଇଥିବା ଅଭିଯୋଗ କରି ସ୍ଲୋଗାନ ଦେଇଥିଲେ। ବିଜେଡି ବିଧାୟକମାନେ ଧାନର ଅଭାବୀ ବିକ୍ରି ଅଭିଯୋଗ କରି ହାତରେ ଫ୍ଲେକ୍ସ ଧରି ଗୃହର ମଧଭାଗକୁ ଆସି ପ୍ରତିବାଦ କରିଥିଲେ। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଧାନ ଆଣି ରିପୋର୍ଟରଙ୍କ ଟେବୁଲ ଉପରେ ଥୋଇ ପ୍ରତିବାଦ କରିଥିଲେ। ପରେ ବିଧାୟକ ଅରୁଣ ସାହୁ ଓ ରଣେନ୍ଦ୍ର

▶▶ ୫

**ଗଞ୍ଜାମ ସଡ଼କ ଦୁର୍ଘଟଣା ପ୍ରସଙ୍ଗ**

## ରିପୋର୍ଟ ମାଗିଲେ ସୁପ୍ରିମ୍‌କୋର୍ଟ

**ବ୍ରହ୍ମପୁର,୧୮।୨/ଏନ୍ଏନ୍ଏସ୍:**

ବ୍ରହ୍ମପୁର ଗୋସାଇଁନୂଆଗାଁ-ହଳଦିଆପଦର ରେଳ ଓଭରବ୍ରିଜରେ ଏକ ଟ୍ରକ ଧକ୍କାରେ ୫ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟଣାକୁ ନେଇ ସୁପ୍ରିମକୋର୍ଟ ରାସ୍ତା ନିରାପତ୍ତା କମିଟି ଉଦବେଗ ପ୍ରକାଶ କରିଛନ୍ତି।

- ମୁଖ୍ୟସଚିବଙ୍କୁ ରିପୋର୍ଟ ମାଗିଲେ ସୁପ୍ରିମ୍‌କୋର୍ଟଙ୍କ ରୋଡ଼ ସେଫ୍‌ଟି କମିଟି
- ହଳଦିଆପଦର ବ୍ରିଜ୍‌ରେ ଟ୍ରକ୍ ଧକ୍କାରେ ଯାଇଥିଲା ୫ ଜୀବନ

ବେପରୁଆ ଗାଡି ଚାଳନା ଯୋଗୁ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଘଟଣାକୁ ସୁପ୍ରିମକୋର୍ଟ କମିଟି ଗୁରୁତର ସହ ନେବା ସହ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟ ରିପୋର୍ଟ ମାଗିଛନ୍ତି। ବ୍ରହ୍ମପୁର ହଳଦିଆପଦର ରେଳ ଓଭୋରବ୍ରିଜ ଉପରେ ଗତ ମାସରେ ହୋଇଥିବା ମର୍ମାନ୍ତୁଦ ସଡ଼କ ଦୁର୍ଘଟଣା ମାମଲାରେ ସୁପ୍ରିମକୋର୍ଟ ରାସ୍ତା ନିରାପତ୍ତା କମିଟି ରିପୋର୍ଟ ମାଗିଛନ୍ତି। ମାର୍ଚ୍ଚ ୫



ସୁଦ୍ଧା ବିସ୍ତୃତ ରିପୋର୍ଟ ଦେବାକୁ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଅଭୟ ମନୋହର ସାପ୍ରେଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଏନେଇ ଚିଠି ଲେଖିବା ସହ ଭବିଷ୍ୟତରେ ଦୁର୍ଘଟଣା ରୋକିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତାବିତ ସୁରକ୍ଷା ପଦକ୍ଷେପଗୁଡ଼ିକର ରିପୋର୍ଟ ମଧ ରାଜ୍ୟ ସରକାର କମିଟିକୁ ପଠାଇବେ। ଟ୍ରାଫିକ ନିୟମର କଡ଼ାକଡ଼ି ପାଳନ ନହେବା ଏବଂ ଭୁଲ ରାସ୍ତାରେ ଗାଡିଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟୁଥିବା କମିଟି ଦର୍ଶାଇବା ସହ ଏହା ଉପରେ ପଦକ୍ଷେପ ନେବାକୁ କୁହାଯାଇଛି ।

ପ୍ରକାଶଥାଉକି, ଜାନୁଆରୀ ୩୧ ତାରିଖ ଅପରାହ୍ଣ ସାଢେ ୧ଟା ବେଳେ ବ୍ରହ୍ମପୁର ସହରରୁ ଜାତୀୟ ରାଜପଥ-୧୬ କୁ ଯାଉଥିବା ଏକ ଟ୍ରକ ହଳଦିଆପଦର ଓଭରବ୍ରିଜରେ ଦ୍ରୁତ ଗତିରେ ଅନ୍ୟ ଏକ ଟ୍ରକକୁ ଓଭରଟେକ କରିବା ବେଳେ ସମ୍ମୁଖ ପଟୁ ଆସୁଥିବା ୩ଟି ବାଇକକୁ ଧକ୍କା ଦେଇଥିଲା। ଟ୍ରକ ଧକ୍କାରେ ୩ ବାଇକରେ ବସିଥିବା ୫ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଟ୍ରକ ଚାଳକଙ୍କ ବେପାରୁଆ ଗାଡି ଚାଳନା ଯୋଗୁ ବିନା କାରଣରେ ୫ଟି ନିରୀହ ଜୀବନ ଚାଲି ଯାଇଥିଲା। ଏନେଇ ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ। ତ୍ରୁଟିପୂର୍ଣ୍ଣ ବ୍ରିଜ ନକ୍ସାକୁ ଦାୟୀ କରିବା ସହ ତୁରନ୍ତ ବିଶେଷଜ୍ଞ କମିଟି ଗଠନ କରି ଯାଞ୍ଚ କରିବାକୁ ଦାବି କରିଥିଲେ ସାଂସଦ। ଅନ୍ୟପକ୍ଷରେ ହଳଦିଆପଦର ଦୁର୍ଘଟଣା ପ୍ରସଙ୍ଗରେ ବିଜେପି ବିଧାୟକ ସିଦ୍ଧାନ୍ତ ମହାପାତ୍ର ତଦନ୍ତ ଦାବି କରିଛନ୍ତି। ଡିପିଆର ପରିବର୍ତ୍ତନ ଯୋଗୁଁ ଦୁର୍ଘଟଣା ଘଟୁଛି ବୋଲି ସେ କହିବା ସହ କାହା ସ୍ୱାର୍ଥରେ ଡିପିଆର ପରିବର୍ତ୍ତନ

▶▶ ୫

**ବାଜିଲା ରାଜ୍ୟସଭା ବିଗୁଲ୍**

## ମାର୍ଚ୍ଚ ୧୬ରେ ନିର୍ବାଚନ

**ନୂଆଦିଲ୍ଲୀ,୧୮।୨/ଏଜେନ୍ସି:**




ବାଜିଲା ରାଜ୍ୟସଭା ନିର୍ବାଚନ ବିଗୁଲ। ଘୋଷଣା ହୋଇଛି ବିଧିବଦ୍ଧ ତାରିଖ। ରାଜ୍ୟସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ଜାତୀୟ ନିର୍ବାଚନ କମିଶନ (ଇସିଆଇ)। ଆସନ୍ତା ମାର୍ଚ୍ଚ ୧୬ରେ ଅନୁଷ୍ଠିତ ହେବ ରାଜ୍ୟସଭା ନିର୍ବାଚ। ଓଡ଼ିଶାର ୪ଟି ଆସନ ସହ ୧୦ ରାଜ୍ୟର ୩୭ ଆସନରେ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ଆସନ୍ତା ଏପ୍ରିଲ ମାସରେ ରାଜ୍ୟସଭାରେ ୧୦ଟି ରାଜ୍ୟର ୩୭ଟି ଆସନ ଖାଲି ହେବାକୁ ଯାଉଛି। ସେଥି ମଧ୍ୟରୁ ଓଡ଼ିଶାର ୪ଟି ଆସନ ରହିଛି। ତେଣୁ ରାଜ୍ୟସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି ଜାତୀୟ ନିର୍ବାଚନ କମିଶନ। ଜାତୀୟ ନିର୍ବାଚନ କମିଶନ ଏନେଇ ବୁଧବାର ବିଧିବଦ୍ଧ ତାରିଖ ଘୋଷଣା କରିଛନ୍ତି। ରାଜ୍ୟସଭା ନିର୍ବାଚନ ସୂଚୀ ଅନୁଯାୟୀ ଫେବୃଆରୀ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ୫ ନାମାଙ୍କନ ଦାଖଲର ଶେଷ ତାରିଖ, ୬ରେ ଯାଞ୍ଚ ହେବ। ମାର୍ଚ୍ଚ ୯ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି। ମାର୍ଚ୍ଚ ୧୬ ତାରିଖ ସକାଳ ୯ରୁ ଅପରାହ୍ଣ ୪ ଯାଏଁ ଭୋଟ୍ ଗ୍ରହଣ। ସେହିଦିନ ଅପରାହ୍ଣ ୫ଟାରେ ହେବ ଭୋଟ୍ ଗଣତି।

ପ୍ରକାଶ ଯେ ଓଡ଼ିଶା, ତେଲେଙ୍ଗାନା, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, ବିହାର, ଛତିଶଗଡ଼, ହରିଆଣା ଓ ହିମାଚଳପ୍ରଦେଶରେ ୩୭ ସିଟ ପାଇଁ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହି ଖାଲି ଆସନଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରର ୭ଟି, ଓଡ଼ିଶାରେ ୪ଟି, ତାମିଲନାଡୁରେ ୬ଟି, ପଶ୍ଚିମବଙ୍ଗରେ ୫ଟି, ତେଲେଙ୍ଗାନାର ୨ଟି, ଆସାମର ୩ଟି, ବିହାରର ୬ଟି, ଛତିଶଗଡ଼ର ୨ଟି, ହରିୟାଣାର ୨ଟି ଆସନ, ହିମାଚଳ ପ୍ରଦେଶର ଗୋଟିଏ ଆସନ ରହିଛି। ଓଡ଼ିଶାର ୪ ଜଣ ରାଜ୍ୟସଭା ସଦସ୍ୟ ମମତା ମହାନ୍ତ, ମୁନ୍ନା ଖାନ୍, ସୁଜିତ କୁମାର ଓ ନିରଞ୍ଜନ ବିଶିଙ୍କ ରାଜ୍ୟସଭା ସଦସ୍ୟତା କାର୍ଯ୍ୟକାଳ ଏପ୍ରିଲ ୨ ତାରିଖରେ ଶେଷ ହେଉଛି। ଏହା ପୂର୍ବରୁ ନିର୍ବାଚନ ପାଇଁ ସୂଚନା ଜାରି କରିଛନ୍ତି ଭାରତୀୟ ନିର୍ବାଚନ କମିଶନ।

- ୧୦ ରାଜ୍ୟର ୩୭ ଆସନ ପାଇଁ ହେବ ନିର୍ବାଚନ
- ଫେବୃଆରୀ ୨୬ରେ ପ୍ରକାଶ ପାଇବ ବିଜ୍ଞପ୍ତି
- ମାର୍ଚ୍ଚ ୫ ନାମାଙ୍କନ ଦାଖଲର ଶେଷ ତାରିଖ, ୬ରେ ଯାଞ୍ଚ
- ମାର୍ଚ୍ଚ ୯ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ
- ମାର୍ଚ୍ଚ ୧୬ରେ ଭୋଟ୍ ଗ୍ରହଣ ସହ ହେବ ଗଣତି

ସେପଟେ ଓଡ଼ିଶାର ଖାଲି ହେବାକୁ ଥିବା ୪ଟି ରାଜ୍ୟସଭା ଆସନକୁ ନେଇ ଅଙ୍କକଷା ଆରମ୍ଭ ହୋଇଗଲାଣି। ସଂଖ୍ୟା ଦୃଷ୍ଟିରୁ ବିଜେପି

▶▶ ୫

## ବିଶ୍ୱନେତାଙ୍କ ସହ ମୋଦୀଙ୍କ ଦ୍ୱିପାକ୍ଷିକ ଆଲୋଚନା

**ନୂଆଦିଲ୍ଲୀ,୧୮।୨/ଏଜେନ୍ସି:**

ନୂଆଦିଲ୍ଲୀ ଠାରେ ଆୟୋଜିତ ହେଉଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଅବସରରେ ବିଶ୍ୱ ନେତାମାନଙ୍କ ସହ ବୁଧବାର ଦ୍ୱିପାକ୍ଷିକ ବୈଠକ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ ମୋଦୀ ବୁଧବାର ସକାଳେ ହାଇଦ୍ରାବାଦ ହାଉସରେ ସ୍ପେନ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜଙ୍କ ସହ ଏକ ବୈଠକ କରିଛନ୍ତି।

**ପ୍ରତିରକ୍ଷା, ସୁରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆଲୋଚନା**

**ଆଜି ଟେକ୍ କମ୍ପାନୀ ମୁଖ୍ୟ ତଥା ସିଇଓଙ୍କ ସହ ଗୋଲ୍ ଟେବୁଲ୍ ବୈଠକ**

ଉଭୟ ନେତା ଭାରତ-ସ୍ପେନ୍ ସହଭାଗୀତାକୁ ଆହୁରି ଗଭୀର କରିବା ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ ବାଣିଜ୍ୟ ଏବଂ ଅର୍ଥନୀତି, ଡିଜିଟାଲ୍ ନବସୃଜନ, ସ୍ୱାସ୍ଥ୍ୟ, ଜଳବାୟୁ





କାର୍ଯ୍ୟ ଏବଂ ଶିକ୍ଷା ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ମୋଦୀ ଭାରତ-ୟୁପିଆଇ ସମ୍ପର୍କକୁ ଦୃଢ଼ କରିବା ପାଇଁ ସ୍ପେନର ନିରନ୍ତର ସମର୍ଥନ ପାଇଁ ତାଙ୍କର କୃତଜ୍ଞତା ପ୍ରକାଶ କରିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ମଧ ମୋଦୀ କହିଛନ୍ତି ଯେ ସେ ଏବଂ ସାଞ୍ଚେଜ୍ ପରସ୍ପର ସହ ଭାରତ-ସ୍ପେନ୍ ବନ୍ଧୁତାକୁ ବୃଦ୍ଧି କରିବା ପାଇଁ, ବିଶେଷକରି ପ୍ରତିରକ୍ଷା, ସୁରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆଲୋଚନା କରିଛନ୍ତି। ମୋଦୀଙ୍କ କହିବାନୁସାରେ ୟୁରୋପୀୟ ସଂଘ ସହିତ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ପେନ ସହିତ ଆର୍ଥିକ ସହଭାଗୀତା ଉପରେ ବହୁତ ସକାରାତ୍ମକ ପ୍ରଭାବ ପକାଇବ ଏବଂ ଉଭୟ ଦେଶର ଲୋକଙ୍କୁ ନୂତନ ସୁଯୋଗ ପ୍ରଦାନ କରିବ। ଉଭୟ ଦେଶ ୨୦୨୬ କୁ ଭାରତ-ସ୍ପେନ୍ ସଂସ୍କୃତି, ପର୍ଯ୍ୟଟନ ଏବଂ ଏଆଇ ବର୍ଷ ଭାବରେ ପାଳନ କରୁଛନ୍ତି। ଏହା ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଘନିଷ୍ଠ କରିବ। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ଫିନ୍‌ଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଆଣ୍ଟି ପେଟେରି ଓର୍ପୋଙ୍କ ସହିତ ମଧ ଆଲୋଚନା କରିଥିଲେ। ଉଭୟ ନେତା ସ୍ଥାୟୀତ୍ୱ ଏବଂ ଡିଜିଟାଲାଇଜେସନ୍, ଏଆଇ ଗବେଷଣା, ନୈତିକ ନବସୃଜନ ଏବଂ ଭାରତୀୟ ପ୍ରତିଭା ଦ୍ୱିପାକ୍ଷିକ

▶▶ ୫

### ଗାଲ୍‌ଗୋଟିଆସ୍ ବିଶ୍ୱବିଦ୍ୟାଳୟ

## ଏଆଇ ଏକ୍ସପୋରୁ ବିଦା

ନୂଆଦିଲ୍ଲୀରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମ୍ମିଳନୀ ପରିପ୍ରେକ୍ଷୀରେ ପ୍ରଦର୍ଶିତ ହେଉଥିବା ମେଗା ଏଆଇ ଏକ୍ସପୋ'ରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଚୀନ୍ ନିର୍ମିତ ଏକ ରୋବୋଟିକ୍ କୁକୁର ଏବଂ ଏକ କୋରିଆନ୍ କମ୍ପାନୀ ନିର୍ମିତ ଡ୍ରୋନ୍‌କୁ ନିଜ ପ୍ରସ୍ତୁତ ବୋଲି ଦାବି କରିବା ପୂର୍ବକ ଏକ୍ସପୋ'ରେ ପ୍ରଦର୍ଶିତ କରୁଥିବା ଅଭିଯୋଗରେ ଗାଲ୍‌ଗୋଟିଆସ୍ ବିଶ୍ୱବିଦ୍ୟାଳୟକୁ ଏକ୍ସପୋ'ରୁ ବିଦା କରିଦିଆଯାଇଛି। ତେବେ ଏହି ଘଟଣାକୁ ବିରୋଧୀ କଂଗ୍ରେସ ରାଜନୈତିକ ଅସ୍ତ୍ର କରିବା ପୂର୍ବକ ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଛି, ଯାହାଫଳରେ ଏହା ଏବେ ଏକ ବଡ଼ ପ୍ରସଙ୍ଗ ପାଲଟିଯାଇଛି। ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ କଂଗ୍ରେସ କହିଛି ଯେ, ସରକାର ଦେଶର ଛବିକୁ କ୍ଷୁର୍ଣ୍ଣ କରିଛି। ଚୀନ୍ ଗଣମାଧ୍ୟମ ଆମକୁ ଉପହାସ କରିଛି। ଏହା ଭାରତ ପାଇଁ ଏକ ପ୍ରକୃତ ଲଜ୍ଜାଜନକ ଘଟଣା।

**ଚୀନ୍ ପ୍ରସ୍ତୁତ ରୋବଟ୍ ଏବଂ କୋରିଆନ୍ ଡ୍ରୋନ୍‌କୁ ନିଜର ବୋଲି ଦର୍ଶାଇଥିବା ଅଭିଯୋଗ**



ବିଶ୍ୱବିଦ୍ୟାଳୟ ଏହି ରୋବୋଟିକ୍ କୁକୁରକୁ ନିଜର ବୋଲି ଦାବି କରୁଥିବା ବେଳେ ଏହାର ଏକ ଭିଡ଼ିଓ ଭାଇରାଲ ହୋଇଥିଲା। ଏପରିକି ବିଶ୍ୱବିଦ୍ୟାଳୟର ନେହା ସିଂହ ନାମ୍ନୀ ଜଣେ ପ୍ରଫେସର ଦୃଢ଼ତାର ସହ ଏହି ରୋବୋଟିକ୍ କୁକୁରର ନାମ "ଓରାଏନ୍" ଏବଂ ଏହାକୁ ଗାଲଗୋଟିଆସ୍ ବିଶ୍ୱବିଦ୍ୟାଳୟର ସେଣ୍ଟର ଅଫ୍ ଏକ୍ସଲେନ୍ସ ଦ୍ୱାରା

▶▶ ୫

# ରେଳ ଧାରଣା କଡ଼ରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୧୮।୨/ଏନ୍‌ଏନ୍‌ଏସ୍:** ରେଳବାଇ ପୁଲିସ (ଜିଆରପି) ବୁଧବାର ଜଣେ ମହିଳାଙ୍କ ମୃତଦେହ ରେଳଧାରଣା କଡରୁ ଜବତ କରିଛି । ମୃତକ ଜଣଙ୍କ ରାଜଲକ୍ଷ୍ମୀ ସାହୁ(୪୮)ଓ ତାଙ୍କ ଘର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତି ନଗର ବୋଲି ଜଣାପଡିଛି । ପରିବାର ଲୋକ ଆସି ମୃତ ରାଜଲକ୍ଷ୍ମୀଙ୍କୁ ଚିହ୍ନଟ କରିଥିଲେ । କେହି ଡାକି ଆଣି ରାଜଲକ୍ଷ୍ମୀଙ୍କୁ ହତ୍ୟା କରିଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି । ଜିଆରପି ପୁଲିସ ମୃତଦେହ ଜବତ କରି ବୁଧବାର ସକାଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରିଛି । ପୁଲିସ ଏନେଇ ୯/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସେ ଆତ୍ମହତ୍ୟା କରିଥିଲେ ନା ତାଙ୍କୁ କେହି ଡାକି ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ଘଟଣାରୁ ପ୍ରକାଶ ଯେ, ମୃତକ ମହିଳା ରାଜଲକ୍ଷ୍ମୀ ଏମକେସିଜି ମେଡିକାଲରେ ଆଉଟସୋର୍ସିଂ ଆଟେଣ୍ଡାଣ୍ଟ୍ ଭାବେ କାମ କରୁଥିଲେ । ମଙ୍ଗଳବାର ରାତିରେ ଡ୍ୟୁଟିରେ ଥିଲେ । ରାତିରେ ସେ କୌଣସି କାମରେ ସେଠାରୁ ବାହାରିଯାଇଥିଲେ । ବିଳମ୍ବିତ ରାତିରେ ତାଙ୍କ ମୃତଦେହ ରେଳଧାରଣା କଡ଼ରେ ପଡିଥିବା ବେଳେ ଅନ୍ୟ ଜଣେ ଯୁବକ ଆହତ ହୋଇଥିବା ଖବର ମିଳିଥିଲା । ଏଥିରେ ଆହତ ହୋଇଥିବା ଯୁବକ ଜଣଙ୍କ ବାବୁଲା ଜେନା ବୋଲି ଜଣାପଡିଛି । ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ପୁଲିସ ଏବେ ବିଭିନ୍ନ ଦିଗକୁ ନେଇ ଛାନ୍‌ଭିନ କରୁଛି । ଅନ୍ୟପଟେ ବାବୁଲା ସୁସ୍ଥ ହେବା ପରେ ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ କହିଛି ।

# ଆନ୍ତଃ ପିଢ଼ି ବନ୍ଧନ କାର୍ଯ୍ୟକ୍ରମ



**ଫୁଲବାଣୀ,୧୮।୨/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକର ସଭାଗୃହ ଠାରେ ଆନ୍ତଃ ପିଢ଼ି ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭିନ୍ନ ପିଢ଼ିମାନଙ୍କ ମଧ୍ୟରେ ସମ୍ପର୍କ ଓ ସାମାଜିକ ଏକତା ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଆନ୍ତଃ ପିଢ଼ି ବନ୍ଧନ କାର୍ଯ୍ୟକ୍ରମ କରାଯାଇଥିଲା । ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସୂଚନା ଅନୁଯାୟୀ, ଆନ୍ତଃ ପିଢ଼ି ବନ୍ଧନ କାର୍ଯ୍ୟକ୍ରମ ଭିନ୍ନ ବୟସର ଲୋକମାନଙ୍କୁ ଏକ ସାମାଜିକ ମଞ୍ଚରେ ଆଣି ପରସ୍ପର ଅନୁଭବ, ଜ୍ଞାନ ଓ ସାଂସ୍କୃତିକ ମୂଲ୍ୟବୋଧର ଆଦାନ-ପ୍ରଦାନ କରାଇବାକୁ ଲକ୍ଷ୍ୟ ରଖେ । ଏପରି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧମାନଙ୍କ ପ୍ରତି ସମ୍ମାନ ଓ ସମାଜିକ ଦାୟିତ୍ୱବୋଧ ଗଢ଼ି ତୋଳିବାରେ ସାହାଯ୍ୟ କରେ । କାର୍ଯ୍ୟକ୍ରମରେ ଖଜୁରୀପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଅନିମା କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାଂସ୍କୃତିକ ମୂଲ୍ୟ ଓ ପାରମ୍ପରିକତା ସୁରକ୍ଷାର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ । ଏହାସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ ଦତ୍ତାତ୍ରେୟ ବାହିନୀପତି, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ସାହୁ ଓ ପଞ୍ଚାୟତ ସମିତି ସଭ୍ୟ ଶୁକଦେବ ସେଠୀ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ଓ ତାଙ୍କର ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରିଥିଲେ । ଅତିଥିମାନେ ଏପରି କାର୍ଯ୍ୟକ୍ରମ ସମାଜରେ ସମ୍ମାନ, ସହଯୋଗ ଓ ସଂସ୍କୃତିକ ଏକତା ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା କହିଥିଲେ । ସ୍ଥାନୀୟ ମଣ୍ଡଳରେ ଏହି କାର୍ଯ୍ୟକ୍ରମ ପ୍ରତି ସାଧାରଣ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା ଓ ଭବିଷ୍ୟତରେ ଏପରି ଅଭିଯାନ ଆୟୋଜନ କରାଯିବାକୁ ମତ ପ୍ରକାଶ ପାଇଛି ।

# ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଆରମ୍ଭ , ୩ କେନ୍ଦ୍ରରେ ୨୩୩ ପରୀକ୍ଷାର୍ଥୀ

**ବୁଗୁଡ଼ା,୧୮।୨/ଏନ୍‌ଏନ୍‌ଏସ୍:** ଆଜି ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୁଗୁଡ଼ା ଅଞ୍ଚଳର ୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାଯାଇଛି । ବୁଗୁଡ଼ା ପିପୁଲ୍ସ କଲେଜ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ଆତ୍ମ ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ୧୪୧ ଜଣ ରେଗୁଲାର ଓ ୬ ଜଣ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀଙ୍କୁ ମିଶାଇ ୧୪୭ ଜଣ ପରୀକ୍ଷା ଦେଇଛନ୍ତି । ସେହିପରି ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ସରୋଜ କାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ୫୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୧ ଜଣ ପରୀକ୍ଷା ଦେଇଥିଲା ବେଳେ ସେମାନଙ୍କ ମଧ୍ୟରେ ୪୯ ଜଣ ରେଗୁଲାର ଓ ୨ ଜଣ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି । ଅନୁରୂପ ଭାବେ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେନ୍ଦ୍ର ସୁପରିଟେଣ୍ଡେଣ୍ଟ୍ ଅଧ୍ୟକ୍ଷ ଅନୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୩୨ ଜଣ ରେଗୁଲାର ଓ ୩ ଜଣ ଏକ୍ସ-ରେଗୁଲାର ହିସାବରେ ୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ତେବେ କପିକୁ ରୋକିବା ପାଇଁ ପରୀକ୍ଷାର୍ଥୀଙ୍କୁ କଡାକଡି ଭାବେ ଯାଞ୍ଚ କରାଯାଇଥିବା ବେଳେ ଉକ୍ତ ୩ଟି କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସମ୍ପନ୍ନ ହୋଇଛି । ଅନ୍ୟପକ୍ଷରେ ,ପିପୁଲ୍ସ କଲେଜ ହବ୍ ସେଣ୍ଟର ହୋଇଥିବାରୁ ସେଠାରେ ସଶସ୍ତ୍ର ପୋଲିସ୍ ପ୍ରହରା ସହ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରହିଥିବା ବେଳେ ସୁପରଭାଇଜର ଦାୟିତ୍ୱରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଏବଂ ଡେପୁଟି ସୁପରଭାଇଜର ଦାୟିତ୍ୱରେ ଅଧ୍ୟାପକ ଡ.ଜୟରାମ ବିଷୋୟୀ ରହିଥିବା ଜଣାଯାଇଛି ।



## ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନା ସମ୍ପର୍କିତ କର୍ମଶାଳା

# ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲିବ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ

**ଛତ୍ରପୁର,୧୮।୨/ଏନ୍‌ଏନ୍‌ଏସ୍:** ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପୂର୍ବାନୁମାନ କ୍ରମେ ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ତୀବ୍ର ଗ୍ରୀଷ୍ମ ପ୍ରବାହ ପରିଲକ୍ଷିତ ହେବା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଗ୍ରୀଷ୍ମ ପ୍ରବାହ ପରିଚାଳନା ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରାକ-ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତା କରି ଗ୍ରୀଷ୍ମ ପ୍ରବାହ ସଠିକ୍ ମୁକାବିଲା ନେଇ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗୀୟ ଅଧିକାରୀମାନେ ଗ୍ରୀଷ୍ମ ପ୍ରବାହ ପରିଚାଳନାକ ଏକ ନିୟମିତ କାର୍ଯ୍ୟ ଭାବେ ଗ୍ରହଣ ନ କରି ଆନ୍ତରିକତା ଓ ସମ୍ବେଦନଶୀଳ ଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ପ୍ରତି ଅଂଶୁଘାତ ଜନିତ ବିପଦ ଆଶଙ୍କା ରହିଛି । ତେଣୁ ଏନେଇ ବ୍ୟାପକ ଜନସଚେତନତା ଜରୁରୀ ଜିଲ୍ଲାପାଳ କହିଛନ୍ତି । କୌଣସି କାମରେ ଜନସାଧାରଣ ବାହାରକୁ ଗଲେ, ସାଥିରେ ପାଣି ବୋତଲ, ଛତା, ଟୋପି, ଓଦା କପଡା ମୁଣ୍ଡରେ ପକାଇ ଯାତାୟତ କରିବାକୁ ଅନୁରୋଧ କରିଛନ୍ତି । ମଧ୍ୟାହ୍ନ ସମୟରେ କୌଣସି ଜରୁରୀ କାମ ନଥିଲେ ଟାଣ ଖରାରେ ଘରୁ ନ ବାହାରିବାକୁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଗ୍ରୀଷ୍ମ ଋତୁରେ ପାନୀୟ ଜଳ କଷ୍ଟ ଠାରୁ ଆଉ ବଡ କଷ୍ଟ ନାହିଁ, ତେଣୁ ଖରାପ ଥିବା ନଳ କୂଅକୁ ତୁରନ୍ତ ମରାମତି, ଚଳିତ ମାସ ଶେଷ ସୁଦ୍ଧା ସମସ୍ତ ବ୍ଲକରେ ଆବଶ୍ୟକତା ଅନୁଯାଇ ପାନୀୟ ଜଳ ବଣ୍ଟନକାରୀ ମୋବାଇଲ ଭ୍ୟାନ ଯୋଗାଇବା, ଭଞ୍ଜନଗର, ସୁନାପୁର ଓ ଅନ୍ୟାନ୍ୟ ଜଳକିଷ୍ଟ ଅଂଚଳର ପାନୀୟ ଜଳ ସମସ୍ୟାକୁ ପ୍ରାଥମିକତା ଦେବା, ନିରବଚ୍ଛିନ୍ନ ବିଦ୍ୟୁତ ପ୍ରବାହ, ବ୍ୟାପକ ସୁବ୍ୟବସ୍ଥିତ ଜଳଛତ୍ର, ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ଅସହାୟ ଲୋକଙ୍କ ପାଇଁ ଦିବସ ଆଶ୍ରୟ କେନ୍ଦ୍ର, ଜିଲ୍ଲା ଓ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରିବା, ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥା, ଛାତ୍ରଛାତ୍ରୀମାନଙ୍କୁ ନିୟମିତ ବ୍ୟବଧାନରେ ପାନୀୟ ଜଳ ପିଇବାକୁ ମାର୍ଗଦର୍ଶନ, ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ବିଦ୍ୟୁତ ପ୍ରବାହ, ବନ୍ୟ ଜୀବଜନ୍ତୁଙ୍କ ପାଇଁ ପିଇବା ପାଣି, ସମସ୍ତ କାର୍ଯ୍ୟରେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ସଂଶ୍ଳିଷ୍ଟ, ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ପ୍ରସ୍ତୁତ ରହିବା ସହ ସମସ୍ୟା ଓ ସମାଧାନ ସମ୍ପର୍କିତ ଗୁଗୁଲ ସିଟର ନିୟମିତ ପରିଚାଳନା, ସ୍ୱାସ୍ଥ୍ୟ ବିଭାଗକୁ ପକ୍ଷରୁ ବ୍ୟାପକ ଓଆରଏସ ଯୋଗାଣ ସହିତ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା, ସରକାରଙ୍କ ସମୟ ସାରଣୀ ଅନୁଯାୟୀ ଶ୍ରମିକମାନଙ୍କ କାର୍ଯ୍ୟ କରିବା ସୁନିଶ୍ଚିତ କରିବାକୁ ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଜୟ କୁମାର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ଆପାତକାଳୀନ ଅଧିକାରୀ, ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପରିବହନ, ଶ୍ରମ, ଶିକ୍ଷା, ସମାଜ ମଙ୍ଗଳ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।




## ଚାଷୀମାରଣ ନୀତି ବିରୋଧରେ ଗର୍ଜିଲା ବିଜେଡି

# ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଦାବିପତ୍ର ପ୍ରଦାନ

**ବ୍ରହ୍ମପୁର,୧୮।୨/ଏନ୍‌ଏନ୍‌ଏସ୍:** ବିଜେପି ସରକାରର ଚାଷୀ ମାରଣା ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରତିଶ୍ରୁତି ଖିଲାପୀ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇଛି ଗଞ୍ଜାମ ଜିଲ୍ଲା ବିଜେଡି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳ ପକ୍ଷରୁ ଆଜି ଆରଡ଼ିସି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ବିଡ଼ିଏ ଅଫିସ ଛକ ନିକଟରୁ ଏକ ବିରାଟ ବିକ୍ଷୋଭ ଶୋଭାଯାତ୍ରାରେ ଶହ ଶହ ବିଜେଡି ନେତା ଓ କର୍ମୀ ଆସି ଆରଡ଼ିସିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଦୀର୍ଘ ସମୟ ଧରି ଆରଡ଼ିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଗଞ୍ଜାମ ଜିଲ୍ଲାରେ ଚାଷୀମାନଙ୍କ ଦୁଃଦର୍ଶା ବଢ଼ିବାରେ ଲାଗିଛି । ମଣ୍ଡିରେ ଧାନ ବିକିନପାରି ଚାଷୀ ହଇରାଣ ହେଉଥିବା ବେଳେ ମିଲର ମାନଙ୍କ ରାଜ୍ ଚାଲିଛି । ବିଜେପି ସରକାର ପୂର୍ବରୁ ଚାଷୀ ମାନଙ୍କୁ ପ୍ରତିଶ୍ରୁତିରେ ପୋତି ପକାଇଥିଲା । ଚାଷୀ ମାନଙ୍କ ସମସ୍ତ ଧାନ କ୍ରୟ କରିବା, ଚାଷ କାର୍ଯ୍ୟ ନିମନ୍ତେ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବା ସହ ଅନ୍ୟାନ୍ୟ ସୁବିଧା ଦେବା ପାଇଁ କହିଥିଲା । କିନ୍ତୁ ବର୍ତ୍ତମାନ ବିଜେପି ସରକାରକୁ ଆସିବା ପରେ ଚାଷୀମାନଙ୍କୁ ପ୍ରତାରଣା ଦେଇଛି । ଚାଷୀଙ୍କ ଠାରୁ ଧାନ ଗ୍ରହଣ ହୋଇପାରୁନାହିଁ । ଶହ ଶହ ଧାନ ବସ୍ତା ସେଭଳି ଚାଷୀ ନିଜ ଘରେ ଓ ଚାଷ ଜମିରେ ରଖିଛି । ସରକାର ସୁରୁଖୁରୁରେ ଧାନ ଚାଷୀଙ୍କ ଠାରୁ ନ ନିଅନ୍ତି ତେବେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି ବିଜେଡ଼ି ନେତାମାନେ କହିଥିଲେ । ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜେଡ଼ିର ବରିଷ୍ଠ ନେତା ଭୃଗୁବକ୍ସି ପାତ୍ର, ବିଜେଡ଼ି ମୁଖପାତ୍ର ଲେନିନ୍ ମହାନ୍ତି, ବ୍ରହ୍ମପୁରର ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲା ବିଜେଡ଼ିର ଦୁଇ କାର୍ଯ୍ୟକାରୀ ସଭାପତି, ଜିଲ୍ଲାର ବହୁ ପୂର୍ବତନ ବିଧାୟକ, ବିଧାୟିକାଙ୍କ ସମେତ ଶହ ଶହ ବିଜେଡ଼ି ନେତା ଓ କର୍ମୀ ମାନେ ଯୋଗ ଦେଇଥିଲେ ।



# ବ୍ରହ୍ମପୁର ପୁଲିସର ରକ୍ତଦାନ ଶିବିର, ୬୦ ୟୁନିଟ୍ ସଂଗ୍ରହ

**ବ୍ରହ୍ମପୁର,୧୮।୨/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ପୁଲିସ୍ ପକ୍ଷରୁ ଆଜି ସ୍ଥାନୀୟ ଆମ୍ବପୁଆ ରିଜର୍ଭ ପୁଲିସ୍ କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଦକ୍ଷିଣାଞ୍ଚଳ ପୁଲିସ୍ ଆଇଜି ନୀତି ଶେଖର ଯୋଗଦେଇ ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ । ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍‌ଙ୍କ ସମେତ ବହୁ ପୁଲିସ୍ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଆଇଜି ନୀତି ଶେଖର ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଖୁସି ପ୍ରକଟ କରିବା ସହ ନିଜେ ମଧ୍ୟ ରକ୍ତଦାନ କରିଥିଲେ । ଏହି ଅବସରରେ ପୁଲିସ୍ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଶିବିରରୁ ମୋଟ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ବ୍ରହ୍ମପୁର ପୁଲିସ୍ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



# ଏମ୍‌କେସିଜିରେ ପୂର୍ବତନ ବିଧାୟକ ବିକ୍ରମଙ୍କୁ ଭେଟିଲେ ବିଜେଡି ନେତା

**ବ୍ରହ୍ମପୁର,୧୮।୨/ଏନ୍‌ଏନ୍‌ଏସ୍:** ଆଇନ୍‌ଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ବିଚାରାଧିନ ବନ୍ଦୀ ଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଅସୁସ୍ଥ ଥିବାରୁ ତାଙ୍କୁ ପୁଣି ଥରେ ଗତକାଲି ବ୍ରହ୍ମପୁର ବଡ ଡାକ୍ତରଖାନାକୁ ଅଣାଯାଇଛି । କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜେଲ୍ କର୍ତ୍ତୃପକ୍ଷ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି । ବୁଧବାର ରାଜ୍ୟ ଓ ଜିଲ୍ଲା ବିଜେଡିର ବହୁ ଶୀର୍ଷ ନେତୃତ୍ୱ ଏମ୍‌କେସିଜିର ସର୍ଜରୀ ବିଭାଗରେ ଚିକିତ୍ସିତ ବିକ୍ରମଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ରାଜନୈତିକ ଉଦ୍ଦେଶ୍ୟ ରଖି ବିକ୍ରମଙ୍କୁ ଗିରଫ କରାଯାଇଛି । ନ୍ୟାୟ ପାଳିକା ଉପରେ ତାଙ୍କର ଭରସା ଅଛି । ସେ ନ୍ୟାୟ ପାଇବେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ବିକ୍ରମଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ନଥିବା ବେଳେ ତାଙ୍କୁ ସରକାର ଉଚିତ୍ ସ୍ୱାସ୍ଥ୍ୟସେବା ଯୋଗାଇବା ବଦଳରେ ଅକଥନୀୟ ନିର୍ଯ୍ୟାତନା ଦିଆଯାଉଛି । ତେଣୁ ଏଥିପ୍ରତି ସରକାର ଦୃଷ୍ଟିଦେଇ ବିକ୍ରମଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ବରିଷ୍ଠ ବିଜେଡି ନେତା ଭୃଗୁ ବକ୍ସିପାତ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି । ମେଡିକାଲ୍‌ରେ ବିକ୍ରମଙ୍କୁ ବିଜେଡି ନେତା ଭୃଗୁ ବକ୍ସିପାତ୍ରଙ୍କ ସମେତ ବିଜେଡି ମୁଖପାତ୍ର ଲେଲିନ ମହାନ୍ତି, ତୁମ୍ବନାଥ ପଣ୍ଡା, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟିକା ଲତିକା ପ୍ରଧାନଙ୍କ ସମେତ ବହୁ ନେତା ଭେଟିଥିଲେ ।

# ତାରାତାରିଣୀ କଲେଜରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ

**ପୁରୁଷୋତ୍ତମପୁର,୧୮।୨/ଏନ୍‌ଏନ୍‌ଏସ୍:**ପୁରୁଷୋତ୍ତମପୁରସ୍ଥିତ ତାରାତାରିଣୀ ମହାବିଦ୍ୟାଳୟରେ ଆରମ୍ଭ ହୋଇଛି ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା । ବିଦ୍ୟାର୍ଥୀମାନେ ସକାଳ ସାଢେ ୯ଟାରେ ନିଜ ପରିଚୟ ପତ୍ର ଦେଖାଇ କଲେଜ ମଧ୍ୟକୁ ପ୍ରବେଶ କରିଥିଲେ । କଲେଜରେ ଶାନ୍ତି ଶୃଙ୍ଖଳା ସହକାରେ ପ୍ରଥମ ଦିନ ପରୀକ୍ଷା ଦେଇଥିଲେ । ଦିନ ଏକ ଘଣ୍ଟା ସମୟରେ ପରୀକ୍ଷା ଶେଷ ହୋଇଥିଲା । କଲେଜର ଅଧକ୍ଷ ପ୍ରଦୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବିଧାନରେ ଏବଂ ଅନ୍ୟ ଶିକ୍ଷକଓ ଶିକ୍ଷୟତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ସହଯୋଗରେ ପରୀକ୍ଷା ସୁଚାରୁରୂପେ ପରିଚାଳନା ହୋଇଥିଲା । ପ୍ରଥମ ଦିନ ପରୀକ୍ଷା ଦେଇ ଛାତ୍ରଛାତ୍ରୀମାନେ ଖୁସି ଥିବା ଦେଖିବାକୁ ମିଳିଥିଲା ।

# ମାନବ ଚାଲାଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର,୧୮।୨/ଏନ୍‌ଏନ୍‌ଏସ୍:** ଏକ ମାନବ ଚାଲାଣ ମାମଲାର ବିଚାରଣା କରି ୨ୟ ଅତିରିକ୍ତ ଜିଲ୍ଲା ଦୌରା ବିଚାରପତି ଆୟୁଷ୍ମାନ ମହନ୍ତ ଅଭିଯୁକ୍ତ କନକ ନାହାକ ଓ ସୁକାନ୍ତ ସାହୁଙ୍କୁ ଆବଶ୍ୟକୀୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଗତ ୨୦୧୮ ମସିହା ଅଗଷ୍ଟ ୧ ତାରିଖ ଦିନ ପାଟପୁର ଥାନାରେ ଖଳିଙ୍ଗି ପଞ୍ଚାୟତର ସରପଞ୍ଚ ସଞ୍ଜୟ ରାଉତଙ୍କ ଏକ ଲିଖିତ ଅଭିଯୋଗ ପତ୍ରରେ ତାଙ୍କ ଗ୍ରାମରେ ମନ୍ଦ ଉଦେଶ୍ୟ ରଖି ଅଧିକ ଉଚ୍ଚତା ସମ୍ପନ୍ନ ମହିଳାଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ଭୁବନେଶ୍ୱର ନେବା ପାଇଁ ଉଦ୍ୟମ କରୁଥିଲା ବେଳେ ପୁଲିସ ଉଭୟଙ୍କୁ ଭାରତୀୟ ଦଣ୍ଡ ବିଧାନ ସହିଂତା ର ଦଫା ୩୭୦(୨), ୫୧୧, ୪୧୭ ଅନୁଯାଇ ଗିରଫ କରି ଅଦାଲତକୁ ବିଚାରଣା ପାଇଁ ପଠାଇଥିଲେ । ଏନେଇ ପାଟପୁର ଥାନାରେ ୧୩୪/୧୮ରେ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ଭୁବନେଶ୍ୱର ସାଲିଆ ସାହିର ଜଣେ ଅଭିଯୁକ୍ତ ଛାୟା ପ୍ରଧାନ ଫେରାର ଅଛନ୍ତି । ମୋଟ ଛଅ ଜଣ ସାକ୍ଷୀଙ୍କ ବିଚାରଣା ହୋଇଥିଲା । ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ମନୋଜ ପଟ୍ଟନାୟକ ତାଙ୍କ ସହଯୋଗୀ ଚନ୍ଦ୍ରଗୁପ୍ତ ପଟ୍ଟନାୟକ, ନଦିଆଚାନ୍ଦ ବିଶ୍ୱାଳ ଓ ନୀଳାଞ୍ଚଳ ତ୍ରିପାଠୀ ମକଦ୍ଦମା ଲଢୁଥିଲେ ।

# ବୁଗୁଡ଼ା ବ୍ଲକ୍ ଠିକାଦାର ସଂଘ ଗଠିତ

**ବୁଗୁଡା,୧୮।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ର ପରିସରରେ ବୁଗୁଡା ବ୍ଲକର ଠିକାଦାରମାନଙ୍କୁ ନେଇ ବୟୋଜ୍ୟେଷ୍ଠ ଠିକାଦାର ଗୌର ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଶ୍ରୀ ଗଙ୍ଗାଧର ସ୍ୱାମୀ ଠିକାଦାର ସଂଘ ଗଠିତ ହୋଇଯାଇଛି । ଏହି ନବ ଗଠିତ ଠିକାଦାର ସଂଘର ସଭାପତି ଭାବେ ମାନସ ରଞ୍ଜନ ପ୍ରଧାନ, ସମ୍ପାଦକ ଭାବେ ରାହୁଲ ବିଷୋୟୀ , କୋଷାଧକ୍ଷ ଭାବେ ସୁଜନ କୁମାର ଦାଶ ଏବଂ କାର୍ଯ୍ୟକାରୀ କମିଟିକୁ ବବୁଲ ନାୟକ, ସୁନୀଲ କୁମାର ପାଢି, ନୀଳାଞ୍ଚଳ ପଣ୍ଡା , ବିଚିତ୍ର ବରାଡ , ଦିଲ୍ଲୀପ ତ୍ରିପାଠୀ, ରାଜାରାମ ନାୟକ, ରମଣ ନାହାକ, ଆଶିଷ ମିଶ୍ର , ଅମରେନ୍ଦ୍ର ସେନାପତି ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଏ ଅବସରରେ ବୁଗୁଡା ଅଞ୍ଚଳର ସମସ୍ତ ସରକାରୀ ଟେଣ୍ଡର କାର୍ଯ୍ୟ ପାଇଁ କେବଳ ବୁଗୁଡା ବ୍ଲକର ଠିକାଦାରମାନଙ୍କୁ ହିଁ ସୁଯୋଗ ଦିଆଯିବ ଏବଂ ଟେଣ୍ଡର ଗୁଡିକୁ ଲେସ୍ ରେଟରେ ନପକାଇ ସିଡ୍ୟୁଲ୍ ରେଟରେ ପକାଇବା ନେଇ ସ୍ଥିର କରାଯାଇଥିଲା । ପରିଶେଷରେ ଠିକାଦାର ରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୌରପାଳିକାରେ ପଞ୍ଚାୟତକୁ ମିଶ୍ରଣ ନେଇ ବିରୋଧ

**ଛତ୍ରପୁର,୧୮।୨/ଏନ୍‌ଏନ୍‌ଏସ୍:** ଆର୍ଯ୍ୟପଲ୍ଲୀ ପଞ୍ଚାୟତକୁ ଛତ୍ରପୁର ପୌରପାଳିକାରେ ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶତାଧିକ ପଞ୍ଚାୟତବାସୀ । ଏଦିଗରେ ଜିଲ୍ଲା ପ୍ରଶାସନ ତଥା ସରକାର କୌଣସି ପଦକ୍ଷେପ ନ ନିଅନ୍ତି ତେବେ ପଞ୍ଚାୟତବାସୀ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏଥି ସହିତ ପଞ୍ଚାୟତରେ ଥିବା ସମସ୍ତ ସ୍କୁଲ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ କରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି । ଆର୍ଯ୍ୟପଲ୍ଲୀ ପଞ୍ଚାୟତକୁ ପୌରପାଳିକାରେ ମିଶ୍ରଣ ପାଇଁ ପଞ୍ଚାୟତବାସୀଙ୍କ ସହ କୌଣସି ଆଲୋଚନା ହୋଇନାହିଁ କିମ୍ବା ପଲ୍ଲୀସଭା ମଧ୍ୟ କରାଯାଇନି । ଏନେଇ ପଞ୍ଚାୟତ ପ୍ରତିନିଧିଙ୍କୁ ଜଣାଇ ନାହାନ୍ତି । ସେମାନେ ପୌରପାଳିକାରେ ସାମିଲ ହେଲେ ଅତିରିକ୍ତ ଆର୍ଥିକ ବୋଝ ଯଥା ଜଳକର, ହାଉସିଂ ଟ୍ୟାକ୍ସ, ବିଲଡିଂ ପ୍ଲାନ୍ ଓ ଏହାର ମଞ୍ଜୁରି ଆଦି ବୋଝ ପଡ଼ିବ । ଏଣୁ ଆର୍ଯ୍ୟପଲ୍ଲୀ ପଞ୍ଚାୟତକୁ ପୌରପାଳିକାରେ ନ ସାମିଲ କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି । ଏନେଇ ଏକ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟିର ସଂପାଦକ ଏମ୍. ଦିଲ୍ଲୀପ, ସରପଞ୍ଚ ତ୍ରିଲୋଚନ ବେହେରା, ପୂର୍ବତନ ସମିତିସଭ୍ୟ ବି.ଭୀମସେନ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ ଓ ଏସ୍. ଚକ୍ରପାଣି ରେଡ୍ଡୀ, ଆର୍. ଗୋବିନ୍ଦାଙ୍କ ସମେତ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ଆଜି ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା

# ପରୀକ୍ଷାର୍ଥୀଙ୍କୁ ବେଷ୍ଟ ଅଫ୍ ଲକ୍ ଜଣାଇଲେ ଶିକ୍ଷାବିତ୍

**ଆସିକା,୧୮।୨/ଏନ୍‌ଏନ୍‌ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଆସନ୍ତାକାଲି ଅର୍ଥାତ୍ ଗୁରବାର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ସରିବ । ଆସିକା ବ୍ଲକ ଓ ଏନ୍‌ଏସିର ୧୦ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ସୁପରିଚାଳନା ଲାଗି ଶିକ୍ଷାବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତାକାଲି ମାଟ୍ରିକ ପରୀକ୍ଷାର ପ୍ରଥମ ଦିବସରେ ମାତୃଭାଷା ଓଡିଆ ପରୀକ୍ଷା ଦେବେ ବିଦ୍ୟାର୍ଥୀ । ପରୀକ୍ଷା ସମୟରେ ପରୀକ୍ଷାର୍ଥୀ ମାନେ ମନ ଓ ଶରୀରକୁ ସୁସ୍ଥ ରଖିବା ସହ ପରୀକ୍ଷାରେ ଯେପରି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି । ମାଟ୍ରିକ ପରୀକ୍ଷା ବିଦ୍ୟାର୍ଥୀଙ୍କ ପାଇଁ କ୍ୟାରିୟର ଗଠନର ପ୍ରଥମ ସୋପାନ । ସେଥିପାଇଁ ମାଟ୍ରିକ ପରୀକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ମାଟ୍ରିକ ପରୀକ୍ଷାର ଫଳାଫଳ କ୍ୟାରିୟର ଗଠନ ଉପରେ ନିଶ୍ଚିତ ପ୍ରଭାବ ପକାଇଥାଏ । ତେଣୁ ମାଟ୍ରିକ ପରୀକ୍ଷା ସମୟରେ ପରୀକ୍ଷାର୍ଥୀଙ୍କ ସହ ଅଭିଭାବକ ମାନେ ମଧ୍ୟ ଅଧିକ ଚିନ୍ତାରେ ରହିଥାନ୍ତି । ଯଦି କିଛି ଛୋଟ ଛୋଟ କଥାକୁ ଧ୍ୟାନରେ ରଖାଯାଏ ତେବେ ପରୀକ୍ଷାର୍ଥୀ ଭଲ ନମ୍ବର ରଖି ସଫଳତା ପାଇପାରିବେ । ଏଥି ସହ ନିଜ କ୍ୟାରିୟରକୁ ମଧ୍ୟ ଭଲଭାବେ ଗଢି ପାରିବେ । ପରୀକ୍ଷାକୁ ନେଇ ଶିକ୍ଷାବିତ୍ ମନରେ କ'ଣ ରହିଛି ଆସନ୍ତୁ ଶୁଣିବା ସେମାନଙ୍କ ମୁହଁରୁ ।

**ବିଭୁନନ୍ଦନ ପଣ୍ଡା (ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ,ଆସିକା):** ଆସନ୍ତାକାଲି ମାଟ୍ରିକ ପରୀକ୍ଷା । ସବୁ ପରୀକ୍ଷାର୍ଥୀଙ୍କୁ ବେଷ୍ଟ ଅଫ୍ ଲକ୍ ଜଣାଉଛି । ସବୁ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ କରନ୍ତୁ । ନିଜର ପ୍ରସ୍ତୁତକୁ ଆଧାର କରି ଆତ୍ମ ବିଶ୍ୱାସ ରଖନ୍ତୁ ଏବଂ ନିର୍ଭୟର ସହ ପରୀକ୍ଷା ଦେଇ ସଫଳତା ହାସଲ କରନ୍ତୁ ବୋଲି ପରୀକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି । ମାଟ୍ରିକ ପରୀକ୍ଷା ଉପରେ କ୍ୟାରିୟର ନିର୍ଭର କରୁଛି ତେଣୁ ପରୀକ୍ଷାର୍ଥୀ ମାନେ ସବୁ ପ୍ରଶ୍ନର ଉତ୍ତର ଦେବାକୁ ପରାମର୍ଶ ଦେଉଛି । ମାଟ୍ରିକ ପରୀକ୍ଷା ଜୀବନର ଟର୍ନିଂ ପଏଣ୍ଟ ହୋଇଥିବାରୁ ପରୀକ୍ଷାର୍ଥୀ ମାନେ ପ୍ରଥମେ ପ୍ରଶ୍ନ ପତ୍ରକୁ ଭଲ ଭାବରେ ପଢି ଧୈର୍ଯ୍ୟର ସହ ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଲେଖିବାକୁ ଚେଷ୍ଟା କରନ୍ତୁ ।

**ଭଞ୍ଜ ବେହେରା (ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ,ଆସିକା):** କ୍ୟାରିୟର ଗଠନ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ସଫଳତାର ସହ ଅତିକ୍ରମ କରିବାକୁ ପରାମର୍ଶ ଦେଉଛି ।

**ରମାକାନ୍ତ ମହାନ୍ତି (ଆସିକା ପିଏମ୍‌ଶ୍ରୀ ନୋଡାଲ୍ ସେଣ୍ଟର ଅଧୀକ୍ଷକ):** ପରୀକ୍ଷାର୍ଥୀମାନେ କେବଳ ଆଡମିଟ୍ କାର୍ଡ ଓ ପେନ୍ ଧରି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରନ୍ତୁ । ପରୀକ୍ଷାର୍ଥୀ ମାନେ ନିଜର ପ୍ରସ୍ତୁତି ଉପରେ ଭରସା ରଖନ୍ତୁ । ସବୁ ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ କରିବାକୁ ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛି ।

**ତାରାପ୍ରସାଦ ମିଶ୍ର(ପ୍ରଧାନଶିକ୍ଷକ, ମା'ରତ୍ନମାଳୀ ହାଇସ୍କୁଲ, ମଣ୍ଡାପଡା):** ପରୀକ୍ଷା ପାଇଁ ପରୀକ୍ଷାର୍ଥୀ ମାନେ ମନରେ ଭୟ ନ ରଖି ସହଜ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବେ ପ୍ରଥମେ ଲେଖିବାକୁ ପରାମର୍ଶ ।

**ନାରାୟଣ ବେହେରା, (ଆଇନଜୀବୀ):** ମାଟ୍ରିକ ପରୀକ୍ଷା ପାଇଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ସଫଳତା କାମନା କରୁଛି ।

**ପ୍ରଜ୍ଞା ପରମିତା ପଣ୍ଡା(ପ୍ରଧାନଶିକ୍ଷୟିତ୍ରୀ, ସରକାରୀ ଟେକନିକାଲ୍ ହାଇସ୍କୁଲ):** ପରୀକ୍ଷାର୍ଥୀମାନେ ସୁନ୍ଦର ଅକ୍ଷର ଓ ବନାନ ଶୁଦ୍ଧି ଉପରେ ସର୍ବାଧିକ ଗୁରୁତ୍ୱ ଦେଇ ସମୟକୁ ଉପଯୋଗ କରି ସମସ୍ତ ପ୍ରଶ୍ନର ଉତ୍ତର ସଠିକ୍ ଭାବେ ଲେଖିବାକୁ ପରାମର୍ଶ ଦେଉଛି ।

**ଶରତ ଚନ୍ଦ୍ର ଖାଡଙ୍ଗା(ଅବସରପ୍ରାପ୍ତ ଶିକ୍ଷକ):** ମାଟ୍ରିକ ପରୀକ୍ଷାର୍ଥୀମାନେ ସମସ୍ତ ପ୍ରଶ୍ନକୁ ଭଲ ରୂପେ ପଢି ବୁଝିବା ସହ ଯେଉଁ ପ୍ରଶ୍ନ ଉତ୍ତର ସହଜ ଓ ସରଳ ଲାଗୁଛି ପ୍ରଥମେ ତାକୁ ଲେଖିବାକୁ ପରାମର୍ଶ ଦେଉଛି ।

**ନାରାୟଣ ମହାପାତ୍ର(ପ୍ରଧାନଶିକ୍ଷକ, ଜଗଦଳପୁର ହାଇସ୍କୁଲ, ଗୁଣ୍ଡପଡା):** ମାଟ୍ରିକ ପରୀକ୍ଷାକୁ ନେଇ ପରୀକ୍ଷାର୍ଥୀଙ୍କ ମନ ଚଞ୍ଚଳ ଓ ଅସ୍ଥିର ହେବା ସ୍ୱାଭାବିକ କଥା । ଏହି ମାଟ୍ରିକ ପରୀକ୍ଷା ହେଉଛି ବର୍ଷକ ଯାକର ପାଠପଢାଜନିତ ପରିଶ୍ରମର ଫଳ । ପରୀକ୍ଷାର୍ଥୀମାନେ କଷ୍ଟ ପ୍ରଶ୍ନର ଉତ୍ତର ଭାବି ଭାବି ଲେଖିଲେ ଅଧିକ ସମୟ ଅପଚୟ ହେବାର ସମ୍ଭାବନା ଥିବାରୁ ମନକୁ ଶାନ୍ତି ରଖି ଯେଉଁ ପ୍ରଶ୍ନର ଉତ୍ତର ସହଜ ଓ ସରଳ ଲାଗୁଛି ତାକୁ ଲେଖିବାକୁ ପରାମର୍ଶ ଦେଉଛି।

**ସୁଶାନ୍ତ କୁମାର ପଣ୍ଡା(ଶିକ୍ଷକ, ଆସିକା ପିଏମ୍‌ଶ୍ରୀ ହରିହର ହାଇସ୍କୁଲ):** ଶ୍ରେଣୀ ପରୀକ୍ଷା ଅପେକ୍ଷା ଜୀବନରୂପକ ମାଟ୍ରିକ ପରୀକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ପରୀକ୍ଷାରେ କୌଣସି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ପ୍ରଥମେ ପ୍ରଶ୍ନଟିକୁ ଭଲ ଭାବେ ପଢି ବୁଝିବା ଆବଶ୍ୟକ । ସଂକ୍ଷିପ୍ତ ଅବା ଦୀର୍ଘ ପ୍ରଶ୍ନ ହେଉ ସହଜ ପ୍ରଶ୍ନ ଗୁଡିକର ଉତ୍ତର ପ୍ରଥମେ ଲେଖିସାରିଲା ପରେ ପରବର୍ତ୍ତୀ ପ୍ରଶ୍ନ ଗୁଡିକର ଉତ୍ତର ଲେଖିଲେ ନିଶ୍ଚିତ ଭାବେ ମନୋବଳ ବୃଦ୍ଧି ପାଇବ ।

**ପ୍ରସନ୍ନ କୁମାର ତ୍ରିପାଠୀ(ଶିକ୍ଷାବିତ୍):** ସମସ୍ତ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭକାମନା, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ପରୀକ୍ଷାରେ ସଫଳତା କାମନା କରୁଛି ।

**ଦକ୍ଷତା ବିକାଶ କ୍ଷେତ୍ରରେ ୪ ବୁଝାମଣାପତ୍ର ବିନିମୟ**

# ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ: ମନ୍ତ୍ରୀ

**ଭୁବନେଶ୍ୱର,୧୮।୨ /ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ବୁଧବାର ୪ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ବିନିମୟ ହୋଇଛି। ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଓଡ଼ିଶାର ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ କରିବା ସରକାରଙ୍କର ମୁଖ୍ୟ ପ୍ରାଥମିକତା। ଭିତ୍ତିଭୂମି ଶିଳ୍ପ ଗଢ଼େ, ହେଲେ ଦକ୍ଷତା ହିଁ ମାନବ ସମ୍ବଳକୁ ସମୃଦ୍ଧ କରେ ଯାହା ସେହି ଶିଳ୍ପକୁ ବଢ଼ାଇବା ପାଇଁ ଆବଶ୍ୟକ। ଏଥିସହ ସେ କହିଥିଲେ ଯେ, ଦକ୍ଷତା ବିକାଶ କେବଳ ଏକ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ନୁହେଁ ଏହା ଏକ ମୁଖ୍ୟ ଅର୍ଥନୈତିକ ରଣନୀତି ଯାହା ସାମଗ୍ରିକ ବିକାଶ କରିବା ସହ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବ। ଏହାସହ ରାଜ୍ୟର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ଯୁବପିଢିଙ୍କୁ ଭବିଷ୍ୟତ ଉପଯୋଗୀ ଦକ୍ଷତାରେ ସଶକ୍ତ କରିବା ଜରୁରୀ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଟାଟା ଟେକ୍ନୋଲୋଜି ସହିତ ସହଭାଗିତାରେ ଓଡ଼ିଶାର ୨୨ଟି ସରକାରୀ ଆଇଟିଆଇକୁ ୭୭୯ କୋଟି ଟଙ୍କା ବ୍ୟୟରେ 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ଭାବେ ଉନ୍ନିତ କରାଯିବ। ଚୁକ୍ତିନାମା ଅନୁଯାୟୀ, ଓଡ଼ିଶା ସରକାର, ପ୍ରକଳ୍ପ ଖର୍ଚ୍ଚର ୧୪ ପ୍ରତିଶତ ବହନ କରିବେ ଏବଂ ଟାଟା ଟେକ୍ନୋଲୋଜି ପ୍ରାୟ ୮୬ ପ୍ରତିଶତ ଅବଦାନ ଦେବେ। ଏହି ଆଇଟିଆଇ ଗୁଡ଼ିକରେ ଅତ୍ୟାଧୁନିକ ପରୀକ୍ଷାଗାର ଏବଂ ଶିଳ୍ପ ଉପଯୋଗୀ ଆଧୁନିକ ଯନ୍ତ୍ରପାତି ସ୍ଥାପନ କରାଯିବ। ଯାହା ଆଧୁନିକ ଶିଳ୍ପ ମାନଦଣ୍ଡ ସହ ସମକକ୍ଷ ତାଲିମ ଭିତ୍ତିଭୂମି ପ୍ରଦାନ କରିବ । ଉତ୍କର୍ଷ କେନ୍ଦ୍ରଗୁଡ଼ିକରେ ଅଟୋ ମୋବାଇଲ୍ ଯଥା ବୈଦ୍ୟୁତିକ ଯାନବାହାନ, ଡିଜାଇନ୍ ଓ ଯାଞ୍ଚ ଉପକରଣ, ୩ଡି ପ୍ରିଣ୍ଟିଂ, ରୋବୋଟିକ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍, ଆଧୁନିକ ମାନୁଫାକ୍‌ଚରିଂ, ଉନ୍ନତ ସି.ଏନ.ସି ଓ ଭି.ଏମ.ସି ମେସିନିଂ ଏବଂ ପ୍ରୋସେସ୍ କଣ୍ଟ୍ରୋଲ୍ ପରି ଉଦୀୟମାନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବ। ଟାଟା ଟେକ୍ନୋଲୋଜି ୫ ବର୍ଷ ପର୍ଯ୍ୟନ୍ତ ପ୍ରଶିକ୍ଷକ ନିୟୋଜନ, ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଏବଂ ନିଯୁକ୍ତି କ୍ଷେତ୍ରରେ ସହାୟତା ପ୍ରଦାନ କରିବ। ଏହି ଅବସରରେ ଅନ୍ୟ ତିନୋଟି ବୁଝାମଣାପତ୍ର ମଧ୍ୟ ବିନିମୟ ହୋଇଥିଲା। ୟୁନିସେଫ ସହ ସହଭାଗିତାରେ 'ୟୁଥ୍ ହବ୍' ପ୍ଲାଟଫର୍ମ ମାଧ୍ୟମରେ ୨ହଜାରରୁ ଅଧିକ ଛାତ୍ରୀଙ୍କୁ ଡିଜିଟାଲ୍ ଦକ୍ଷତା ପ୍ରଶିକ୍ଷଣ ଏବଂ ନିଯୁକ୍ତିରେ ସହାୟତା କରାଯିବ। ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଏବଂ କାୱାସାକି ରୋବୋଟିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ସହଭାଗୀତାରେ ରୋବୋଟିକ୍ସ, ଅଟୋମେସନ୍ ଏବଂ 'ଇଣ୍ଡଷ୍ଟ୍ରି ୪.୦' ଟେକ୍ନୋଲୋଜି କ୍ଷେତ୍ରରେ ଯୁବପିଢ଼ିଙ୍କୁ ଦକ୍ଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଏବଂ ଆତ୍ରେୟ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ହୋଇଥିବା ଆଉ ଏକ ବୁଝାମଣାପତ୍ର ଦ୍ୱାରା ଜର୍ମାନୀ ଏବଂ ଅନ୍ୟ ୟୁରୋପୀୟ ଦେଶରେ ନିଯୁକ୍ତି ପାଇଁ ଭାଷା ପ୍ରଶିକ୍ଷଣ ଏବଂ ବିଦେଶୀ ନିଯୁକ୍ତି ସୁବିଧା ପ୍ରଦାନ କରିବ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର, ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ସିଇଓ ରଶ୍ମି ମହାପାତ୍ର, କାୱାସାକି ରୋବୋଟିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ହିରୋଶି ମିୟାକେ, ୟୁନିସେଫ୍ ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ ଦାଶ, ଆତ୍ରେୟ ଗ୍ଲୋବାଲ୍ ପ୍ରାଇଭେଟ୍ ଲିମିଟେଡ୍ ମୁଖ୍ୟ ପରିଚାଳନା ଅଧିକାରୀ ପ୍ରଦୀପ୍ତ କୁମାର ଦାସ ଏବଂ ଟାଟା ଟେକ୍ନୋଲୋଜିଜ ଗ୍ଲୋବାଲ୍ ଡେଲିଭରୀ ମୁଖ୍ୟ, ଯତେନ୍ଦ୍ର କୁମାର ଉପସ୍ଥିତ ଥିଲେ।

# 'ଖୋଲା ବଜାରରୁ ଗ୍ରାହକ କିଣିପାରିବେ ସ୍ମାର୍ଟ ମିଟର'



**ଭୁବନେଶ୍ୱର,୧୮।୨/ଏନ୍‌ଏନ୍‌ଏସ୍:** ଖୋଲା ବଜାରରୁ ମିଟର ଗ୍ରାହକ କିଣିପାରିବେ ସ୍ମାର୍ଟ ମିଟର। ଏନେଇ ବଜାରରେ ମିଟର ଉପଲବ୍ଧ କରିବା ପାଇଁ ସମସ୍ତ ମିଟର ନିର୍ମାତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ବିଧାନସଭାରେ ଏହା କହିଛନ୍ତି ଶକ୍ତି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ସେ କହିଛନ୍ତି ଯେ ଟାଟା ପାୱାର ଦ୍ୱାରା ଲଗାଯାଉଥିବା ମିଟରର ମୂଲ୍ୟ ଭଡ଼ା ଆଧାରରେ ଗ୍ରାହକମାନଙ୍କ ଠାରୁ ଆଦାୟ କରାଯାଇଥାଏ। ଏହି ଭଡ଼ା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଦ୍ୱାରା ଟାରିଫ ଶୁଣାଣି ସମୟରେ ସ୍ଥିରୀକୃତ ହୋଇଥାଏ । ତଦନୁଯାୟୀ ସିଙ୍ଗଲ ଫେଜ୍ ଷ୍ଟାଟିକ୍ ମିଟରର ମାସିକ ଭଡ଼ା ୪୦ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଏଲଟି ସିଙ୍ଗିଲ ଲାଇନ୍‌ର ସ୍ମାର୍ଟ ମିଟରର ମାସିକ ଭଡ଼ା ୬୦ ଟଙ୍କା ରଖାଯାଇଛି। ସେହିଭଳି ଥ୍ରିଫେଜ୍ ସ୍ମାର୍ଟ ମିଟର ପାଇଁ ମାସକୁ ୧୫୦ ଟଙ୍କା ଧାର୍ଯ୍ୟ ହୋଇଛି। ତେଣୁ ଟାଟା ପାୱାରର ବିଦ୍ୟୁତ ବିତରଣ କମ୍ପାନୀମାନଙ୍କ ଦ୍ୱାରା ଅନୁମୋଦିତ ସ୍ମାର୍ଟ ମିଟରଗୁଡ଼ିକୁ ଖୋଲା ଗ୍ରାହକମାନଙ୍କୁ ଖୋଲା ବଜାରରେ ମିଟର କିଣିବାର ବିକଳ୍ପ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

# ଧାନକିଣା ଦାୟିତ୍ୱ: ୧୨ ଜିଲ୍ଲାରେ ଏସ୍‌ଏଚ୍‌ଜି ଶୂନ୍

**ଭୁବନେଶ୍ୱର,୧୮।୨/ଏନ୍‌ଏନ୍‌ଏସ୍:** ଧାନ ସଂଗ୍ରହ ପାଇଁ ଚଳିତ ବର୍ଷ ରାଜ୍ୟରେ ମୋଟ୍ ୩୯୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ଦାୟିତ୍ୱ ଦିଆଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୩୩ଟି ରହିଥିବାବେଳେ ୧୨ଟି ଜିଲ୍ଲାରେ କୌଣସି ସ୍ୱୟଂ ସହାୟକ ଗୋଷ୍ଠି ଧାନକିଣା ଦାୟିତ୍ୱରେ ନାହାନ୍ତି।



ସର୍ବମୋଟ୍ ୩୯୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ନିୟୋଜିତ

ବୁଧବାର ଏହି ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ୨୦୨୫-୨୬ ବର୍ଷରେ ଧାନ ସଂଗ୍ରହ ପାଇଁ ୨୭୭୭ ପାକସ୍,ଲାମ୍ପସ୍, ୩୯୪ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଓ ୭ଟି ପାଣି ପଞ୍ଚାୟତକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପାକସ୍ ଓ ଲାମ୍ପସ୍ ମଧ୍ୟରୁ ସର୍ବାଧିକ ୩୭୧ଟି ଗଞ୍ଜାମ ଜିଲ୍ଲାରେ ଥିବାବେଳେ କଟକ ଜିଲ୍ଲାରେ ୨୨୩ଟି ରହିଛି। ପୁରୀରେ ଏହି ସଂଖ୍ୟା ୧୯୩ ଅଛି। ସବୁଠାରୁ କମ୍ ମାତ୍ର ୮ଟି ମାଲକାନଗିରି ଜିଲ୍ଲାରେ ଥିବାବେଳେ ନବରଙ୍ଗପୁରରେ ୧୩ଟି ପାକସ୍ ରହିଛି।

ଧାନ ସଂଗ୍ରହ ପାଇଁ ଦାୟିତ୍ୱ ନେଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ମଧ୍ୟରୁ ସର୍ବାଧିକ ୧୩୩ଟି ଗଞ୍ଜାମ ଜିଲ୍ଲାରେ ଥିବାବେଳେ ଭଦ୍ରକରେ ୪୬, ଯାଜପୁରରେ ୪୨, ନବରଙ୍ଗପୁରରେ ୩୭ଟି ଗୋଷ୍ଠି ରହିଛନ୍ତି। ୧୨ଟି ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠି ଧାନକିଣା ଦାୟିତ୍ୱରେ ନଥିବାବେଳେ ବୌଦ୍ଧ, କନ୍ଧମାଳ ଜିଲ୍ଲାରେ ଗୋଟିଏ କରି ରହିଛନ୍ତି । ସେହିଭଳି ଧାନ କିଣା ଦାୟିତ୍ୱରେ ଥିବା ୭ଟି ପାଣି ପଞ୍ଚାୟତମଧ୍ୟରୁ କୋରାପୁଟରେ ୩ଟି ଥିବାବେଳେ ନବରଙ୍ଗପୁରରେ ୨ଟି ଏବଂ ସୁନ୍ଦରଗଡ ଓ ଗଞ୍ଜାମରେ ଗୋଟିଏ କରି ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# '୮୮ରୁ ୮ କ୍ଷୀର ଓ ଦୁଗ୍ଧଜାତ ସାମଗ୍ରୀ ନମୁନା ନିମ୍ନମାନର'



**ଭୁବନେଶ୍ୱର,୧୮।୨/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ଓମ୍‌ଫେଡ୍ ବ୍ୟତୀତ ମୁଖ୍ୟତଃ ୨୨ କମ୍ପାନୀ ଦୁଗ୍ଧଜାତି ଦ୍ରବ୍ୟର ବ୍ୟବସାୟ କରୁଛନ୍ତି। ଏଥିରୁ ୧୦ କମ୍ପାନୀ ରାଜ୍ୟ ଭିତରର ହୋଇଥିବାବେଳେ ବାହାର ରାଜ୍ୟର ୧୨ କମ୍ପାନୀ ରହିଛନ୍ତି। ତେବେ ୮୮ରୁ ୮ କ୍ଷୀର ଓ ଦୁଗ୍ଧଜାତ ସାମଗ୍ରୀ ନମୁନା ନିମ୍ନମାନର ବୋଲି ବୋଲି ଜଣାପଡ଼ିଛି। ୨୦୨୫ ବର୍ଷରେ ମୋଟ୍ ୮୮ଟି ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ନମୂନା ସଂଗ୍ରହ ହୋଇ ପରୀକ୍ଷା କରାଯାଇଥିବାବେଳେ ଏଥିରୁ ୮ଟି ନମୂନା ନିମ୍ନମାନର ବୋଲି ଜଣାପଡ଼ିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ବୁଧବାର ବିଧାନସଭାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ କମ୍ପାନୀମାନଙ୍କର ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ମାନ ଯାଞ୍ଚ ପାଇଁ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ଥିବା ଖାଦ୍ୟ ସୁରକ୍ଷା କମିଶନରେଟ ଦ୍ୱାରା ପରୀକ୍ଷା କରାଯାଇଥାଏ।

# କଂଗ୍ରେସ ଦେବ ରାଜ୍ୟସଭା ପ୍ରାର୍ଥୀ

**ଭୁବନେଶ୍ୱର,୧୮।୨/ଏନ୍‌ଏନ୍‌ଏସ୍:** ରାଜ୍ୟସଭା ନିର୍ବାଚନ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ କଂଗ୍ରେସ ନିଶ୍ଚିତ ଭାବେ ଜଣେ ପ୍ରାର୍ଥୀ ଦେବ। ଆମ ଦଳ ଭିତରୁ ହିଁ ଜଣଙ୍କୁ ପ୍ରାର୍ଥୀ କରାଯିବ ଓ ସମସ୍ତ ବିଧାୟକ ଏକଜୁଟ ହୋଇ ତାଙ୍କୁ ଜିତାଇବାକୁ ଚେଷ୍ଟା କରିବୁ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପାଇଁ ପିସିସି ସଭାପତି କହିଛନ୍ତି। ବିଜେଡି ସହ ଆଲୋଚନା ହେବାପରେ ଅଧିକ ସ୍ପଷ୍ଟତା ଆସିବ। ସମର୍ଥନ ପାଇଁ ପ୍ରୟାସ କରିବାରେ ବା ମିଳିତ ପ୍ରାର୍ଥୀ ଦେବାରେ କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି।

**ଆରମ୍ଭ ହେଲା ଯୁକ୍ତ ଦୁଇ ପରୀକ୍ଷା**

# ଅନୁପସ୍ଥିତ ରହିଲେ ୧୫୭ ପରୀକ୍ଷାର୍ଥୀ

**ଭୁବନେଶ୍ୱର,୧୮।୨ /ଏନ୍‌ଏନ୍‌ଏସ୍:** ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ବୁଧବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ବିଭାଗର ପରୀକ୍ଷାର୍ଥୀମାନେ ଏମ୍‌ଆଇଏଲ୍ ବିଷୟ ପରୀକ୍ଷା ଦେଇଥିଲେ। ସକାଳ ୧୦ରୁ ପରୀକ୍ଷା ଆରମ୍ଭ ହୋଇ ଦିନ୧ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ୯ଟ୩୦ରୁ ପରୀକ୍ଷାର୍ଥମାନେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିଥିଲେ। ପ୍ରତ୍ୟେକ ପରୀକ୍ଷାକେନ୍ଦ୍ରରେ ତ୍ରିସ୍ତରୀୟ ଯାଞ୍ଚ କରାଯାଇଥିଲା। ରାଜ୍ୟର ୧୩୫୭ଟି ପରୀକ୍ଷା କେନ୍ଦ୍ର ଓ ୭ଟି ଉପ- କେନ୍ଦ୍ରରେ ପ୍ରଥମ ଦିନ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିବା +୨ ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ପରିଡ଼ା ସୂଚନା ଦେଇଛନ୍ତି। ତେବେ ପ୍ରଥମ ଦିବସରେ ମୋଟ୍ ୯୬ହଜାର ୯୨୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୫୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସେହିପରି ଆଜି କୌଣସି ପରୀକ୍ଷା କେନ୍ଦ୍ରରେ କେହି ଏମ୍‌ପି ବା ମାଲ୍ ପ୍ରାକ୍ଟିସ ହୋଇନଥିବା ପରୀକ୍ଷାନିୟନ୍ତ୍ରକ ଡ. ପରିଡ଼ା ସୂଚନା ଦେଇଛନ୍ତି। ପରୀକ୍ଷାର୍ଥୀଙ୍କୁ ସକାଳ ୯.୪୫ରେ ପ୍ରଶ୍ନପତ୍ର ଏବଂ ୯ଟା୫୫ରେ ଉତ୍ତରଖାତା ବଣ୍ଟାଯାଇଥିଲା। ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇଥିଲା। ସକାଳ ୮ଟା ୩୦ ସୁଦ୍ଧା ପ୍ରଶ୍ନ ପତ୍ର ହଲରେ ପହଞ୍ଚିଥିଲା। ଯୁକ୍ତ ଦୁଇ ପରୀକ୍ଷା ପାଇଁ ୨୧୧ଟି ପରୀକ୍ଷା ପରିଚାଳନା ହବ୍ କେନ୍ଦ୍ର ହୋଇଛି।

# ହାତ ଛାଡ଼ିଲେ ଜୟରାମ ପାଙ୍ଗୀ



**ଭୁବନେଶ୍ୱର,୧୮।୨/ଏନ୍‌ଏନ୍‌ଏସ୍:** ଦଣ୍ଡକାରଣ୍ୟ ପର୍ବତାଞ୍ଚଳ ବିକାଶ ପରିଷଦ ଗଠନ କରି ନେତୃତ୍ୱ ନେଉଥିବା ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ ହାତ ଛାଡ଼ିଛନ୍ତି। ସେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଦେଇଛନ୍ତି। ଏଥିସହ ସେ ବମଧ ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ଜିଲ୍ଲା ସଭାପତିଙ୍କୁ ସମାନ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ନିଜ ଇସ୍ତଫାପତ୍ରରେ ଶ୍ରୀ ପାଙ୍ଗୀ ଲେଖିଛନ୍ତି ଯେ, ଦଳକୁ ସମୟ ଦେଇ ପାରୁନଥିବାରୁ ସେ ଇସ୍ତଫା ଦେଇଛନ୍ତି। ଏଣିକି ସେ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ଭାବେ ପରିଗଣିତ ହେବେ ନାହିଁ। ଜୟରାମ ପାଙ୍ଗୀ ପଟାଙ୍ଗୀରୁ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୭ରେ ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିଲେ। ୨୦୦୯ରେ କୋରାପୁଟରୁ ଗିରିଧର ଗମାଙ୍ଗଙ୍କୁ ପରାଜିତ କରି ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୨ରେ ବିଜେପି ଛାଡି ପୁଣି କଂଗ୍ରେସରେ ସେ ଯୋଗ ଦେଇଥିଲେ। ସେବେଠାରୁ କଂଗ୍ରେସରେ ଥିଲେ। ଏବେ ଶ୍ରୀ ପାଙ୍ଗୀ ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ର ଓ ଛତିଶଗଡ଼ର ଆଦିବାସୀ ଅଧ୍ୟୁଷିତ କିଛି ଅଞ୍ଚଳକୁ ନେଇ କେନ୍ଦ୍ର ଶାସିତ ଅଞ୍ଚଳ ଗଠନ କରିବାକୁ ପ୍ରୟାସ କରିଛନ୍ତି। ସେଥିପାଇଁ ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ସେ ଗଠନ କରିଛନ୍ତି। ଉକ୍ତ କାରଣରୁ ଶ୍ରୀ ପାଙ୍ଗୀ କଂଗ୍ରେସ ଛାଡ଼ିଥିବା କୁହାଯାଉଛି।

**ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ସଚିବସ୍ତରୀୟ ବୈଠକ**

# ଖାଲି ପଦବୀ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୮।୨ /ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ବୁଧବାର ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ସଂପର୍କରେ ନିଯୁକ୍ତି ନେଇ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ସବୁବେଳେ ଗୁରୁତ୍ୱାରୋପ କରିଆସୁଥିବା ବେଳେ ଆଗାମୀ ଜୁନ୍ ୨୦୨୬ ସୁଦ୍ଧା ୬୫,୦୦୦ ନିଯୁକ୍ତି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ନୂତନ ସରକାର ଗଠନ ପରେ ଅଦ୍ୟାବଧି ବିଭିନ୍ନ ବିଭାଗମାନଙ୍କ ଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ତଥା ନିଯୁକ୍ତି ମେଳା ମାଧ୍ୟମରେ ୩୯,୫୦୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୩ ମାସ ମଧ୍ୟରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରାଯାଇଥିଲା। ୩ ମାସ ମଧ୍ୟରେ ଆଉ ୩୪,୬୪୧ ନିଯୁକ୍ତି ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାପ୍ତ ପ୍ରସ୍ତାବ ଅନୁସାରେ ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଆଦିଙ୍କୁ ନିଯୁକ୍ତି ପାଇଁ ଅନୁରୋଧ କରାଯାଇଛି। ବିଭିନ୍ନ ବିଭାଗରେ ନିଯୁକ୍ତି ନେଇ ରହୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ସଂପର୍କରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗମାନଙ୍କୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ନିୟମିତ ସମୀକ୍ଷା ସହ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ତତ୍ ସହିତ ଆଗାମୀ ବର୍ଷରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ନିୟମିତ ତଥ୍ୟ ପ୍ରେରଣ ପାଇଁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ଏହାଛଡ଼ା ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟ ରଖି ପ୍ରସ୍ତୁତି ହୋଇଥିବା ୨ ବର୍ଷିଆ ଆକ୍ସନ ପ୍ଲାନର କାର୍ଯ୍ୟକାରିତା ନେଇ ନିୟମିତ ସମୀକ୍ଷା ଓ ଏନେଇ ନିର୍ଦ୍ଧାରିତ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ (କେପିଆଇ) କୁ ସରଳୀକରଣ କରି କାର୍ଯ୍ୟ ଅଗ୍ରଗତି କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ ବିନ୍ଦୁ କାର୍ଯ୍ୟସୂଚୀ ମଧ୍ୟରେ ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ କାର୍ଯ୍ୟକାରୀ କରିବା ଅନ୍ୟତମ ପ୍ରାଥମିକତା ରହିଥିବାରୁ ଓଡ଼ିଶାର ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ ପାଇଁ ଏଥିପ୍ରତି ସମସ୍ତ



ବିଭାଗମାନେ ଗୁରୁତ୍ୱ ଦେବା ଓ ନିୟମିତ ସମୀକ୍ଷା ସମ୍ପର୍କରେ ମୁଖ୍ୟ ସଚିବ ଆଲୋଚନା କରି ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ମଧ୍ୟ "୩୬ ଫର ୩୬" ପ୍ରମୁଖ ପଦକ୍ଷେପ ଅନ୍ତର୍ଗତ ପ୍ରତ୍ୟେକ ଜିଲ୍ଲାରେ ସନ୍ତୁଳିତ ଓ ସମୟବଦ୍ଧ ବିକାଶ ଉପରେ ଗୁରୁତ୍ୱ ଦେଇ ବଡ଼ ବଡ଼ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା ଓ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ।

ଏହାଛଡ଼ା ୨୦୨୫-୨୬ ବଜେଟ୍ ଅନୁମୋଦନ ଅନୁସାରେ ଆଗାମୀ ମାର୍ଚ୍ଚ ମାସ ସୁଦ୍ଧା ବଜେଟ ଖର୍ଚ୍ଚ ଶେଷ କରିବା ଓ ସଂପୃକ୍ତ ବିଭାଗମାନଙ୍କ ଦ୍ୱାରା ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତତ୍ ସହିତ ବିଭିନ୍ନ ସମୟରେ ସାଂସଦ ଓ ବିଧାୟକମାନେ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ, ପରାମର୍ଶ ଏବଂ ପ୍ରକଳ୍ପଗୁଡ଼ିକୁ ବିଭାଗମାନେ ଅନୁଧାନ କରିବା ଏବଂ ସେସବୁର କାର୍ଯ୍ୟକାରିତା ପାଇଁ କଣ ପଦକ୍ଷେପ ନିଆଯାଇଛି, ସେ ସଂପର୍କରେ ଦୃଷ୍ଟି ଦେବାକୁ ମୁଖ୍ୟ ଶାସନ ସଚିବ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଯୋଗଦେଇଥିଲେ।




# 'ରାଜ୍ୟସଭାକୁ ରାଜନୈତିକ ଲୋକ ହିଁ ଯିବା ଦରକାର'

**ଭୁବନେଶ୍ୱର,୧୮।୨/ଏନ୍‌ଏନ୍‌ଏସ୍:** ରାଜ୍ୟସଭା ନିର୍ବାଚନ ନେଇ ବିଜେଡି କାହାକୁ ପ୍ରାର୍ଥୀ କରିବ ସେନେଇ ଏପର୍ଯ୍ୟନ୍ତ ନିଜର କାର୍ଡ ଖୋଲି ନଥିବାବେଳେ ବରିଷ୍ଠ ବିଧାୟକ ବଦ୍ରି ପାତ୍ର କହିଛନ୍ତି ଯେ, ରାଜ୍ୟସଭାକୁ ରାଜନୈତିକ ଲୋକ ହିଁ ଯିବା ଦରକାର। ଯେଉଁମାନେ ଦଳ ପାଇଁ କଠିନ ପରିଶ୍ରମ କରିଛନ୍ତି, ଯାହାର ତ୍ୟାଗ ଅଛି ଓ ଯେଉଁମାନେ ଅଭିଜ୍ଞ ବ୍ୟକ୍ତି, ସେମାନେ ଗଲେ ଭଲ ହେବ। ଦଳର ଲାଭ ପାଇଁ ନବୀନ ପଟ୍ଟନାୟକ ଯେଉଁ ନିର୍ଣ୍ଣାୟକ ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି। ବିଜେପି ଯଦି ୩ଟି ଆସନ ନେଇପାରିବ ତେବେ ନେଇଯାଉ ବୋଲି ମଧ୍ୟ ସେ କଟାକ୍ଷ କରିଛନ୍ତି। ବିଜେଡି ପ୍ରାର୍ଥୀ ଦୌଡ଼ରେ ସନ୍ତୃପ୍ତ ମିଶ୍ର ଆଗରେ ଥିବାବେଳେ ଦଳର ବରିଷ୍ଠ ନେତାମାନେ ତାଙ୍କର ସମ୍ଭାବ୍ୟ ପ୍ରାର୍ଥୀତ୍ୱକୁ ବୁଲେଇବଙ୍କେଇ ବିରୋଧ କରୁଥିବାରୁ ବିଜେଡିରେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ହେଉଛି।



# ରୁଷ ସହ ବଡ଼ ଟ୍ରେଡ୍ ଡିଲ୍ କରିବ ଭାରତ

## ୫ଟି ବ୍ୟବସାୟିକ ଦିଗକୁ ଦିଆଯିବ ଗୁରୁତ୍ୱ

**ମସ୍କୋ, ନୂଆଦିଲ୍ଲୀ, ୧୮।୨/ଏଜେନ୍ସି:** ଆମେରିକା ଯେତେ ଚେଷ୍ଟା କଲେ ମଧ୍ୟ ଭାରତ ଏବଂ ରୁଷ୍ ମଧ୍ୟରେ ଥିବା ସମ୍ପର୍କକୁ ପ୍ରଭାବିତ କରିପାରିବ ନାହିଁ । ରିପୋର୍ଟ ଅନୁସାରେ ୟୁରୋପ ସଂଘ ଓ ଆମେରିକା ସହ ବାଣିଜ୍ୟ ଚୁକ୍ତି(ଟ୍ରେଡ୍ ଡିଲ୍) ପରେ ଏବେ ଭାରତ ରୁଷ ସହ ବଡ଼ ଟ୍ରେଡ୍ ଡିଲ୍ କରିବାକୁ ଯାଉଛି । ରୁଷର ଉପ-ପ୍ରଧାନମନ୍ତ୍ରୀ ଆଲେକ୍ସି ଓଭରଚୁକ୍ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ଏହି ସୂଚନା ଦେଇଛନ୍ତି । ଆଲେକ୍ସି ଓଭରଚୁକ୍ କହିଛନ୍ତି ଯେ, ଭାରତ ସହିତ ଏକ ପ୍ରିଫରେନ୍ସିଆଲ୍ ବାଣିଜ୍ୟ ଚୁକ୍ତି ଉପରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ସକାରାତ୍ମକ ରହିଛି । ଉଭୟ ଦେଶ ଯଥାଶୀଘ୍ର ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଏହି ଚୁକ୍ତି ସ୍ୱାକ୍ଷର ପରେ,



ରୁଷ୍‌ର ବ୍ୟବସାୟ ଓ ୟୁରେସିଆନ୍ ଇକୋନୋମିକ୍ ୟୁନିୟନ୍ (ଇଏଇୟୁ) ଭାରତର ବିଶାଳ ବଜାରରେ ସିଧାସଳଖ ପ୍ରବେଶ ପାଇବେ, ଯାହା ମୋଟ୍ ୨.୨ ବିଲିଅନ ଲୋକଙ୍କୁ ନେଇ ଏକ ବିଶାଳ ବଜାର ଗଠନ କରିବ । ତେବେ ଭାରତ ଓ ରୁଷ ୟୁରେସିଆନ୍ ଇକୋନୋମିକ୍ ୟୁନିୟନ୍ (ରୁଷ, ଆର୍ମେନିଆ, ବେଲାରୁଷ, କାଜାଖସ୍ତାନ ଓ କିର୍ଗିଜସ୍ତାନ) ସହିତ ଏକ ମୁକ୍ତ ବାଣିଜ୍ୟ କ୍ଷେତ୍ର ପ୍ରତିଷ୍ଠା ପାଇଁ ପ୍ରଥମ ପର୍ଯ୍ୟାୟ ଆଲୋଚନା ସମାପ୍ତ ହୋଇଛି ବୋଲି ମଧ୍ୟ ସେ କହିଛନ୍ତି । ତାଙ୍କ କହିବାନୁସାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି । ବର୍ତ୍ତମାନ, ଏହି ସଂଖ୍ୟା ୨୦୨୪-୨୫ ରେ ୬୮.୭ ବିଲିୟନ ଡଲାରରେ ପହଞ୍ଚିଛି । ଶକ୍ତି (ତେଲ) ଏବଂ ପ୍ରତିରକ୍ଷା ବ୍ୟତୀତ, ଉଭୟ ଦେଶ ଏବେ ଔଷଧ, କୃଷି, ଯନ୍ତ୍ରପାତି, ରାସାୟନିକ ପଦାର୍ଥ ଏବଂ ଟେକନୋଲୋଜି କ୍ଷେତ୍ରରେ ସହଯୋଗ କରିବାକୁ ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି । ରୁଷ୍ ପକ୍ଷରୁ ଏପ୍ରକାର ରିପୋର୍ଟ ଆସିବା ପରେ ଆମେରିକାକୁ ଜୋରଦାର ଝଟ୍‌କା ଲାଗିଛି ।

### ଇରାନ୍ ପରମାଣୁ କାର୍ଯ୍ୟକ୍ରମ ଉପରେ ଦ୍ୱିତୀୟ ପର୍ଯ୍ୟାୟ କଥାବାର୍ତ୍ତା

# ଧାର୍ଯ୍ୟ ନୀତି ଆଧାରରେ ବୁଝାମଣା ପାଇଁ ଆମେରିକା-ଇରାନ୍ ରାଜି

**ଜେନିଭା,୧୮।୨/ଏଜେନ୍ସି:** ଆମେରିକା ଓ ଇରାନ ମଧ୍ୟରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଛି । ଏହି ଅବସରରେ ଉଭୟ ଦେଶ ପରସ୍ପର ମଧ୍ୟରେ ବୁଝାମଣା ପାଇଁ ଧାର୍ଯ୍ୟ ନୀତି ଉପରେ ସହମତି ପ୍ରକାଶ କରିଛନ୍ତି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି ଏନେଇ ସୂଚନା ଦେଇଛନ୍ତି । ଅରାଘାଚି ଦର୍ଶାଇଛନ୍ତି ଯେ, ଆମେରିକା ସହ ଦ୍ୱିପାକ୍ଷିକ ଆଲୋଚନା ବର୍ତ୍ତମାନ ସୁଦ୍ଧା ଗଠନମୂଳକ ରହିଛି । ତେବେ ଆଗକୁ ଏଦିଗରେ ଆହୁରି ଅଧିକ କାମ ବାକି ରହିଛି । ଅରାଘଚି କହିଛନ୍ତି ଯେ, ଉଭୟ ପକ୍ଷ ଏକ ସମ୍ଭାବ୍ୟ ଚୁକ୍ତି ପାଇଁ ଡ୍ରାଫ୍ଟ ବିଷୟବସ୍ତୁ ଉପରେ ଆହୁରି କାମ କରିବାକୁ ରାଜି ହୋଇଛନ୍ତି । ଧାର୍ଯ୍ୟ ନୀତିଗୁଡ଼ିକର ଏକ ସେଟ୍ ଉପରେ ବ୍ୟାପକ ସହମତିରେ ହୋଇପାରିଛି, ଯାହା ଉପରେ ଆଧାର କରି ଆମେ ଆଗକୁ ବଢ଼ିବୁ ଏବଂ ଏକ ସମ୍ଭାବ୍ୟ ଚୁକ୍ତିନାମାର ବିଷୟବସ୍ତୁ ଉପରେ



କାମ ଆରମ୍ଭ କରିବୁ । ଖୁବ୍‌ଶୀଘ୍ର ତୃତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ତାରିଖ ଚୂଡ଼ାନ୍ତ କରାଯିବ । ଅନ୍ୟପକ୍ଷରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି, ଇରାନ୍ ଏପର୍ଯ୍ୟନ୍ତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିୟମ ସ୍ୱୀକାର କରିନାହାନ୍ତି । ତଥାପି ଦ୍ୱିପାକ୍ଷିକ ଆଲୋଚନାରେ ଅଗ୍ରଗତି ହୋଇଛି । ଇରାନ ଆସନ୍ତା ଦୁଇ ସପ୍ତାହରେ ଅଧିକ ବିସ୍ତୃତ ପ୍ରସ୍ତାବ ନେଇଆସିବ, ଯାହାଦ୍ୱାରା ଦୁଇ ପକ୍ଷ ମଧ୍ୟରେ ଥିବା ମତପାର୍ଥକ୍ୟ ଦୂର ହୋଇପାରିବ । ପ୍ରକାଶ, ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ନିର୍ଦ୍ଧାରିତ କଟକଣାକୁ ଇରାନ ଗ୍ରହଣ କରିବାକୁ ଏବଂ ସେଦିଗରେ କାମ କରିବାକୁ ପ୍ରସ୍ତୁତ ନାହିଁ । ଇରାନର ବାଲିଷ୍ଟିକ କାର୍ଯ୍ୟକ୍ରମ ଓ ଦେଶରେ ପ୍ରଦର୍ଶନକାରୀଙ୍କ ସହିତ କରାଯାଉଥିବା ବ୍ୟବହାର ଉପରେ ଆଲୋଚନା କରିବାକୁ ଟ୍ରମ୍ପ ପ୍ରଶାସନ ଚାହୁଁଥିବାବେଳେ ତେହେରାନ କିନ୍ତୁ ଏହା ଉପରେ ଆଲୋଚନା କରିବାକୁ ଚାହୁଁନାହିଁ ।

### ସମୁଦ୍ରସ୍ଥଳରେ ଆମେରିକାର ବଡ଼ ଆକ୍ରମଣ

# ୩ ଡଙ୍ଗା ଧ୍ୱଂସ, ୧୧ ଡ୍ରଗ୍ସ ଚୋରାଚାଲାଣକାରୀ ମୃତ

**ୱାଶିଂଟନ୍, ୧୮।୨ଏଜେନ୍ସି:** ଆମେରିକାର ସାମରିକ ବାହିନୀ ଅନ୍ତର୍ଜାତୀୟ ଜଳସୀମାରେ ଏକ ବଡ଼ ସାମରିକ ଅଭିଯାନ ଆରମ୍ଭ କରିଛି । ତେବେ ମଙ୍ଗଳବାର ଏପ୍ରକାର ଏକ ସାମରିକ କାର୍ଯ୍ୟାନୁଷ୍ଠାନରେ ୩ଟି ଡଙ୍ଗା ଧୂଳିସାତ୍ ହୋଇଯାଇଥିବା ବେଳେ ଏଥିରେ ଥିବା ୧୧ ଡ୍ରଗ୍ସ ଚୋରାଚାଲାଣକାରୀ ମୃତ୍ୟୁବରଣ କରିଛନ୍ତି । ତେବେ ଏହି ଅଭିଯାନ ବିଶେଷ ଭାବରେ ପ୍ରଶାନ୍ତ ମହାସାଗର ଓ କାରିବିୟାନ ସାଗରରେ ଡ୍ରଗ୍ସ ଚୋରାଚାଲାଣ ପଥଗୁଡ଼ିକରେ କରାଯାଇଛି । ଏହି ଅଭିଯାନର ମୁଖ୍ୟଲକ୍ଷ୍ୟ ହେଉଛିର ଡ୍ରଗ୍ସ ଚାଲାଣରେ ସମ୍ପୃକ୍ତ ବିଦେଶୀ ଶକ୍ତିକୁ ଧ୍ୱଂସ କରିବା । ଆମେରିକୀୟ ସେନାର ଦକ୍ଷିଣ କମାଣ୍ଡ ଏହି ଅଭିଯାନକୁ ନିଶ୍ଚିତ କରି ଗଣମାଧ୍ୟମ ସହିତ ବିସ୍ତୃତ ସୂଚନା ସେୟାର କରିଛି । ଗୁଇନ୍ଦା ସୂଚନା ଅନୁଯାୟୀ, ଏହି ଡଙ୍ଗାଗୁଡ଼ିକ ପ୍ରତିଷ୍ଠିତ ଚୋରା ଚାଲାଣ ରୁଟରେ ସକ୍ରିୟ ଭାବରେ କାର୍ଯ୍ୟ



କରୁଥିଲେ । ପୂର୍ବ ପ୍ରଶାନ୍ତ ମହାସାଗରରେ ଦୁଇଟି ପୃଥକ ଡଙ୍ଗାକୁ ଟାର୍ଗେଟ କରାଯାଇଥିଲା,ଯେଉଁଥିରେ ୮ ଜଣଙ୍କର ମୃତ୍ୟୁ ହୋଇଥିଲା । କାରିବିୟାନ ସାଗରରେ ତୃତୀୟ ଡଙ୍ଗା ଉପରେ ଆକ୍ରମଣରେ ଆଉ ୩ ଚୋରା ଚାଲାଣକାରୀଙ୍କ ମୃତ୍ୟୁ ହୋଇଥିଲା । ଆମେରିକା ନିଜ ସାମରିକ ଶକ୍ତିର ଏଭଳି ପ୍ରୟୋଗ ଆନ୍ତର୍ଜାତୀୟ ଆଇନଗତ ଓ ମାନବିକ ପ୍ରଶ୍ନ ଉଠାଇଛି । ବିଶେଷଜ୍ଞମାନଙ୍କ ଅନୁସାରେ ନିଶା କାରବାରକୁ ରୋକିବା ପାଇଁ ଘାତକ ଆକ୍ରମଣ କରିବା ଭବିଷ୍ୟତରେ ବିବାଦୀୟ ହୋଇପାରେ । ତେବେ ଆମେରିକା ସୂଚିତ କରିଛି, ନିଜର ସାମୁଦ୍ରିକ ପଥଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏପରି ଅଭିଯାନ ଆଗକୁ ଜୋରଦାର କରାଯିବ ।

### ଏଆଇ ଦାୟିତ୍ୱବୋଧ ସଂକଳ୍ପରେ ଭାରତର ବିଶ୍ୱ ରେକର୍ଡ

# ୨୪ ଘଣ୍ଟାରେ ୨.୫ ଲକ୍ଷ ସଂକଳ୍ପ

**ନୂଆଦିଲ୍ଲୀ,୧୮।୨/ଏଜେନ୍ସି:** ଦାୟିତ୍ୱପୂର୍ଣ୍ଣ ଭାବେ କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାର କରିବା ପାଇଁ ଭାରତ ସଂକଳ୍ପ ନେଇଛି । ଏହା କୌଣସି ସାଧାରଣ ଘଟଣା ନୁହେଁ ବରଂ ସାରା ବିଶ୍ୱରେ ଏଥିଲାଗି ଭାରତ ଏକ କିର୍ତ୍ତିମାନ ସ୍ଥାପନ କରିଛି । ଏସମ୍ପର୍କରେ ଘୋଷଣା କରିଛନ୍ତି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଏହି ଘୋଷଣା କରିଛନ୍ତି ଶ୍ରୀ ବୈଷ୍ଣବ । ଶ୍ରୀ ବୈଷ୍ଣବ କହିଛନ୍ତି, "୨୪ ଘଣ୍ଟା ମଧ୍ୟରେ ଏକ ଏଆଇ ଦାୟିତ୍ୱବୋଧ ଅଭିଯାନ ପାଇଁ ସର୍ବାଧିକ ଶପଥ ଗ୍ରହଣ" କ୍ଷେତ୍ରରେ ଭାରତ ସଫଳତାର ସହ ଗିନିଜ୍ ୱାର୍ଲ୍ଡ ରେକର୍ଡ ଟାଇଟଲ୍ ହାସଲ କରିଛି । ଫେବୃଆରୀ ୧୬-୧୭ ତାରିଖ ମଧ୍ୟରେ ଏହି ୨୪ ଘଣ୍ଟା ମଧ୍ୟରେ ମୋଟ ୨୫୦,୯୪୬ଟି ବୈଧ ଶପଥ ଗ୍ରହଣ କରାଯାଇଛି । ଏହି ସମୟରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କୃଷ୍ଣନ; ଅତିରିକ୍ତ ସଚିବ, ଇଣ୍ଡିଆ ଏଆଇ ମିଶନର ସିଇଓ ତଥା ଏନ୍‌ଆଇସିର ମହାନିର୍ଦ୍ଦେଶକ ଅଭିଷେକ ସିଂ; ଇଣ୍ଡିଆ ଏଆଇ ର ସିଓଓ ସୁଶ୍ରୀ କବିତା ଭାଟିଆ; ଇଣ୍ଟେଲ୍ର ସେଣ୍ଟ୍ରାଲ୍ ଇଞ୍ଜିନିୟରିଂ ଗ୍ରୁପ ଏସଭିପି ତଥା ଜିଏମ୍ ଶ୍ରୀନିବାସନ୍ ଆୟଙ୍ଗର ପ୍ରମୁଖ ଉପସ୍ଥିତ ଥିଲେ । ଗିନିଜ୍ ୱାର୍ଲ୍ଡ ରେକର୍ଡର ବିଚାରକ ଶ୍ରୀ ପ୍ରବୀଣ ପଟେଲ ପଟେଲ ଏହି ସଫଳତାର ଆଧିକାରିକ ଭାବେ ଯାଞ୍ଚ କରିଥିଲେ ।




ଫେବୃଆରୀ ୧୬ରେ ଇଣ୍ଟେଲ୍ ଇଣ୍ଡିଆ ସହଯୋଗରେ ଇଣ୍ଡିଆ ଏଆଇ ମିଶନ ଅଧୀନରେ ଏହି ଉଦ୍ୟମ ଆରମ୍ଭ ହୋଇଥିଲା । ଏହି ଦେଶବ୍ୟାପୀ ଏଆଇ ଦାୟିତ୍ୱବୋଧ ଶପଥ ଅଭିଯାନ ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ aipledge.indiaai.gov.in ବ୍ୟବହାର କରାଯାଇଥିଲା । ଏହା ମାଧ୍ୟମରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ନୈତିକ, ଅନ୍ତର୍ଭୁକ୍ତିକରଣ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ପାଇଁ ପ୍ରତିବଦ୍ଧ ହେବାକୁ ଦେଶର ନାଗରିକମାନଙ୍କୁ ଏକତ୍ରିତ କରିବାକୁ ଉଦ୍ୟମ କରାଯାଇଥିଲା । ଏହି ପଦକ୍ଷେପ ସିଦ୍ଧାନ୍ତ ଆଧାରିତ ପ୍ରଶ୍ନ ମାଧ୍ୟମରେ ଡାଟା ଗୋପନୀୟତା, ଉତ୍ତରଦାୟିତ୍ୱ, ସ୍ୱଚ୍ଛତା ଏବଂ ଭୁଲ୍ ସୂଚନା ବିରୁଦ୍ଧରେ ଲଢ଼େଇ ଭଳି ପ୍ରମୁଖ ନୀତିଗୁଡିକ ଉପରେ ଚିନ୍ତା କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲା । ଏହି ସଂକଳ୍ପ ଦ୍ୱାରା ଏକ ବିଶ୍ୱାସଯୋଗ୍ୟ ଏବଂ ମାନବ-କୈନ୍ଦ୍ରିକ ଏଆଇ ବାତାବରଣ ଗଠନ ପାଇଁ ଭାରତର ସଂକଳ୍ପ ସୁଦୃଢ଼ ହୋଇଛି । ଶପଥ ପୂରଣ କରିଥିବା ଅଂଶଗ୍ରହଣକାରୀମାନଙ୍କୁ ଏକ ଡିଜିଟାଲ୍ ବ୍ୟାଜ୍ ଏବଂ ଏଆଇ ଶିକ୍ଷା ପାଇଁ ସୁବିଧା ପ୍ରଦାନ କରାଯାଇଛି । ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ ଏଆଇର ଦାୟିତ୍ୱପୂର୍ଣ୍ଣ ଏବଂ ନୈତିକ ବ୍ୟବହାରରେ ଯୁବପିଢ଼ିଙ୍କୁ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିର ପ୍ରଶଂସା କରିଛନ୍ତି । "ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ହିଁ ଆମକୁ କଲେଜଗୁଡିକରେ ପହଞ୍ଚିବାକୁ, ଅଧ୍ୟାପକମାନଙ୍କ ସହ ଆଲୋଚନା କରିବାକୁ ଏବଂ ଛାତ୍ରଛାତ୍ରୀମାନଙ୍କୁ ସମାଜର ମଙ୍ଗଳ ପାଇଁ ଏଆଇକୁ ଏକ ମାଧ୍ୟମ ଭାବରେ ବ୍ୟବହାର କରିବାକୁ ଶପଥ ନେବା ପାଇଁ ଉତ୍ସାହିତ କରିଛି । ଦେଶ ପାଇଁ ଏହା ପ୍ରକୃତରେ ଏକ ଗର୍ବର ଦିନ । ରାଷ୍ଟ୍ର ଏହି ଦିଗରେ ଆଗକୁ ବଢ଼ିବା ଉଚିତ୍ - ଏପରି ଏକ ଭବିଷ୍ୟତ ଯେଉଁଠାରେ ଏଆଇକୁ ଦାୟିତ୍ୱବୋଧର ସହିତ ଆପଣାଯିବ ବୋଲି ସେ କହିଛନ୍ତି । ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହା ମଧ୍ୟ ସୂଚାଇଛନ୍ତି ଯେ, ଏହା ଏକ ରେକର୍ଡ ସୃଷ୍ଟିକାରୀ ଅଂଶଗ୍ରହଣ । ପ୍ରାରମ୍ଭିକ ଭାବେ ଏଥିଲାଗି ମାତ୍ର ୫,୦୦୦ ଶପଥ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏବେ ଦାୟିତ୍ୱପୂର୍ଣ୍ଣ ଭାବେ ଏଆଇ ଗ୍ରହଣ କରିବା ଦିଗରେ ଜନସାଧାରଣଙ୍କ ଦୃଢ଼ ଯୋଗଦାନ ଏବଂ ବଢୁଥିବା ସଚେତନତାକୁ ପ୍ରତିଫଳିତ କରୁଛି । ସେ କହିଛନ୍ତି ଯେ ଏହି ଅଭିଯାନ ନାଗରିକଙ୍କ ନେତୃତ୍ୱରେ ଡିଜିଟାଲ୍ ଦାୟିତ୍ୱବୋଧ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଅନ୍ତର୍ଭୁକ୍ତିକରଣ, ନୈତିକତା ତଥା ଜନସାଧାରଣଙ୍କ ବିଶ୍ୱାସ ଉପରେ ଧ୍ୟାନ ଦେଇ ବିଶ୍ୱସ୍ତରୀୟ ଏଆଇ ଆଲୋଚନାକୁ ରୂପ ଦେବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି ।

### ବମ୍ବେ ହାଇକୋର୍ଟଙ୍କୁ ବିଜୟ ମାଲ୍ୟାଙ୍କ ଲିଖିତ ଉତ୍ତର

# ଭାରତ କେବେ ଫେରିବି ନିର୍ଦ୍ଦିଷ୍ଟ ଭାବେ କହିପାରୁନି





**ନୂଆଦିଲ୍ଲୀ, ୧୮।୨/ଏଜେନ୍ସି:** ପଳାତକ ବ୍ୟବସାୟୀ ତଥା ୭୦ ବର୍ଷୀୟ ବିଜୟ ମାଲ୍ୟା ବୁଧବାର ବମ୍ବେ ହାଇକୋର୍ଟକୁ ସୂଚନା ଦେଇଛନ୍ତି ଯେ ସେ କେବେ ଭାରତ ଫେରିବେ ତାହା ନିର୍ଦ୍ଦିଷ୍ଟ ଭାବେ କହିପାରିବେ ନାହିଁ । କାରଣ ତାଙ୍କୁ ଆଇନଗତ ଭାବରେ ୟୁକେ (ୟୁନାଇଟେଡ୍ କିଙ୍ଗଡମ୍) ଛାଡିବାକୁ ବାରଣ କରାଯାଇଛି । ଏଫ୍‌ଇଓ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ତାଙ୍କ ଆବେଦନର ଶୁଣାଣି କରିବା ସମୟରେ ଦେଶକୁ ଫେରିବା ବିଷୟରେ କୋର୍ଟଙ୍କ ପ୍ରଶ୍ନର ଉତ୍ତରରେ ମାଲ୍ୟା ଏହି ବୟାନ ଦେଇଛନ୍ତି । ମୁଖ୍ୟ ବିଚାରପତି ଚନ୍ଦ୍ରଶେଖର ଏବଂ ବିଚାରପତି ଗୌତମ ଆଙ୍ଖଡ଼୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁନର୍ବାର କହିଛନ୍ତି ଯେ ଯଦି ମାଲ୍ୟା ଚାହାଁନ୍ତି ଯେ କୋର୍ଟ ତାଙ୍କ ଆବେଦନ ଉପରେ ବିଚାର କରନ୍ତୁ, ତେବେ ସେ ପ୍ରଥମେ ଭାରତ ଫେରି ଆସିବା ଉଚିତ୍ । ଅନ୍ୟପକ୍ଷେ ମାଲ୍ୟା ନିଜ ଉତ୍ତରରେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ତାଙ୍କ ପାଖରେ ଆଉ ତାଙ୍କର ଭାରତୀୟ ପାସପୋର୍ଟ ନାହିଁ । ୨୦୧୬ ମସିହାରେ ଭାରତ ସରକାର ଏହାକୁ ରଦ୍ଦ କରିଦେଇଥିଲେ । ମାଲ୍ୟା ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ଇଂଲଣ୍ଡ ଏବଂ ୱେଲ୍ସର କୋର୍ଟଙ୍କ ନିର୍ଦ୍ଦେଶ ତାଙ୍କୁ ଦେଶ ଛାଡିବାକୁ ବାରଣ କରୁଛି । ଏସବୁ କାରଣରୁ ସେ ଏବେ ୟୁକେ ଛାଡିବାକୁ ଅସମର୍ଥ । ନିଜ ଓକିଲ ଅମିତ ଦେଶାଇଙ୍କ ମାଧ୍ୟମରେ ବିଜୟ ମାଲ୍ୟା ନିଜ ଉତ୍ତରକୁ କୋର୍ଟ ସମ୍ମୁଖରେ ଦାଖଲ କରିଛନ୍ତି । ଅନ୍ୟପକ୍ଷେ ଉଚ୍ଚ ନ୍ୟାୟାଳୟ ମାଲ୍ୟାଙ୍କ ବୟାନର ଉତ୍ତର ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ପରବର୍ତ୍ତୀ ମାସରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ମାମଲାକୁ ସ୍ଥଗିତ କରିଛନ୍ତି ।

ମାର୍ଚ୍ଚ ୨୦୧୬ରେ ଭାରତ ଛାଡିବା ପରଠାରୁ ୟୁକେରେ ରହୁଥିବା ମାଲ୍ୟା ଉଚ୍ଚ ନ୍ୟାୟାଳୟରେ ଦୁଇଟି ଆବେଦନ ଦାଖଲ କରିଛନ୍ତି, ଗୋଟିଏ ତାଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରିବା ଆଦେଶକୁ ଚ୍ୟାଲେଞ୍ଜ କରି ଏବଂ ଅନ୍ୟଟି ପଳାତକ ଅର୍ଥନୈତିକ ଅପରାଧୀ ଆଇନର ସାମ୍ବିଧାନିକ ବୈଧତା ଉପରେ ପ୍ରଶ୍ନ ଉଠାଇ । ଏହା ଉପରେ ଶୁଣାଣି କରିବା ପରିପ୍ରେକ୍ଷୀରେ ଖଣ୍ଡପୀଠ ଗତ ସପ୍ତାହରେ ସ୍ପଷ୍ଟ କରି ଦେଇଥିଲେ ଯେ ଭାରତ ଫେରି ନଆସିଲେ ତାଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ତାଙ୍କ ଆବେଦନର ଶୁଣାଣି କରାଯିବ ନାହିଁ । କୋର୍ଟ ମାଲ୍ୟାଙ୍କୁ ସ୍ପଷ୍ଟ କରିବାକୁ କହିଥିଲେ ଯେ ସେ ଦେଶକୁ ଫେରିବାକୁ ଚାହୁଁଛନ୍ତି କି ନାହିଁ । ଏହାର ଉତ୍ତର ଦେବା ପରିପ୍ରେକ୍ଷୀରେ ମାଲ୍ୟା ଏପରି କିଛି ଲେଖିଛନ୍ତି । ମାଲ୍ୟା ନିଜ ଓକିଲଙ୍କ ମାଧ୍ୟମରେ ଆଉ ଏକ ବଡ଼ ଯୁକ୍ତି ମଧ୍ୟ ଉପସ୍ଥାପନ କରିଛନ୍ତି । ମାଲ୍ୟା ଦର୍ଶାଇଛନ୍ତି ଯେ, ପଳାତକ ଟ୍ୟାଗ୍ ଏବଂ ଆଇନର ବ୍ୟବସ୍ଥା ବିରୁଦ୍ଧରେ ତାଙ୍କ ଆବେଦନ ଶୁଣିବା ପାଇଁ କୋର୍ଟ ପାଇଁ ଭାରତରେ ମାଲ୍ୟାଙ୍କ ଶାରୀରିକ ଉପସ୍ଥିତି ଆବଶ୍ୟକ ନୁହେଁ । ଯଦି ସେ (ମାଲ୍ୟା) ଭାରତରେ ହାଜର ହୁଅନ୍ତି, ତେବେ ଏହି ସମସ୍ତ ପ୍ରକ୍ରିୟା ଅପ୍ରାସଙ୍ଗିକ ହୋଇଯିବ କାରଣ ଆଇନ ଅନୁଯାୟୀ ଅପରାଧୀ ସମ୍ପୃକ୍ତ ଅଦାଲତରେ ହାଜର ହେବା ପରେ, ଏହି ସମସ୍ତ ଆଦେଶକୁ ଖାରଜ କରିଦିଆଯିବ ।

ସୂଚନାଯୋଗ୍ୟ, ବିଜୟ ମାଲ୍ୟାଙ୍କ ବିରୋଧରେ ପ୍ରାୟ ୯ହଜାର କୋଟି ଟଙ୍କାର ବ୍ୟାଙ୍କ୍ ଋଣ ଜାଲିଆତି କରିଥିବା ଅଭିଯୋଗ ରହିଛି । ତାଙ୍କ ବିରୋଧରେ ବ୍ୟାଙ୍କ୍ ଠକେଇ ତଥା ମନି ଲଣ୍ଡରିଂ ଭଳି ଆଇନ୍ ଅନ୍ତର୍ଗତ ମାମଲା ରୁଜୁ କରାଯାଇଛି । ମନି ଲଣ୍ଡରିଂ ନିବାରଣ ଆଇନ ଅନୁଯାୟୀ ମାମଲାର ଶୁଣାଣି କରୁଥିବା ଏକ ସ୍ୱତନ୍ତ୍ର କୋର୍ଟ ଜାନୁଆରୀ ୨୦୧୯ ରେ ତାଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରିଥିଲେ ।

### ୨୦୨୭ରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ

# ଏକାକୀ ଲଢ଼ିବ ମାୟାବତୀଙ୍କ ଦଳ ବିଏସ୍‌ପି

**ଲକ୍ଷ୍ନୌ, ୧୮।୨/ଏଜେନ୍ସି:** ଆସନ୍ତାବର୍ଷ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନକୁ ନେଇ ପ୍ରାୟ ସମସ୍ତ ରାଜନୈତିକ ଦଳ ନିଜ ନିଜ ହିସାବରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ତେବେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ଏକ ବଡ଼ ନିଷ୍ପତ୍ତି ଏବେ ସାମ୍ନାକୁ ଆସିଛି ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ରିପୋର୍ଟ ଅନୁସାରେ ଆଗାମୀ ବିଧାନସଭା ନିର୍ବାଚନରେ ତାଙ୍କ ଦଳ କୌଣସି ଦଳ ସହିତ ମେଣ୍ଟ ନ କରି ଏକୁଟିଆ ଲଢ଼ିବ ବୋଲି ମାୟାବତୀ ନିଷ୍ପତ୍ତି ନେଇଛନ୍ତି । ବୁଧବାର ମାୟାବତୀ ତାଙ୍କ ଦଳ ଆଗାମୀ ବିଧାନସଭା ନିର୍ବାଚନରେ ମେଣ୍ଟ କରି ନିର୍ବାଚନ ଲଢ଼ିବ ବୋଲି ଖବରକୁ ମିଥ୍ୟା କହି ଖଣ୍ଡନ କରିଛନ୍ତି । ମାୟାବତୀ ଏକ ପ୍ରେସ୍ ବ୍ରିଫିଂରେ ଦୃଢ଼ତାର ସହ କହିଥିଲେ ଯେ, ନିର୍ବାଚନ ପୂର୍ବରୁ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଏଆଇ ମାଧ୍ୟମରେ ଏପରି ମିଥ୍ୟା ପ୍ରଚାର କରାଯାଉଛି । ତାଙ୍କ ଦଳ ଏକୁଟିଆ ନିର୍ବାଚନ ଲଢ଼ିବ ବୋଲି ସେ ବାରମ୍ବାର ଘୋଷଣା କରିବା ସତ୍ତ୍ୱେ ଏପରି ମିଥ୍ୟା ଖବର ପ୍ରସାରିତ ହେବାରେ ଲାଗିଛି ।



ପ୍ରକାଶ, ୨୦୨୫ ଅକ୍ଟୋବର ୯ରେ ଦଳର ପ୍ରତିଷ୍ଠାତା କାଂଶୀରାମ ପୁଣ୍ୟତିଥିରେ ବିଏସ୍‌ପି ଲକ୍ଷ୍ନୌରେ ଏକ ମେଗା ରାଲି କରି ଆଗାମୀ ବିଧାନସଭା ନିର୍ବାଚନରେ ଦଳ ଏକାକୀ ଲଢ଼ିବା ନେଇ ଘୋଷଣା କରିଥିଲା । ଏହାସତ୍ତ୍ୱେ ବିଭିନ୍ନ ସୋସିଆଲ ମିଡିଆ ତଥା ଗଣମାଧ୍ୟମରେ ବିଏସ୍‌ପି ମେଣ୍ଟ କରିବା ପୂର୍ବକ ନିର୍ବାଚନ ଲଢ଼ିବା ନେଇ ମିଥ୍ୟା ଖବର ପ୍ରସାର କରାଯାଉଛି । ମାୟାବତୀ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ, ସମାଜବାଦୀ ପାର୍ଟି ଓ ବିଜେପିର ମାନସିକତା ସଂକୀର୍ଣ୍ଣ ଓ ସେମାନେ ବିଆର୍ ଆମ୍ବେଦକରଙ୍କ ନୀତିଆଦର୍ଶକୁ ବିରୋଧ କରନ୍ତି । ୨୦୨୭ରେ ବିଏସ୍‌ପି ୨୦୦୭ ମସିହାଠାରୁ ମଧ୍ୟ ଅଧିକ ଆସନ ଆଣି ଏକୁଟିଆ ସରକାର ଗଢ଼ିବ ବୋଲି ମାୟାବତୀ ଆଶାବ୍ୟକ୍ତ କରିଛନ୍ତି ।

ସୂଚନାଯୋଗ୍ୟ ନିକଟରେ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କୁ ତୀବ୍ର ସମାଲୋଚନା କରିଥିଲେ ମାୟାବତୀ । ଅଖିଳେଶଙ୍କୁ ସେ ବିଶ୍ୱାସଘାତକ ବୋଲି ମଧ୍ୟ କହିବାକୁ ପଛାଇନଥିଲେ । ସୁତରାଂ ବିଏସ୍‌ପି ଏବଂ ଏସ୍‌ପି ମଧ୍ୟ ଉତ୍ତେଜନା ରହିଛି । ଅନ୍ୟପକ୍ଷେ ମାୟାବତୀ କଂଗ୍ରେସକୁ ମଧ୍ୟ ବିଶ୍ୱାସ କରିପାରୁନାହାନ୍ତି । ବିଜେପି ଠାରୁ ସମଦୂରତା ରକ୍ଷା କରିଆସିଥିବା ମାୟାବତୀଙ୍କ ଦଳ ପୂର୍ବ ନିର୍ବାଚନରେ ଶୋଚନୀୟ ପରାଜୟ ବରଣ କରିଥିଲା । ଉତ୍ତରପ୍ରଦେଶରେ ସମ୍ପ୍ରତି ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ବିଜେପି ସରକାର ରହିଛି ।

### ଦୁଇ ଆଫ୍ରିକୀୟ ଦେଶ ସୀମାରେ ବଢୁଛି ଉତ୍ତେଜନା

# ଇଥିଓପିଆ ଏବଂ ଇରିଟ୍ରିଆ ମଧ୍ୟରେ ଯୁଦ୍ଧ ସ୍ଥିତି

**ଆଡିସ୍ ଆବ୍‌ବା,ଆସମାରା, ୧୮।୨/ଏଜେନ୍ସି:** ବିଶ୍ୱ ହୁଏତ ଆଉ ଏକ ଭୟଙ୍କର ଯୁଦ୍ଧ ଦେଖିବ । ରିପୋର୍ଟ ଅନୁସାରେ ଦୁଇ ଆଫ୍ରିକୀୟ ଦେଶ ଇଥିଓପିଆ ଏବଂ ଇରିଟ୍ରିଆ ମଧ୍ୟରେ ସୀମା ବିବାଦ ଏବେ ଚରମସ୍ତରରେ ପହଞ୍ଚିଛି । ସ୍ଥିତି ଏପରି ହୋଇଛି ଯେ, ଉଭୟ ଦେଶ ମଧ୍ୟରେ କୌଣସି ସମୟରେ ମଧ୍ୟ ଯୁଦ୍ଧ ହୋଇପାରେ । ଉଭୟ ଦେଶ ଇଥିଓପିଆ ଓ ଇରିଟ୍ରିଆ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛନ୍ତି । ଏଥିପାଇଁ ଇଥିଓପିଆ ପକ୍ଷରୁ ଇରିଟ୍ରିଆ ସୀମାରେ ବିପୁଳ ସଂଖ୍ୟାରେ ସୈନ୍ୟ ମୁତୟନ ମଧ୍ୟ କରାଯାଇସାରିଛି । ଇଥିଓପିଆ ଦାବି କରୁଛି ଯେ, ଇରିଟ୍ରିଆ ବିଦ୍ରୋହୀମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଅସ୍ଥିରତାର ବାତାବରଣ ସୃଷ୍ଟି କରୁଛି । ଏଭଳି ପରିସ୍ଥିତିରେ ଇରିଟ୍ରିଆକୁ ଶିକ୍ଷା ଦେବା ଆବଶ୍ୟକ । ଅନ୍ୟପକ୍ଷେ ଇରିଟ୍ରିଆ ମଧ୍ୟ ନିଜ ସାର୍ବଭୌମତ୍ୱର ସୁରକ୍ଷାର ଦ୍ୱାହି ଦେଇ ଯେକୌଣସି ଯୁଦ୍ଧର ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ଦର୍ଶାଇଛି । ସ୍ଥାନୀୟ ଗଣମାଧ୍ୟମ ଅନୁସାରେ, ଇଥିଓପିଆ ସେନାକୁ ତିଗାନ ବିଦ୍ରୋହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାମରେ ପଶ୍ଚିମ ସୀମାରେ ମୁତୟନ କରାଯାଉଛି । ସେନା ଏକ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି । ଏପରି କରିବା ଦ୍ୱାରା ଭବିଷ୍ୟତରେ ସମଗ୍ର ଅଞ୍ଚଳକୁ ଏହା ନିୟନ୍ତ୍ରଣ କରିପାରିବ ବୋଲି ଇଥିଓପିଆ ସରକାର ଚିନ୍ତା କରୁଛନ୍ତି । ତେବେ ଇଥିଓପିଆ ସେନା ତିଗାନ ବିଦ୍ରୋହୀଙ୍କ ଯୋଗୁ ସମସ୍ୟାରେ ପଡ଼ିଛି । ଇଥିଓପିଆ ଦାବି କରୁଛି, ବିଦ୍ରୋହୀମାନଙ୍କୁ ଇରିଟ୍ରିଆନ୍ ସେନା ଅସ୍ତ୍ରଶସ୍ତ୍ର ଯୋଗାଉଛି । ଫଳରେ ସେମାନେ ଇଥିଓପିଆରେ ହିଂସା ଘଟାଉଛନ୍ତି । ଇଥିଓପିଆରୁ ଅଲଗା ହେବା ପରେ ୧୯୯୩ ମସିହାରେ ଇରିଟ୍ରିଆ ଗଠନ ହୋଇଥିଲା । ତେବେ ସୀମା ବିବାଦକୁ ନେଇ ୧୯୯୮ ମସିହାରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ ଦୁଇ ବର୍ଷ ଧରି ଚାଲିଥିଲା । ଉଭୟ ପାର୍ଶ୍ୱରେ ପ୍ରାୟ ୧୦୦,୦୦୦ ଲୋକଙ୍କର ଜୀବନ ଯାଇଥିଲା । ଯୁଦ୍ଧରେ ଇଥିଓପିଆ ସର୍ବାଧିକ କ୍ଷତି ସହିଥିଲା । ପ୍ରକାଶ, ଉଭୟ ଦେଶ ଖ୍ରୀଷ୍ଟିଆନ ବହୁଳ । ଉଭୟ ଦେଶରେ ମୁସଲମାନ ସଂଖ୍ୟାଲଘୁ ଅଟନ୍ତି । ତେବେ ୨୦୨୦ରୁ ୨୦୨୨ ମଧ୍ୟରେ, ଇରିଟ୍ରିଆନ୍ ସମର୍ଥିତ ତିଗାନ୍ ସେନା ଇଥିଓପିଆରେ ବିନାଶ ଘଟାଇଥିଲା । ଏହି ସଂଘର୍ଷ ଇଥିଓପିଆନ୍ ଗୃହଯୁଦ୍ଧ ଭାବରେ ଜଣାଶୁଣା । ଏଥିରେ ପ୍ରାୟ ୬,୦୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା । ପରବର୍ତ୍ତୀ ସମୟରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଯାଇଥିଲା । କିନ୍ତୁ ଏହା ସଫଳ ହୋଇପାରିନଥିଲା । ଏହା ପରେ ମଧ୍ୟ ଇଥିଓପିଆରେ ଆଭ୍ୟନ୍ତରୀଣ ସଂଘର୍ଷ ଜାରି ରହିଥିଲା । ଇଥିଓପିଆନ୍ ସେନା ଏବେ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ।



### ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ବଡ଼ ବୟାନ୍

# ରାହୁଲ ଜାତୀୟ ସୁରକ୍ଷା ପାଇଁ ବିପଦ, ନକ୍ସଲବାଦୀଙ୍କ ସହ ତାଙ୍କର ସମ୍ପର୍କ



**ନୂଆଦିଲ୍ଲୀ, ୧୮।୨/ଏଜେନ୍ସି:** କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ବୁଧବାର ରାହୁଲ ଗାନ୍ଧୀଙ୍କ ବିରୋଧରେ କିଛି ଟିପ୍ପଣୀ କରିଛନ୍ତି, ଯାହାକୁ ନେଇ ଏବେ ଦେଶବ୍ୟାପୀ ଚର୍ଚ୍ଚା ଜୋର ଧରିଛି । ରିଜିଜୁ କହିଛନ୍ତି, ରାହୁଲ ଗାନ୍ଧୀ ଏବେ ଜାତୀୟ ସୁରକ୍ଷା ପାଇଁ ସବୁଠାରୁ ବିପଜ୍ଜନକ ବ୍ୟକ୍ତି ହୋଇଯାଇଛନ୍ତି । ସେ ଭାରତ ବିରୋଧୀ ଶକ୍ତି ସହିତ ଜଡିତ ଅଛନ୍ତି । ସେ ନକ୍ସଲବାଦୀ, ଉଗ୍ରବାଦୀ ଏବଂ ଜର୍ଜ ସୋରୋସଙ୍କ ପରି ଲୋକଙ୍କ ସହିତ ଭେଟନ୍ତି । ରିଜିଜୁ ଏକ ସାକ୍ଷାତକାର ଅବସରରେ ଏପରି କିଛି କହିଛନ୍ତି । ରିଜିଜୁଙ୍କ କହିବାନୁସାରେ ବିରୋଧୀ ଦଳର ଜଣେ ନେତା ସମଗ୍ର ବିରୋଧୀଙ୍କୁ ପ୍ରତିନିଧିତ୍ୱ କରନ୍ତି । ବିରୋଧୀ ଦଳ ନେତାଙ୍କର ଏକ ସ୍ୱତନ୍ତ୍ର ଉତ୍ତରଦାୟିତ୍ୱ ରହିଥାଏ । ସଂସଦ ତଥା ଦେଶବାସୀଙ୍କ ପକ୍ଷରୁ ବିରୋଧୀ ଦଳ ନେତା ପ୍ରତିନିଧିତ୍ୱ କରିଥାନ୍ତି । ସୁତରାଂ ସଂସଦ ତଥା ସଂସଦ ବାହାରେ ତାଙ୍କ ସ୍ୱଭାବ, ଆଚରଣ ତଥା ବୟାନ୍‌ବାଜି ଉପରେ ସମଗ୍ର ଦେଶର ନଜର ରହିଥାଏ । କିନ୍ତୁ ସଂସଦରେ ରାହୁଲଙ୍କ ଆଚରଣ ପିଲାଳିଆମି ଯୁକ୍ତ ଏବଂ ଦାୟିତ୍ୱହୀନ । ସଂସଦ ବାହାରେ ଲୋକଙ୍କୁ ଦେଶଦ୍ରୋହୀ କହିବା, ନାଟକୀୟ ଧାରଣା ଦେବା ଏବଂ ଅପ୍ରକାଶିତ ପୁସ୍ତକ ଦେଖାଇବା ଏସବୁ ପିଲାଳିଆ ଆଚରଣ । ଭାରତର ଇତିହାସରେ ଆମେ ଏପରି ବିରୋଧୀ ନେତା କେବେ ଦେଖିନାହୁଁ । ସେ କହିଛନ୍ତି ଯେ କଂଗ୍ରେସ ଦଳର ଏକମାତ୍ର କାମ ହେଉଛି ସଂସଦରେ ହଙ୍ଗାମା କରିବା । କଂଗ୍ରେସ କହୁଛି ଯେ ସେମାନେ ସେମାନଙ୍କୁ କହିବାକୁ ଦିଆଯାଉନାହିଁ । କିନ୍ତୁ ସେ (ରାହୁଲ) ପ୍ରବେଶ କରିବା ମାତ୍ରେ ହଙ୍ଗାମା, ବ୍ୟାନର ଏବଂ ସ୍ଲୋଗାନ ଆରମ୍ଭ ହୋଇଯାଏ । ରିଜିଜୁ କହିଛନ୍ତି, ପୂର୍ବରୁ କଂଗ୍ରେସରେ ଅନେକ ପରିପକ୍ୱ ତଥା ବୁଦ୍ଧିଜୀବୀ, ଜ୍ଞାନୀଗୁଣୀ ଲୋକଙ୍କ ସମ୍ଭାର ରହିଥିଲା । ଏମାନଙ୍କ ବ୍ୟକ୍ତିତ୍ୱ ବେଶ୍ ଉଚ୍ଚକୋଟୀର ଥିଲା । କିନ୍ତୁ କଂଗ୍ରେସ ଏବେ ଧୀରେ ଧୀରେ ରାହୁଲ ଗାନ୍ଧୀଙ୍କ ପରି ହୋଇଗଲାଣି, ଏବଂ ତାଙ୍କ ଚାରିପାଖରେ ଥିବା ଲୋକମାନେ ମଧ୍ୟ ତାଙ୍କ ପରି ହୋଇଗଲେଣି । ଆମେ କଳ୍ପନା କରିପାରିନଥିଲୁ ଯେ କଂଗ୍ରେସ ଏପରି ହୋଇଯିବ ବୋଲି । ରାହୁଲ ଗାନ୍ଧୀଙ୍କ ସମର୍ଥକମାନେ ମଧ୍ୟ ତାଙ୍କୁ ଏବେ ଗମ୍ଭୀରତାର ସହ କାହିଁକି ନେଉନାହାଁନ୍ତି ? ସେ କୌଣସି ପ୍ରମାଣ ବିନା କିଛି ବି କହୁଛନ୍ତି । ଯଦି ପ୍ରଧାନମନ୍ତ୍ରୀ କାହାକୁ ଭେଟିଛନ୍ତି କିମ୍ବା ଯଦି କୌଣସି ଦଲିଲ୍ ଅଛି, ତେବେ ସେ ସେଗୁଡ଼ିକୁ ଉପସ୍ଥାପନ କରିବା ଉଚିତ୍ । ସେ କୌଣସି ଆଧାର ବିନା ବଳପୂର୍ବକ ପ୍ରଧାନମନ୍ତ୍ରୀଙ୍କ ନାମ ନେଉଛନ୍ତି । ରିଜିଜୁ ସଂସଦରେ ଗାନ୍ଧୀଙ୍କ ଆଚରଣ ଉପରେ ମଧ୍ୟ ପ୍ରଶ୍ନ ଉଠାଇ କହିଛନ୍ତି, 'ରାହୁଲ ଗାନ୍ଧୀ ଲୋକସଭାରେ କୌଣସି କାରଣ ବିନା କହୁଛନ୍ତି ।' ଯଦି ଆପଣ ବିରୋଧୀ ଦଳ ନେତା, ତେବେ ଆପଣ କ'ଣ ନିୟମର ଊର୍ଦ୍ଧ୍ୱରେ ? ସେହିପରି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ରିଜିଜୁ କହିଛନ୍ତି ଯେ ବାଚସ୍ପତିଙ୍କ କାମ ହେଉଛି ଗୃହ କାର୍ଯ୍ୟ ପରିଚାଳନା କରିବା, ସରକାରୀ କାର୍ଯ୍ୟକୁ ଆଗକୁ ବଢ଼ାଇବା ଏବଂ ବିରୋଧୀ ସାଂସଦମାନଙ୍କୁ କହିବାର ସୁଯୋଗ ଦେବା । ବିରୋଧୀ ସାଂସଦମାନେ ଯେପରି ବାଚସ୍ପତିଙ୍କ ଚାମ୍ବରରେ ପ୍ରବେଶ କରି ପ୍ରତିବାଦ କରିଥିଲେ, ବାଚସ୍ପତି ଓମ୍ ବିର୍ଲା ସଂଯମତା ଏବଂ ନମ୍ରତା ଦେଖାଇଥିଲେ । ବାଚସ୍ପତିଙ୍କ ପ୍ରତି ରାହୁଲ ସର୍ବାଧିକ ଖରାପ ପ୍ରଦର୍ଶନ କରିଛନ୍ତି ।

**ସଂସଦରେ ବିରୋଧୀ ଦଳ ନେତାଙ୍କ ଆଚରଣ ପିଲାଳିଆମୀ**

# ବିଜେପି ପକ୍ଷରୁ ଜନ ଜାଗରଣ ଅଭିଯାନ ଓ ବିଶାଳ ଶୋଭାଯାତ୍ରା

**ବୋଲଗଡ଼,୧୮।୨/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ସଦର ମୁଖ୍ୟାଳୟ ଠାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜନ ଜାଗରଣ ଅଭିଯାନ ନିମନ୍ତେ ବୁଧବାର ଏକ ବିଶାଳ ଶୋଭାଯାତ୍ରା ହୋଇଯାଇଛି। ପ୍ରାରମ୍ଭରେ ରାଜ୍ୟ ବିଜେପି ଉପସଭାପତିଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ସ୍ଥାନୀୟ ଗୋପବନ୍ଧୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଂପୃକ୍ତ ଛକରୁ ବାହାରି ନନ୍ଦିଘୋଷ ଅଭିମୁଖେ ବାହାରିଥିଲା। ନନ୍ଦିଘୋଷ ଭବନରେ ଶୋଭାଯାତ୍ରା ପହଂଚିବା ପରେ ରାଜ୍ୟ ବିଜେପି ଉପସଭାପତି ଡ଼ଃ ଯତୀନ ମହାନ୍ତିଙ୍କୁ ବ୍ଲକ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ରାଜ୍ୟ ବିଜେପି ଉପସଭାପତି ଡ଼ଃ ମହାନ୍ତି 'ଭିବି-ଜି ରାମ ଜି' ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜିବିକା ମିଶନ ଗ୍ରାମୀଣ ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଜନଜାଗରଣ ଅଭିଯାନ



ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଶାରଦା ଶତପଥୀ ଯୋଗଦେଇ କର୍ମୀ ମାନଙ୍କ ଉଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ମୋହନ ସରକାରଙ୍କ ଦ୍ୱାରା ଆହୁତ ଭିବି- ଜି ରାମ ଜି ସମ୍ପର୍କରେ ଗୁରୁତ୍ୱ ଆରୋପ କରିଥିଲେ।ଏପରିକି ଜବ କାର୍ଡଧାରୀ ଭିବି-ଜି ରାମ ଜି ନୂତନ ଯୋଜନାରେ ୧ଶହ ଦିନ ପରିବର୍ତ୍ତେ ୧ଶହ୨୫ଦିନ କାର୍ଯ୍ୟ ପାଇ ଅଧିକା ଅର୍ଥ ଉପାର୍ଜନ କରିପାରିବେ।ସେହିପରି ସୁଭଦ୍ରା ଯୋଜନାରେ ସମସ୍ତ ମହିଳାଙ୍କ ଖାତାରେ ସଫଳ ରୂପାୟନ ହୋଇ ପାରିଛି ବୋଲି ସାଧାରଣ ସମ୍ପାଦକ ଶ୍ରୀ ଶତପଥୀ ଦୃଢୋକ୍ତି ପ୍ରକାଶ କରିଥିଲେ।ଏଥିରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ବାହିନୀପତି ଯୋଗଦେଇ ଡବଲ ଇଞ୍ଜିନ ବିଜେପି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ଭୁଇଆସି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରୁ ବହୁ ମହିଳା ଯୋଗଦେଇଥିଲେ।କାର୍ଯ୍ୟକ୍ରମକୁ ବରିଷ୍ଠ ବିଜେପି ସଦସ୍ୟ ରୁଦ୍ର ନାରାୟଣ ବାହିନୀପତି ସଂଯୋଜନା କରିଥିବା ବେଳେ ବିଜେପି ତଥା ସମିତି ସଭ୍ୟ ଦିଲ୍ଲୀପ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୁରାଳରେ ରାଜସ୍ୱ ବିଭାଗ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ଓଡ଼ଗାଁ,୧୮।୨/ଏନ୍ଏନ୍ଏସ୍:** ଓଡ଼ଗାଁ ତହସିଲ ପକ୍ଷରୁ ପୁଣି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି।କିଛିଦିନ ବ୍ୟବଧାନପରେ କୁରାଳ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରାସ୍ତାକୁ ଅବରୋଧକରି ଏକ ପାଥୋଲାବ ତିଆରି କରିଥିବା ଦୋକାନୀକୁ ବୁଧବାର ଉଚ୍ଛେଦ କରାଯାଇଛି। ୩ବର୍ଷ ତଳେ ପାଥୋଲାବ ରାସ୍ତା



ଅବରୋଧ କରିଥିବାନେଇ କୁରାଳ ଗ୍ରାମବାସୀ ବାରମ୍ବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ କିନ୍ତୁ ତହସିଲ ପକ୍ଷରୁ ଦୋକାନୀଙ୍କୁ ବାରମ୍ବାର ନୋଟିସ କରି ଚୁପ ବସିଥିଲା ରାଜସ୍ୱ ବିଭାଗ। ଆଜି ତହସିଲ ଓ ପୁଲିସ କର୍ମଚାରୀମାନେ ପହଞ୍ଚି ଜବରଦଖଲ ଉଚ୍ଛେଦ କରିଥିବା ଜଣାପଡ଼ିଛି। ସେହିପରି ଅନ୍ୟଦୁଇ ଔଷଧ ଦୋକାନୀଙ୍କୁ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯାଇଛି। ଗ୍ରାମର ଚଣ୍ଡିଛକର ବେଆଇନ ଭାବେ ସରକାରୀ ଜାଗାରେ ହୋଇଥିବା ଏକ ଫାଷ୍ଟଫୁଡ଼ ଦୋକାନକୁ ମଧ୍ୟ ଉଚ୍ଛେଦ କରାଯାଇଛି। ଉଚ୍ଛେଦ କାର୍ଯ୍ୟରେ ତହସିଲଦାର ଡ଼. ମାନସ ରଞ୍ଜନ ଭୋଇଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ପବିତ୍ର କୁମାର ସେଠୀ, ସୁପରଭାଇଜର ସୁବାସ ଚନ୍ଦ୍ର ମିଶ୍ର, କୁରାଳ ରାଜସ୍ୱ ନିରୀକ୍ଷକ ଶ୍ରୀଧର ସେଠୀ, ଅମିନ ମନୋଜ କୁମାର ଦଳେଇ, ପିଅନ ପ୍ରଭାତ ବେହେରା ଏବଂ ଆଦର୍ଶ ଥାନା ପୁଲିସ କର୍ମଚାରୀମାନେ ସାମିଲଥିବା ଜଣାପଡ଼ିଛି।

## ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତି

**ବାଲୁଗାଁ,୧୮।୨/ଏନ୍ଏନ୍ଏସ୍:** ଗୁରୁବାର ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଏ ନେଇ ବାଣପୁରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ବାଣପୁର ମଣ୍ଡଳରେ ସମୁଦାୟ ୧୯୫୪ ଜଣ ଛାତ୍ରଛାତ୍ରୀ ୮ଟି କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଛି। ବାଣପୁର ଗୋଦାବରିଶ ବିଦ୍ୟାପୀଠ ହବ୍ ମାଧ୍ୟମରେ ଗୋଦାବରୀଶ ବିଦ୍ୟାପୀଠରେ ୨୮୩ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ୨୧୭ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୨୧ଜଣ, ଭୀମପୁର ସ୍ଥିତ ବାନାମ୍ବର ଏକାଡେମିରେ ୨୯୯ଜଣ, ଭେଟେଶ୍ୱର ସ୍ଥିତ ଭେଟିନାଥ ଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୫୫ଜଣ, ଗମ୍ଭାରୀମୁଣ୍ଡା ସ୍ଥିତ ପତିତପାବନ ବାଣୀମନ୍ଦିରରେ ୨୨୭ଜଣ, ନାଚୁଣୀ ସ୍ଥିତ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟରେ ୧୭୪ଜଣ ଏବଂ ଖଣତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୧୭୮ଜଣ ବିଦ୍ୟାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖା ଯାଇଥିବା ହବ୍ ପରିଚାଳକ ଶ୍ୟାମ ସୁନ୍ଦର ପ୍ରଧାନ କହିଛନ୍ତି। ସ୍ଥିର ଚିତ୍ତରେ ଭୟଭୀତ ନହୋଇ ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ସେ ପରାର୍ମଶ ଦେଇଛନ୍ତି।

## ଜଳିଲା କଣ୍ଟେନର୍, ଅଳ୍ପକେ ବର୍ତ୍ତିଲେ ଚାଳକ

**ଟାଙ୍ଗୀ,୧୮।୨/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା ୧୬ନଂ ଜାତୀୟ ରାଜପଥ ମଙ୍ଗୁଳି ଓ ନିଗୁଣ୍ଡି ମଧ୍ୟମ ସ୍ଥଳରେ ସର୍ଭିସରୋଡରେ ଠିଆ ହୋଇଥିବା ଏକ କଣ୍ଟେନର ହଠାତ୍ ଜଳିବାକୁ ଲାଗିଥିଲା। ନିଆଁର ବେଗ ଏତେ ଥିଲା ଯେ ଚାହୁଁ ଚାହୁଁ ନିଆଁ ପୁରା କଣ୍ଟେନର ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକେ ନିଆଁ କୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଅସଫଳ ହୋଇଥିଲେ। ତରନ୍ତ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଦେଖିବାକୁ ମିଳିଥିଲା। ତେବେ ଚାଳକ ବର୍ତ୍ତିଯାଇଥିବା ବେଳେ କଣ୍ଟେନରଟି ଠିଆ ହୋଇ ଥିବା ଅବସ୍ଥାରେ ନିଆଁ କେମିତି ଲାଗିଲା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟ ପଟେ ରାସ୍ତା କଡରେ କଣ୍ଟେନର ଜଳୁଥିବା ଦେଖି ରାଜପଥରେ ଗାଡିଚଳା ଚଳ ଠପ୍ ହୋଇଯାଇଥିଲା।

## ନୋଡାଲ୍ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୟାହାଟ,୧୮।୨/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରୀ ପଞ୍ଚାୟତର ଶିଙ୍ଗପାନିଆଁ ନୋଡ଼ାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସିବନ୍ଦତ ନାୟକ, ମୁଖ୍ୟ ବକ୍ତା ଭାବେ ଗୋପ ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସମ୍ରାଟଭଞ୍ଜ ଭୋଇ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡ଼ା ଯୋଗଦେଇ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପତିତପାବନ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ଶିଙ୍ଗପାନିଆଁ ସ୍କୁଲ ନୟାହାଟ ମୁଖ୍ୟ ବଜାର ଉପରେ ହେଇଥିବାରୁ ପିଲାମାନଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ହମ୍ପସ ନିର୍ମାଣ କରିବା ପାଇଁ ଉପସ୍ଥିତ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାର୍ଷିକ ବିବାରିଣୀ ପାଠ କରିଥିଲେ ଶୁଭଶ୍ରୀ ମହାପାତ୍ର। ଶିକ୍ଷାବିତ ଅଜୟ କୁମାର ରଥ, ନାଏବ ସରପଞ୍ଚ ସୁକାନ୍ତି ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକର୍ତନ ଦୀକ୍ଷିତ ଏଠାର ଅସୁବିଧା ସୁବିଧା ସମ୍ପର୍କ ରେ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର ସଭାପତି କବିନ ବେହେରା, ଏବଂ ଶିକ୍ଷୟିତ୍ରୀ କବିତା ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ

**ନୟାଗଡ଼,୧୮।୨/ଏନ୍ଏନ୍ଏସ୍:** ନୟାଗଡ଼ ବ୍ଲକ ପ୍ରଶାସନ ତରଫରୁ ବ୍ଲକ୍ ନୂତନ ସମ୍ମିଳନୀ କକ୍ଷରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତର ସଂଗଠନ ଓ ଏକତା କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ବ୍ଲକ ସ୍ତରୀୟ କବାଡି ଓ କୁସ୍ତି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ତଥା ବିଜେତା ଓ ଉପ-ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହା ପରେ ବ୍ଲକ କାର୍ଯ୍ୟାଳୟ ଠାରୁ ମା' ଦକ୍ଷିଣକାଳୀ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ନୟାଗଡ଼ ଜ୍ୟୋସ୍ନାମୟି ଆଚାର୍ଯ୍ୟ, ବିଡ଼ିଓ ନୟାଗଡ଼ ଐଶ୍ୱର୍ଯ୍ୟକ୍ଷ ଭୂୟାଁ, ଏବିଡିଓ ରତିକାନ୍ତ ସାହୁ ଆଦି ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ବ୍ଲକ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷୀର ମହିଳା ଓ ଅଙ୍ଗନବାଡ଼ି କର୍ମୀ ମଧ୍ୟ ସାମିଲ ହୋଇଥିଲେ। ମନ୍ଦିର ସମ୍ମୁଖରେ ସମସ୍ତ ଉପସ୍ଥିତ ସଭ୍ୟ 'ଏକତା ସଂକଳ୍ପ' ପାଠ କରିଥିଲେ, ଯେଉଁଥିରେ ସ୍ୱଦେଶୀ ତଥା ଭାରତ ନିର୍ମିତ ସାମଗ୍ରୀ ବ୍ୟବହାର କରିବା ପାଇଁ ଶପଥ ନିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୟାଗଡ଼ ପ୍ରୀତମ କୁମାର ମହାରଣା ପରିଚାଳନା କରିବା ସହ ଲକ୍ଷ୍ମୀଧର ମଲ୍ଲିକ ଏବଂ ସରୋଜ କୁମାର ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ଗାଇଡାନ୍ସ ପବ୍ଲିକ୍ ସ୍କୁଲ୍ର ବାର୍ଷିକ ଉତ୍ସବ



**ଓଡ଼ଗାଁ,୧୮।୨/ଏନ୍ଏନ୍ଏସ୍:** ଓଡ଼ଗାଁ ଗାଇଡାନ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଓଡ଼ଗାଁ ବ୍ଲକରୋଡ ସ୍ଥିତ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜଣେଭଲ ନାଗରିକ ହେବାକୁ ହେଲେ ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷାଗ୍ରହଣ ସହ ଚତୁର୍ପାର୍ଶ୍ୱରେ ଘଟୁଥିବା ଘଟଣା ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବା ଦରକାର ବୋଲି ଓଡ଼ଗାଁ ଗାଇଡାନ୍ସ ପବ୍ଲିକ ସ୍କୁଲର ୧୧ ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ସ୍କୁଲ୍ ଚେୟାରମ୍ୟାନ ଅବିନାଷ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ଗାଁ ତହସିଲଦାର ଡ.ମାନସ ରଂଜନ ଭୋଇ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରୀ ରାଜକିଶୋର ସାହୁ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସ୍କୁଲ୍ ଶିକ୍ଷୟିତ୍ରୀ ଜୟଶ୍ରୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍କୁଲ ପ୍ରିନ୍ସପାଲ ରଞ୍ଜନ କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ବିଷୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁନିତା ସାହୁ,ଲକ୍ଷ୍ମୀ ରାଉତ, ସୁଲୋଚନା ଅଧିକାରୀ, ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଓ ଅଭିଭାବକ ସହଯୋଗ କରିଥିଲେ।

## ୧୦ କେନ୍ଦ୍ରରେ ୧୮୪୩ ମାଟ୍ରିକ୍ ପରୀକ୍ଷାର୍ଥୀ

**ଆଠଗଡ଼,୧୮।୨/ଏନ୍ଏନ୍ଏସ୍:** ହାଇସ୍କୁଲ ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ପରିଚାଳନା କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକରେ ମୋଟ ୧୦ ଗୋଟି କେନ୍ଦ୍ରରେ ୧୮୪୩ ପରୀକ୍ଷାର୍ଥୀ ରହିଛନ୍ତି। ଟିଗିରିଆ ବ୍ଲକରେ ୬ ଗୋଟି କେନ୍ଦ୍ରରେ ୧୦୮୮ ଜଣ ପରୀକ୍ଷା ଦେବେ। ପରୀକ୍ଷା ସେଣ୍ଟର ଅଧିକ୍ଷିକା ତଥା ବିଶ୍ୱନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷୟିତ୍ରୀ କୁଶୁମାଞ୍ଜଳୀ ଜେନା ଏବଂ ଡେପୁଟି ଅଧିକ୍ଷକ ରମେଶ କୁମାର ସ୍ୱାଇଁଙ୍କ ପରିଚାଳନାରେ ଅର୍ଜନ କୁମାର ଜେନା, ସୁକାନ୍ତ ମହାପାତ୍ର, କାଜଲ କୁମାର ପରିଡା, ଅସିତ ତ୍ରିପାଠୀ, ମାନସ କୁମାର ସାହୁ ଏବଂ ସୋନୁ ବେହେରା ପ୍ରମୁଖ ପ୍ରଶ୍ନପତ୍ର ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଏହାସହିତ ସହାକରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ସେଣ୍ଟର ପର୍ଯ୍ୟବେକ୍ଷଜ ଭାବେ ରହିଥିବା ଜଣାଯାଏ। ସେହିଭଳି ଟିଗିରିଆ ବ୍ଲକରେ ୬ ଗୋଟି ପରୀକ୍ଷା କେନ୍ଦ୍ରରେ ୧୦୮୮ ଜଣ ପରୀକ୍ଷାର୍ଥୀ ରହିଛନ୍ତି ଏବଂ ଏଥିମଧ୍ୟରୁ ୩ ଗୋଟି ପରୀକ୍ଷାକେନ୍ଦ୍ର ଉତ୍ତେଜନ ପ୍ରବଣ ରହିଛି ବୋଲି ଟିଗିରିଆ ବ୍ଲକଶିକ୍ଷା ଅଧିକାରୀ ଅମର କୁମାର ମହାରଣା ପ୍ରକାଶ କରିଛନ୍ତି। ଏହିକ୍ରମରେ ଶିକ୍ଷା ଅଧିକାରୀ ଶ୍ରୀ ମହାରଣାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନୋଡାଲ ସେଣ୍ଟର ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ପରୀକ୍ଷାକୁ କିଭଳି ଶାନ୍ତି ଶୃଙ୍ଖଳା ସହିତ ଏବଂ କପି ମୁକ୍ତ କରାଯିବ ତା' ଉପରେ ଅଧିକ ଗୁରୁତ୍ୱ ଦେବାକୁ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହିତ ଏକ ରାଜ୍ୟ ମୁକ୍ତ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଅନ୍ୟ ଏକ ପରୀକ୍ଷାକେନ୍ଦ୍ର ବିଦାଣିମା ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ ଉକ୍ତ ପରୀକ୍ଷାର୍ଥୀ ମାନଙ୍କ ପାଇଁ ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିଭଳି ବାଙ୍କୀ ବ୍ଲକର ମହାନଦୀ ଉତରପାଶ୍ୱର ତଥା ଟିଗିରିଆ ବ୍ଲକକୁ ଲାଗିଥିବା ଉତରକୁଲାଟ ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟ ଆଉ ଏକ ପରୀକ୍ଷା କେନ୍ଦ୍ର ଭାବେ ରହିଛ ଏହିଭଳି ମୋଟ ୮ଗୋଟି ପରୀକ୍ଷା କେନ୍ଦ୍ର ନିମନ୍ତେ ପବିତ୍ରମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ପ୍ରଶ୍ନପତ୍ର ମାନ ପ୍ରେରଣ କରିବାର ସମସ୍ତ ବନ୍ଦୋବସ୍ତ କରାଯାଇଥିବା ଶ୍ରୀ ମହାରଣା ପ୍ରକାଶ କରିଥିଲେ। ପରୀକ୍ଷା ସେଣ୍ଟର ଅଧିକ୍ଷିକା ତଥା ପବିତ୍ର ମୋହନ ନଡାଲ ସରାକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଘୋ ହାଂସଦା ବୈଠକରେ ପରିଚାଳନା କରି ପରିକ୍ଷାକୁ କିଭଳି ତ୍ରୁଟିପୁର୍ଣ୍ଣ ହେବ ତା ଉପରେ ବିଭିନ୍ନ ପରାମର୍ଶ ମାନ ଦେଇଥିଲେ। ପରୀକ୍ଷା ପାଇଁ ଏକ୍ସକ୍ୟୁଟିଭ ମ୍ୟାଜଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକ ରହିଛନ୍ତି।

ଡେପୁଟି ଅଧିକ୍ଷକ ଭାବେ ପ୍ରମୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶ୍ନପତ୍ର ପହଞ୍ଚାଇବାରେ ପ୍ରଧାନଶିକ୍ଷକ ରବିନ୍ଦ୍ର ନାଥ ବିଶ୍ୱାଳ, ବଟକୃଷ୍ଣ ସାହୁ, ବିପିନି ବିହାରୀ ମୁଦୁଲି ଏବଂ ଜୟନ୍ତ କୁମାର ପାତ୍ର ପ୍ରମୁଖ ରହିଛନ୍ତି। ସେହିଭଳି ସମସ୍ତ ପରୀକ୍ଷା କେନ୍ଦ୍ର ମାନଙ୍କରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜିତ କରାଯାଇଥିବା ବ୍ଲକ ସାଧାନକେନ୍ଦ୍ର ସଂଯୋଜକ ତଥା ସେଣ୍ଟର ପର୍ଯ୍ୟବେକ୍ଷକ ମାଧବ ଚନ୍ଦ୍ର ଦେଉରୀ ପ୍ରକାଶ କରିଥିଲେ।

## ସାଲେପୁର ଏନ୍ଏସି ୱାର୍ଡ ଗଠନ ଓ ସଂରକ୍ଷଣର ପୁନର୍ବିଚାର ଦାବି

**ସାଲେପୁର,୧୮।୨/ଏନ୍ଏନ୍ଏସ୍:** କଟକ ଜିଲ୍ଲା ସାଲେପୁର ଏନଏସି ପାଇଁ ନୂତନ ଭାବେ ଗଠନ କରାଯାଇଥିବା ସୀମା ନିର୍ଦ୍ଧାରଣକୁ ପୁନର୍ବିଚାର କରିବା ସହ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ସଂରକ୍ଷଣ ଆସନକୁ ପରିବର୍ତ୍ତନ କରିବା ଦାବି ନେଇ ଆଜି ରୋଧପୁର୍ ଗ୍ରାମର ତିନିଗୋଟି ୱାର୍ଡର ଜନସାଧାରଣ ସାଲେପୁର ଏନ୍ଏସି ନିର୍ବାହୀ ଅଧିକାରୀ ଲୋପାମୁଦ୍ରା ନାୟକଙ୍କୁ ଭେଟିବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ସାଲେପୁରକୁ ଏନ୍ଏସି ମାନ୍ୟତା ମିଳିବା ପରେ ପ୍ରଶାସନ ପକ୍ଷରୁ ୱାର୍ଡ ଗଠନ ତାଲିକା ଓ ସଂରକ୍ଷଣ ଆସନ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଗଠନ କରାଯାଇଥିବା ଅଧିକାଂଶ ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ ସଠିକ୍ ଭାବେ କରାଯାଇନାହିଁ। ରୋଧପୁର ଗ୍ରାମର ତିନି ଗୋଟି ୱାର୍ଡ ଥିବାବେଳେ ଏନ୍ଏସି ପାଇଁ ନୂତନ ୱାର୍ଡ ପ୍ରଶାସନ ପକ୍ଷରୁ ଗଠନ କରାଯାଇଛି। ୧ ନମ୍ବର୍ ଓ ୨ ନମ୍ବର୍ ଦୁଇଟି ୱାର୍ଡକୁ ନେଇ ଗୋଟିଏ ୧୧ ନମ୍ବର୍ ୱାର୍ଡ ଗଠନ କରାଯାଇଛି। ଏହିପରି ରୋଧପୁର୍ ଦୁର୍ଗା ମନ୍ଦିର ନିକଟରୁ ସାଲେପୁର ମେଡିକାଲ ପର୍ଯ୍ୟନ୍ତ ଅଞ୍ଚଳକୁ ମାଛୁଆଡି ଗ୍ରାମ ସହ ମିଶ୍ରଣ କରାଯାଇ ୧୨ ନମ୍ବର୍ ୱାର୍ଡ ଗଠନ କରାଯାଇଛି। ଫଳରେ ରୋଧପୁର ଏହି ଅଞ୍ଚଳର କିଛି ଲୋକ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଭୋଟ ଦେବା ସହ ଅନ୍ୟାନ୍ୟ ସରକାରୀ ସୁବିଧା ପାଇଁ ଯିବାକୁ ପଡ଼ିବ ବୋଲି ଜଣାଯାଇଛି। ସେହିପରି ନୂତନ ଭାବେ ଗଠନ କରାଯାଇଥିବା ଏନ୍ଏସିର ୧୧ ନମ୍ବର୍ ୱାର୍ଡର ଆସନ ସାଧାରଣବର୍ଗ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଥିବା ବେଳେ ଏହାକୁ ପରିବର୍ତ୍ତନ କରି ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ କରିବାକୁ ରୋଧପୁର୍ ଗ୍ରାମବାସୀଙ୍କ ପକ୍ଷରୁ ଏନ୍ଏସି ନିର୍ବାହୀ ଅଧିକାରୀ ଲୋପାମୁଦ୍ରା ନାୟକଙ୍କୁ ସାକ୍ଷାତକରି ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଉତ୍ତର ବଟେଶ୍ୱର୍ ଓ ବଟେଶ୍ୱରର ବାଲିସାହି ପଞ୍ଚାୟତର ୧୧, ୧୨ ଓ ୧୩ ନମ୍ବର୍ ୱାର୍ଡକୁ ନେଇ ଏନ୍ଏସିର ୧୦ନମ୍ବର୍ ୱାର୍ଡ ଗଠନ କରାଯାଇଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀମାନେ ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି ଯେ ବାଲିସାହି ପଞ୍ଚାୟତର ୧୧ ନମ୍ବର୍ ୱାର୍ଡ ଗୋଟିଏ ଏନ୍ଏସି ୱାର୍ଡ ଓ ୧୨ ନମ୍ବର, ୧୩ ନମ୍ବର୍ ୱାର୍ଡ କୁ ଗୋଟିଏ ଏନ୍ଏସି ୱାର୍ଡ କରାଯାଉ ବୋଲି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବି ଜଣାଇଛନ୍ତି। ୱାର୍ଡଟି ଏଥି ସହିତ ସଂରକ୍ଷଣ ସାଧାରଣ ବର୍ଗ ମହିଳା ହେଇଥିବା ବେଳେ ତାକୁ ପରିବର୍ତ୍ତନ କରିବା ଦାବି କରିଛନ୍ତି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ନୂତନ ଭାବେ ଗଠନ କରାଯାଇଥିବା ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣକୁ ଆଉଥରେ ବିଚାର କରିବା ପାଇଁ ଦାବି କରିଛନ୍ତି।

## ଭୋଦର ପଞ୍ଚାୟତରେ ୨ ପ୍ରକଳ୍ପ ଉଦ୍‌ଘାଟିତ

**ଚାରିଛକ,୧୮।୨/ଏନ୍ଏନ୍ଏସ୍:** ନିମାପଡା ବ୍ଲକ ଚାରିଛକ ନିକଟସ୍ଥ ଭୋଦର ପଂଚାୟତ ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଇକେଲ ଷ୍ଟାଣ୍ଡ ଓ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ହସ୍ତ ପ୍ରକ୍ଷାଳନ ନିମନ୍ତେ ଏକ ପ୍ରକଳ୍ପକୁ ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ପ୍ରଧାନଶିକ୍ଷକ ସୁଶାନ୍ତ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ ସୁଧାଂଶୁ ଭୂଷଣ ପ୍ରଧାନ, ସମାଜସେବୀ ପ୍ରଶାନ୍ତ କୁମାର ବେହେରା, ସବ୍ୟସାଚୀ ରାୟ ଚୂଡାମଣୀ, ସୁରେନ୍ଦ୍ର ନାଥ ନାୟକ, କ୍ଷୀରୋଦ କୁମାର ନାୟକ, ତୋଫାନ କୁମାର ପ୍ରଧାନ, ମନମୋହନ ବାରିକ, କାର୍ତ୍ତିକେଶ୍ୱର ପଲତା, ଚିତ୍ତରଞ୍ଜନ ଜେନା, ପ୍ରଜ୍ଞାଜିତ ବେହେରା, ମନୋରଂଜନ ମିଶ୍ର, ୱାର୍ଡସଭ୍ୟା ସବିତାରାଣୀ ସିହ୍ନା, ୱାର୍ଡସଭ୍ୟ ଦେବେନ୍ଦ୍ର ବେହେରା, ପ୍ରମୋଦ ଜେନା, ସର୍ବେଶ୍ୱର ବାରିକ, ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ଏବେଠାରୁ ଭୀଷଣ ଖରା, ଆଗକୁ ଅସମ୍ଭାଳ ସମ୍ଭାବନା

**କଣ୍ଟିଲୋ,୧୮।୨/ଏନ୍ଏନ୍ଏସ୍:** ପ୍ରତି ବର୍ଷ ଜୁଲାଇ ମାସଠାରୁ ଅକ୍ଟୋବର ପର୍ଯ୍ୟନ୍ତ ବର୍ଷା, ନଭେମ୍ବର ଠାରୁ ଫେବୃଆରୀ ପର୍ଯ୍ୟନ୍ତ ଶୀତ ଓ ମାର୍ଚ୍ଚ ଠାରୁ ଜୁନ ମାସ ପର୍ଯ୍ୟନ୍ତ ଖରା ହୋଇଥାଏ। କିନ୍ତୁ ଚଳିତ ବର୍ଷ ଫେବୃଆରୀ ୧୫ ତାରିଖ ଠାରୁ ଜୋରଦାର ଖରା ହୋଇ ଭୀଷଣ ଗରମ ହେଉଥିବା ଅନୁଭୂତ ହେଉଛି। ଫେବୃଆରୀ ମାସ ଶେଷ ପର୍ଯ୍ୟନ୍ତ ଆଉ ଶୀତ ନରହି ଅଧାରୁ ଭୀଷଣ ଗରମ ହେଲାଣି। ଆଜିକା ଦିନର ଗ୍ରୀଷ୍ମ ତାପର ପୂର୍ବଭାସରୁ ସର୍ବସାଧାରଣ ଜନତାଙ୍କ ଅନୁଭବ ହେଉଛି, ଚଳିତ ବର୍ଷ ମାର୍ଚ୍ଚ ମାସରୁ ଜୁନ ମାସ ପର୍ଯ୍ୟନ୍ତ ଅସମ୍ଭାଳ ଗ୍ରୀଷ୍ମ ତାପ ଯୋଗୁ ଭୀଷଣ ଗରମ ହେବାର ବହୁ ସମ୍ଭାବନା ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି। ତେଣୁ ବିଦ୍ୟୁତ୍ ବିଭାଗ ତରଫରୁ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ନକରିବା ପାଇଁ, ପୂର୍ବରୁ ଉଚିତ୍ ପଦକ୍ଷେପ ନେବା ପାଇଁ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଏ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀ ଦାବି କରିଛନ୍ତି।

# ୩ ପାକ୍ସ ଉପରେ ଆୟକର ବିଭାଗର ଛାଟ

### ଆକାଉଣ୍ଟ ବନ୍ଦ କରିବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ

**ଓଡ଼ଗାଁ,୧୮।୨/ଏନ୍ଏନ୍ଏସ୍:** ଓଡ଼ଗାଁ କେନ୍ଦ୍ର ସମବାୟ ଅଧିନରେ ଥିବା ୩ ପାକ୍ସ ଉପରେ ଆୟକର ବିଭାଗର ଛାଟ। ବକେୟା ଟଙ୍କା ଜମା ନକଲେ ପାକ୍ସ ଗୁଡ଼ିକର ଚାଲୁ (ଟ୍ରାଞ୍ଜାକ୍ସନ) ଆକାଉଣ୍ଟ ବନ୍ଦକରିବାକୁ ଆୟକର ବିଭାଗ ନିର୍ଦ୍ଦେଶ ଦେଇଛି। ଓଡ଼ଗାଁର ସାକେରୀ,କୁରାଳ ଓ ବାଉଁଶଗାଡ଼ିଆ ପାକ୍ସ କୋଟିକୋଟି ଟଙ୍କା ଫାଙ୍କିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ କେନ୍ଦ୍ରସମବାୟ ବ୍ୟାଙ୍କ ଅଧିନରେ ଥିବା ପାକ୍ସ ଗୁଡ଼ିକ ଚାଷୀମାନଙ୍କୁ ଋଣ ନେଣଦେଣ କରିବା, ମଣ୍ଡି କିମ୍ବା ସଭାସମିତି କଲେ ଜମା ଖାତାରୁ ଟଙ୍କା ଭରଣା କରିବାକୁ ପଡ଼ିଥାଏ। ଏହି ଜମାଖାତାକୁ ପାକ୍ସ ଗୁଡ଼ିକ ନିଜ ନାମରେ ନିକଟସ୍ଥ କେନ୍ଦ୍ର ସମବାୟ ବ୍ୟାଙ୍କରେ ଖୋଲିଥାନ୍ତି କିନ୍ତୁ ଏମାନଙ୍କୁ ପ୍ରତିବର୍ଷ ଆୟକର



ଦେବାକୁ ପଡ଼ିଥାଏ। ପାକ୍ସ ଗୁଡ଼ିକ ଆୟକର ନଦେଇ ବର୍ଷ ବର୍ଷ ଧରି ଫାଙ୍କି ଚାଲିଛନ୍ତି। ଏପଟେ ଆୟକର ବିଭାଗ ପ୍ରତିବର୍ଷ ନୋଟିସ ପରେ ନୋଟିସ କରୁଥିଲେ ମଧ୍ୟ ପାକ୍ସ ଗୁଡ଼ିକ ଏହାକୁ ଖାମଖିଆଲ ଭାବେନେଇ ଖିଲାପି କରିଥାନ୍ତି।ପ୍ରଥମ ପର୍ଯ୍ୟାୟରେ ସାକେରୀ ପାକ୍ସ ଉପରେ ୨କୋଟି, କୁରାଳ ପାକ୍ସ ଉପରେ ୫କୋଟି ୪୫ ଲକ୍ଷ ଓ ବାଉଁଶଗାଡ଼ିଆ ଉପରେ ଦେଢକୋଟିରୁ ଉର୍ଦ୍ଧ୍ୱଟଙ୍କା ବକେୟା ଥିବା ଜଣାପଡ଼ିଛି।ଆୟକର ବିଭାଗ ନଜରରୁ ପାକ୍ସ ଗୁଡ଼ିକ ଖସିବା କାଠିକର ହୋଇଥିବାବେଳେ ସମସ୍ତ ପାକ୍ସର ଆକାଉଣ୍ଟ ବନ୍ଦ କରିବାକୁ ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ଆୟକର ବିଭାଗ କଠୋର ହେବାପରେ ଚାଷୀଙ୍କ ଉପରେ ଆର୍ଥିକ ବୋଝ ପଡ଼ିବବୋଲି କୁହାଯାଉଛି। ଚାଷୀରଣ ନେଣଦେଣ କରିବା, ମଣ୍ଡିରେ ଧାନଦେଲେ ଟଙ୍କା ପାଇବା ଆଶା ଧୂଳିସାତ୍ ହେବ ବୋଲି ଆଲୋଚନା ହେଉଛି। ଆୟକର ବିଭାଗର କାର୍ଯ୍ୟାନୁଷ୍ଠାନ ପାଇଁ ଚିଠିପରେ ପାକ୍ସ ଗୁଡ଼ିକର ଭାଗ୍ୟ କୁଆଡେ ଯିବ, ଚାଷୀଙ୍କ ସମସ୍ୟା କିପରି ସମାଧାନ କରିବେ ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଏପଟେ ଆୟକର ଦେବାକୁ ସରକାରଙ୍କ ନିୟମଥିଲେ ମଧ୍ୟ ପାକ୍ସ ଫାଙ୍କିବା ପଛର କାରଣ କ'ଣ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ତମାଣ୍ଡୋ ପ୍ରିମିୟର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

## ୟୁବି ରକ୍ଷ୍ଟାରକୁ ହରାଇ ଟିସିସି ବିଜୟୀ

**ମୁଣ୍ଡମୁହାଣ,୧୮।୨/ଏନ୍ଏନ୍ଏସ୍:** ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ ମ ତମାଣ୍ଡୋ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ୟୁବି ରକଷ୍ଟାର ୪ ୱିକେଟରେ ପରାସ୍ତ କରି ଟିସିସି ଭୁବନେଶ୍ୱର ବିଜୟୀ ହୋଇଛି। ୟୁବି ରକଷ୍ଟାର ପ୍ରଥମେ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ୟୁବି ରକଷ୍ଟାର ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲେ।ଦଳ ପକ୍ଷରୁ ରୋହିତ ସାଗର ୩୯ ବଲରେ ୫୭ ରନ, ଏସ କେ ସଲମନ ୨୭ ବଲରେ ୩୭ ରନ କରିଥିଲେ। ବିପକ୍ଷ ଦଳର ସୁଶିଲ ବାରିକ ୪ ଓଭର ବୋଲିଂ କରି ୧୯ ରନ ଦେଇ ୨ ୱିକେଟ ଓ ଅତୁଲ ସରୱାନ ୪ ଓଭରରେ ୩୬ ରନ ଦେଇ ଗୋଟିଏ ୱିକେଟ ଦଖଲ କରିଥିଲେ। ଖେଳର ଦ୍ୱିତୀୟ ଇନିଂସରେ ଟିସିସି ଭୁବନେଶ୍ୱର ଦଳ ୧୭୧ ରନର ବିଜୟ ଲକ୍ଷ ନେଇ ୧୮.୨ ଓଭରରେ ୬ ୱିକେଟ ହରାଇ ୧୭୫ ରନ କରି ବିଜୟୀ ହୋଇଥିଲେ। ଟିସିସି ପକ୍ଷରୁ ଅତୁଲ ୪୧ ବଲ ଖେଳି ୭୫ ରନ ଓ ଆକାଶ ମହାପାତ୍ର ୧୫ ବଲରେ ୩୯ ରନ କରିଥିଲେ। ବିପକ୍ଷ ଦଳର ଜୀବନ ଜେନା ୪ ଓଭରରେ ୪୧ ରନ ଦେଇ ୨ଟି ୱିକେଟ୍ , ଟୁକୁନା ସାହୁ ୪ ଓଭରରେ ୩୫ ରନ ଦେଇ ୨ ୱିକେଟ ଦଖଲ କରିଥିଲେ। ଆଜିର ମ୍ୟାଚରେ ତମାଣ୍ଡୋ କ୍ରିକେଟ କ୍ଲବର ବରିଷ୍ଠ ସଭ୍ୟ ବିଜନ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳର ଅତୁଲ ସରୱାନ କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚ ପରିଚାଳନା କରିଥିଲେ ସୁମେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ।

## ଏନଏସି କିରାଣିଙ୍କ ଅକାଳବିୟୋଗରେ ଶୋକ

**କୋଣାର୍କ,୧୮।୨/ଏନ୍ଏନ୍ଏସ୍:** କୋଣାର୍କ ଏନଏସିରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ଶ୍ରୀଧର କୁମାର ଦାସ(୫୨)ଙ୍କ ନିଜ ପୁରୀ ସ୍ଥିତ ବଡ଼ଶଙ୍ଖ ନୂଆଗାଁ ସାହି



ସ୍ଥିତ ବାସଭବନରେ ହୃଦଘାତ୍‌ରେ ମୃତ୍ୟୁ ଘଟିଛି। ସେ ଘରେ ଟଳିପଡି ଅଚେତ ହୋଇପଡିଥିଲେ। ପରିବାର ଲୋକ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ସମୟ ରେ ସ୍ତ୍ରୀ ଓ ଦୁଇ ଝିଅ ଉପସ୍ଥିତ ରହିଥିଲେ। ପରେ ତାଙ୍କର ମରଶରୀର କୁ ସୁସଜ୍ଜିତ ଏକ ଗାଡି ରେ ଏକ ଶୋଭାଯାତ୍ରା ରେ ସାହି ପରିକ୍ରମା ପରେ ପୁରୀ ସ୍ୱର୍ଗଦ୍ୱାର ନେଇ ଶବଦାହ କରିଥିଲେ। ସ୍ୱର୍ଗତ ଶ୍ରୀଧର ଦାସଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ କୋଣାର୍କ ଏନଏସି କାର୍ଯ୍ୟାଳୟରେ ଶୋକର ଛାୟା ଖେଳିଯାଇଛି।

**ନିତି ଭାରତୀ** | ସ୍ୱାସ୍ଥ୍ୟ ହେଉଛି ସର୍ବୋତ୍କୃଷ୍ଟ ଉପହାର, ଅଳ୍ପରେ ସନ୍ତୁଷ୍ଟି ଶ୍ରେଷ୍ଠ ସମ୍ପଦ, ବିଶ୍ୱସ୍ତତା ସର୍ବୋତ୍ତମ ସମ୍ପର୍କ । - **ଗୌତମ ବୁଦ୍ଧ**

ନିତିଦିନ NITIDIN
ଗୁରୁବାର, ୧୯ ଫେବୃଆରୀ ୨୦୨୬

# ଅଦୃଶ୍ୟ ମହାମାରୀ: ବାୟୁ ପ୍ରଦୂଷଣ



ଡାକ୍ତର ରାଜକିଶୋର ପଣ୍ଡା

ବର୍ତ୍ତମାନ ଭାରତରେ ବାୟୁ ପ୍ରଦୂଷଣ କେବଳ ଶୀତ ଦିନରେ ଓ ଉତ୍ତରାଞ୍ଚଳରେ ସୀମିତ ସମସ୍ୟା ହୋଇ ରହିନାହିଁ । ଦେଶର ସମଗ୍ର ଅଞ୍ଚଳ, ସମ୍ପୂର୍ଣ୍ଣ ଜନସଂଖ୍ୟା ଓ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି । ବିଶେଷକରି ବିକାଶଶୀଳ ସହରାଞ୍ଚଳଗୁଡ଼ିକରେ ବାୟୁ ପ୍ରଦୂଷଣର ମାପକ ଭାବେ ନିଆଯାଉଥିବା ପାର୍ଟିକୁଲେଟ ମ୍ୟାଟର (ପିଏମ୍)ର ସେଠାକାର ବାୟୁରେ ବିପଜ୍ଜନକ ଭାବେ ଅଧିକ ସାନ୍ଦ୍ରତା ରହୁଛି, ଯାହାକି ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହିତ ଶିଶୁମାନଙ୍କର ବିକାଶ ଧାରାରେ ବାଧା ଏବଂ ମଣିଷର ହାରାହାରି ଆୟୁ ସୀମାକୁ ମଧ୍ୟ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ପାର୍ଟିକୁଲେଟ ମ୍ୟାଟର (ପିଏମ୍) ୨.୫କୁ ନିର୍ଣ୍ଣାୟକ ଭାବରେ ଧରି ୨୦୨୬ର ଆରମ୍ଭରେ ଦେଶବ୍ୟାପି କରାଯାଇଥିବା ସର୍ବେକ୍ଷଣରେ ଜଣା ପଡ଼ିଲା ଯେ ୨.୫ ମାପକ ବ୍ୟବସ୍ଥାକୁ ଭାରତର ପଇଁଚାଳିଶରୁ ଷାଠିଏ ପ୍ରତିଶତ ସହର ଅତିକ୍ରମ କରି ଯାଇଛନ୍ତି । ଏହି ସର୍ବେକ୍ଷଣରେ ଆସାମର ବିରନିହାଟ ଓ ରାଜଧାନୀ ଦିଲ୍ଲୀ ଦେଶର ଦୁଇ ସବୁଠାରୁ ଅଧିକ ବାୟୁ ପ୍ରଦୂଷିତ ସହରର ମାନ୍ୟତା ପାଇଛନ୍ତି । ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ଏହି ପିଏମ୍ କ'ଣ, ତା' ବିଷୟରେ ପାଠକମାନଙ୍କୁ ସରଳ ଭାଷାରେ କିଛି ସୂଚନା ଦେବା ଆବଶ୍ୟକ ମନେ କରୁଛୁ । ପିଏମ୍ ମୁଖ୍ୟତଃ ବୁଝାଇ ଥାଏ କଠିନ ଓ ତରଳ ପଦାର୍ଥର ଏକ ମିଶ୍ରିତ କଣିକାକୁ, ଯାହା ପ୍ରଦୂଷିତ ବାୟୁରେ ଥାଏ । ଏଥିରେ ଥାଏ ଧୂଳିକଣା, ଧୂଆଁ (ସିଗାରେଟ୍ ଧୂଆଁଠାରୁ ଆରମ୍ଭ କରି ଯାନବାହନ ଓ କଳ କାରଖାନାର ଧୂଆଁ ପର୍ଯ୍ୟନ୍ତ) ଏବଂ ବିଭିନ୍ନ ରାସାୟନିକ ପଦାର୍ଥ । ଆକାର ଦୃଷ୍ଟିରୁ ମୁଖ୍ୟତଃ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ଗୋଟିଏ ହେଉଛି ପିଏମ୍-୧୦, ଯାହାକି ଦଶ ମାଇକ୍ରୋମିଟର କିମ୍ବା ଏହାଠାରୁ ଛୋଟ ଏବଂ ପିଏମ୍-୨.୫, ଯାହାକି ଅଢ଼େଇ ମାଇକ୍ରୋମିଟର କିମ୍ବା ଏହାଠାରୁ ଛୋଟ । ଏହି ପିଏମ୍ ୨.୫ ନିଜର କ୍ଷୁଦ୍ରତା ଓ ସୂକ୍ଷ୍ମତା ଯୋଗୁଁ ହିଁ ସବୁଠାରୁ ଅଧିକ ଘାତକ ସାବ୍ୟସ୍ତ ହୋଇଥାଏ । ଏହାର କାରଣ, ମଣିଷ ଶରୀରରେ ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥାକୁ ଏହା ସହଜରେ ଅତିକ୍ରମ କରି ପାରିଥାଏ । ସରକାରୀ ଭାବରେ ବାୟୁର ମାନକୁ ପ୍ରଦୂଷଣ ଭିତ୍ତିରେ ଜାଣିବା ପାଇଁ ଭାରତରେ ଯେଉଁ ମାନକର ବ୍ୟବହାର କରାଯାଉଛି, ତାହା ହେଲା ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) । ଏହି ଏକ୍ୟୁଆଇ ପାଞ୍ଚଶହ ଅତିକ୍ରମ କଲେ ଏହାକୁ ବାୟୁ ପ୍ରଦୂଷଣର ସବୁଠାରୁ ବିପଜ୍ଜନକ ସ୍ତର ବୋଲି ଧରାଯାଇଥାଏ । କିନ୍ତୁ ଆନ୍ତର୍ଜାତିକ ଓ ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ କରାଯାଇଥିବା ବାୟୁ ପ୍ରଦୂଷଣ ସର୍ଭେରେ ଏକ୍ୟୁଆଇ ଛଅ ଶହକୁ ମଧ୍ୟ ଅତିକ୍ରମ କରିଯାଉଛି । ଏହି ଏକ୍ୟୁଆଇ ସହିତ ସିଗାରେଟ୍ ଧୂଆଁର ଏକ ଆଶ୍ଚର୍ଯ୍ୟ କରିଦେବା ଭଳି ସମ୍ପର୍କ ରହିଛି । ସେଇଟି ହେଉଛି- ବାୟୁମଣ୍ଡଳର ଏକ୍ୟୁଆଇ ସହିତ ବାଇଶି ବିଭକ୍ତ କଲେ ଯେଉଁ ସଂଖ୍ୟା ବାହାରିବ, ଦିନକୁ ସେତିକି ସିଗାରେଟ୍ ଖାଇବା ଯାହା, ସେହି ବାୟୁକୁ ଗ୍ରହଣ କରିବା ତାହା । ପ୍ରଦୂଷିତ ବାୟୁର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଯେ ମରଣାନ୍ତକ- ଏକଥା କହିବା ବାହୁଲ୍ୟ ମାତ୍ର । ଚିକାଗୋସ୍ଥିତ ଏନର୍ଜି ପଲିସି ଇନଷ୍ଟିଚ୍ୟୁଟ୍‌ର ରିପୋର୍ଟ ଦର୍ଶାଉଛି ଯେ ପାଖାପାଖି ପଚାଶ ପ୍ରତିଶତ ଭାରତୀୟ ପ୍ରଦୂଷିତ ବାୟୁ ଥିବା ଅଞ୍ଚଳରେ ବାସ କରୁଛନ୍ତି ଓ ସେମାନଙ୍କ ଆୟୁ ସୀମାରେ ମଧ୍ୟ ହ୍ରାସ ଘଟୁଛି ଏହାଦ୍ୱାରା । ଦିଲ୍ଲୀରେ ହିଁ ଏହି ଆୟୁ ହ୍ରାସ ହାରାହାରି ଆଠ ବର୍ଷ ରହୁଛି । କେବଳ ଭାରତରେ ହିଁ ୨୦୨୨ରେ ସତର ଲକ୍ଷ ଲୋକ ବାୟୁ ପ୍ରଦୂଷଣଜନିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ । ଇତି ମଧ୍ୟରେ ଏହି ସଂଖ୍ୟା ବର୍ତ୍ତମାନ କୋଡ଼ିଏ ଲକ୍ଷ ଅତିକ୍ରମ କରିଗଲାଣି ବୋଲି ବିଭିନ୍ନ ସୂତ୍ରରୁ ହେଉଥିବା ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି । ୨୦୧୦ଠାରୁ ଏହି କାରଣ ଜନିତ ମୃତ୍ୟୁରେ ଚାଳିଶ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି । ମୁଖ୍ୟତଃ ଏହା ହେଉଛି ପିଏମ୍ ୨.୫ର ବାୟୁମଣ୍ଡଳରେ ବହୁଳତା ହେତୁ, ଯାହାକି ବାଟ କଢ଼ାଇ ନେଇଥାଏ ହୃଦ୍‌ରୋଗ, ଷ୍ଟ୍ରୋକ୍, ସିଓପିଡି ଓ ଡାଇବେଟିସ୍ ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ । ବର୍ତ୍ତମାନ ପିଏମ୍ ୨.୫ର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ବିଷୟରେ ଆଲୋଚନା କରିବା ।

ପିଏମ୍ ୨.୫ର ହୃତ୍‌ପିଣ୍ଡ ଉପରେ ପ୍ରଭାବ: ଏହା ଅତି ସୂକ୍ଷ୍ମ ହୋଇଥିବାରୁ ରକ୍ତ ଜରିଆରେ ଶରୀରର ଅଭ୍ୟନ୍ତରକୁ ଯାଇ ନାନା ରୋଗ ସୃଷ୍ଟି କରିଥାଏ । ଏଗୁଡ଼ିକ ହେଉଛି- ଅତ୍ୟଧିକ ରକ୍ତଚାପ, ଆଥେରୋସ୍କ୍ଲେରୋସିସ୍, ମାୟୋକାର୍ଡ଼ିଆଲ ଇନ୍‌ଫାର୍କସନ୍, ଆରିଦମିଆ, ଷ୍ଟ୍ରୋକ୍ ଇତ୍ୟାଦି । ଯେଉଁ ଅଞ୍ଚଳରେ ହୃଦ୍‌ରୋଗୀମାନଙ୍କ ସଂଖ୍ୟା ଅଧିକ ଥାଏ, ସେଠାରେ ବାୟୁ ପ୍ରଦୂଷଣ ହେତୁ ସେମାନଙ୍କର ମୃତ୍ୟୁହାର ଅପେକ୍ଷାକୃତ ଅଧିକ ମଧ୍ୟ ହୋଇଥାଏ ।

ଫୁସ୍‌ଫୁସ୍ ଏବଂ ଶ୍ୱାସକ୍ରିୟା ଉପରେ ପ୍ରଭାବ: ପ୍ରଦୂଷିତ ବାୟୁର ସବୁଠାରୁ ଦୃଶ୍ୟମାନ ପ୍ରଭାବ ପଡ଼ିଥାଏ ଶ୍ୱାସକ୍ରିୟା ଉପରେ । ଶିଶୁମାନେ ଏହାଦ୍ୱାରା ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥାନ୍ତି । ହାରାହାରି ଦଶ ପ୍ରତିଶତ ଭାରତୀୟ ଶିଶୁ ବାୟୁ ପ୍ରଦୂଷଣ ଯୋଗୁଁ ଆଜ୍‌ମାର ଶିକାର ହୋଇଥାନ୍ତି । ଏମସ୍‌ରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ପିଏମ୍ ୨.୫ର ମାତ୍ରାରେ ମାତ୍ର ଦଶ ମାଇକ୍ରୋଗ୍ରାମ୍ ପ୍ରତି ଘନମିଟର ବୃଦ୍ଧି ଘଟିଲେ ଡାକ୍ତରଖାନାର ଶିଶୁ ବିଭାଗର ଜରୁରୀକାଳୀନ ସେବାରେ ପାଖାପାଖି ଚାଳିଶ ପ୍ରତିଶତରୁ ଅଧିକ ଶିଶୁ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଛନ୍ତି । ବୟସ୍କ ଓ ବୃଦ୍ଧମାନଙ୍କ କ୍ଷେତ୍ରରେ ଏହି ବାୟୁ ପ୍ରଦୂଷଣ ସିଓପିଡି, ବ୍ରୋଙ୍କାଇଟିସ୍, ଫୁସ୍‌ଫୁସ୍ ସଂକ୍ରମଣଜନିତ ସମସ୍ୟା ସୃଷ୍ଟି କରିଥାଏ ।

ସ୍ନାୟବିକ ସମସ୍ୟା: ବୈଜ୍ଞାନିକ ତଥ୍ୟ ଦର୍ଶାଉଛି ଯେ ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ଭଳି ସ୍ନାୟୁ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଦୂଷିତ ବାୟୁର ପ୍ରଭାବ ଚିନ୍ତାଜନକ । ମଣିଷ ଶରୀରରେ ଥିବା ଏକ ପ୍ରାକୃତିକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା, ଯାହାକୁ କୁହାଯାଏ ବ୍ଲଡ୍ ବ୍ରେନ୍ ବ୍ୟାରିୟର୍ (ବିବିବି)କୁ ପିଏମ୍ ୨.୫ ଅତିକ୍ରମ କରି ନାନାଦି ସ୍ନାୟୁଜନିତ ରୋଗ ସୃଷ୍ଟି କରିଥାଏ । ପିଲାମାନଙ୍କ କ୍ଷେତ୍ରରେ ଏହା ହେଉଛି ସ୍ମରଣ ଶକ୍ତି ଓ ବୋଧ ଶକ୍ତିରେ ହ୍ରାସ, ଶ୍ରେଣୀ ଗୃହ ପ୍ରଦର୍ଶନରେ ଅକ୍ଷମତା ଇତ୍ୟାଦି । ସେହିପରି ବୟସ୍କ ଓ ବୃଦ୍ଧମାନଙ୍କ କ୍ଷେତ୍ରରେ ଏହା ମସ୍ତିଷ୍କରେ ଥିବା ଶିରା-ପ୍ରଶିରାମାନଙ୍କରେ କ୍ଷତି ଏବଂ ଡିମେନ୍‌ସିଆ ଭଳି ସମସ୍ୟା ଡାକି ଆଣେ ।

ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ: ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ଶିଶୁଟିର ଜନ୍ମ ପରେ ମୃତ୍ୟୁ, ଜନ୍ମ ବେଳେ ଅସ୍ୱାଭାବିକ ଭାବରେ ଓଜନରେ ହ୍ରାସ, ସମୟ ପୂର୍ବରୁ ଜନ୍ମ ଆଦି ମୁଖ୍ୟତଃ ଦେଖା ଯାଇଥାଏ ।

ବାୟୁ ପ୍ରଦୂଷଣ ଭାରତୀୟ ସମାଜରେ ଗୋଟିଏ ଦର୍ପଣ ଭଳି କାର୍ଯ୍ୟ କରି ସମାଜରେ ଧନୀ ଓ ଗରିବମାନଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ସ୍ପଷ୍ଟ ଭାବରେ ଦେଖାଇ ଦେଉଛି । ସମାଜର ଗରିବ, ବଞ୍ଚିତ ପୃଷ୍ଠଭୂମିର ଲୋକମାନେ ମୁଖ୍ୟତଃ କଳକାରଖାନା ଓ ଶିଳ୍ପାଞ୍ଚଳରେ ଥିବା ବସ୍ତିମାନଙ୍କରେ ରହିଥାନ୍ତି ଏବଂ ସେହି ଅଞ୍ଚଳରୁ ବାହାରୁଥିବା ଧୂଆଁଦ୍ୱାରା ଗମ୍ଭୀର ଭାବରେ ଆକ୍ରାନ୍ତ ହୋଇଥାନ୍ତି । ଉପଯୁକ୍ତ ଗୃହ, ପରିମଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବାର ଅଭାବ ମଧ୍ୟ ଏ ଅଞ୍ଚଳରେ ପରିଲକ୍ଷିତ ହୋଇଥାଏ । ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା କଥା ଆସିଲେ ମୁଖ୍ୟତଃ ନାଗରିକ ସମାଜରେ ଆଲୋଚନା ହୋଇଥାଏ ଦୀପାବଳିରେ ବାଣ ଫୁଟାଇବା ଓ ଶସ୍ୟ କ୍ଷେତ୍ରରେ ନିଆଁ ଲଗାଇବା (ଷ୍ଟବଲ୍ ବର୍ଣ୍ଣିଂ) ଇତ୍ୟାଦି ବନ୍ଦ କରିବା ପାଇଁ । କିନ୍ତୁ ଏଗୁଡ଼ିକ ତୃଣମୂଳ କାରଣ ନୁହେଁ । ହଁ, ଏମାନେ ବାୟୁ ପ୍ରଦୂଷଣକୁ ତୀବ୍ରତର କରିବାରେ ଅବଶ୍ୟ ସାହାଯ୍ୟ କରିଥାନ୍ତି । ତୃଣମୂଳ କାରଣ ମଧ୍ୟରେ ଯାନବାହନରୁ ବାହାରୁ ଥିବା ଧୂଆଁ, କଳକାରଖାନାର ନିର୍ଗମନ, ରାସ୍ତା ଓ ଗୃହ ନିର୍ମାଣର ଧୂଳି ଓ ଧୂଆଁ, ଗ୍ରାମାଞ୍ଚଳରେ ବ୍ୟବହାର ହେଉଥିବା ଘଷି ଇତ୍ୟାଦି ମୁଖ୍ୟ । ଅନ୍ତତଃ ବାୟୁ ପ୍ରଦୂଷଣର ନିୟନ୍ତ୍ରଣ ନିମନ୍ତେ ଏକ ସ୍ୱାସ୍ଥ୍ୟକୈନ୍ଦ୍ରିକ ବହୁମୁଖୀ ପ୍ରକଳ୍ପର ଆବଶ୍ୟକତା ରହିଛି । ନିବନ୍ଧର ଶେଷରେ ଆମେ ଏହା ହିଁ ଆଲୋଚନା କରିବା । ବସ୍, ଟ୍ରକ୍, କାର୍ ଓ ଅନ୍ୟାନ୍ୟ ଦୁଇଚକିଆ ଯାନକୁ ବିପୁଳ ମାତ୍ରାରେ ବିଦ୍ୟୁତୀକରଣ କରି ଜୀବାଶ୍ମ ଇନ୍ଧନ ଭଳି ବ୍ୟବହାର ଉପଯୋଗୀ କରାଯିବା ଉଚିତ୍ । କଳକାରଖାନାରେ କୋଇଲାର ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାର ଆବଶ୍ୟକତା ରହିଛି । ନିର୍ମାଣଜନିତ ନିୟନ୍ତ୍ରଣରେ ମୁଖ୍ୟତଃ ଧୂଳିର ନିର୍ଗମନକୁ ଗୁରୁତ୍ୱର ସହିତ ହ୍ରାସ କରାଯିବା ପାଇଁ ପଦକ୍ଷେପ ନିଆଯାଉ । ନିର୍ଦ୍ଦିଷ୍ଟ ଅଞ୍ଚଳ, ଯାହାକି ବାୟୁ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୋଇଥାଏ, ସେଠାରେ ନିୟମିତ ଭାବରେ ଶିଶୁଙ୍କଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆଜ୍‌ମା, ସିଓପିଡି, ଡିମେନ୍‌ସିଆ ଆଦି ରୋଗର ଚିହ୍ନଟ କରାଯାଇ ଏହାର ଚିକିତ୍ସା କରାଯାଉ ।




ଶେଷରେ ଏତିକି ଉଲ୍ଲେଖ କରି ନିବନ୍ଧଟିକୁ ଶେଷ କରାଯାଇପାରେ ଯେ ବାୟୁ ପ୍ରଦୂଷଣର ନିୟନ୍ତ୍ରଣ ଭାର କେବଳ ସରକାରଙ୍କ ଉପରେ ଛାଡ଼ିଦେବା ଠିକ୍ କଥା ନୁହେଁ । ଏହା ଜନସାଧାରଣଙ୍କର ମଧ୍ୟ ଏକ ଜରୁରୀ କର୍ତ୍ତବ୍ୟ । ଖାଦ୍ୟ, ବସ୍ତ୍ର, ବାସଗୃହ ଏବଂ ଔଷଧ ପରି ସ୍ୱଚ୍ଛ ବାୟୁ ମଧ୍ୟ ସମଗ୍ର ଜୀବ ଜଗତ ପାଇଁ ଏକ ମୌଳିକ ଆବଶ୍ୟକତା । ତେଣୁ ଆମେମାନେ ଏହାକୁ ଏକ ଜାତୀୟ ସମସ୍ୟା ବୋଲି ବିବେଚନା କରି ନିଜ ତରଫରୁ ଛୋଟ ଛୋଟ ପରିବର୍ତ୍ତନଶୀଳ ପଦକ୍ଷେପ ନେଲେ ଏ ମହାମାରୀ ସମସ୍ୟାକୁ ଦୂର କରି ପାରିବା ।●

**ଓଡ଼ିଶା ସ୍ୱାସ୍ଥ୍ୟ ସେବା**
**ଭୁବନେଶ୍ୱର**
**ମୋ: ୮୧୪୪୦୪୨୯୯୭**

# ଗାନ୍ଧିଜୀ, ଗୋଖଲେ ଓ ଗୌରାଙ୍ଗ ଦାସ



ମିହିର ପ୍ରତାପ ଦାସ

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆଗମନର ଏକ ଶହ ବର୍ଷ ପୂରଣ ହେଉଛି । ଇତ୍ୟବସରରେ ଭାରତ ଛାଡ଼ ଆନ୍ଦୋଳନର ୮୦ ବର୍ଷ ପୂରଣ ହେଉଛି । ଓଡ଼ିଶାରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଅଂଶଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ଏକ ପ୍ରମୁଖ ନାମ ହେଉଛି ଗୌରାଙ୍ଗ ଦାସ । ସେ ୧୯୭୨ ମସିହା ଫେବୃଆରୀ ମାସ ୧୯ ତାରିଖରେ ଇହଧାମ ତ୍ୟାଗ କରିଥିଲେ । ଏହାର ୫୩ ବର୍ଷ ପୂର୍ବରୁ ଭାରତର ମହାନ୍ ନେତା ଗୋପାଳ କୃଷ୍ଣ ଗୋଖଲେ ୧୯୧୫ ମସିହା ଫେବୃଆରୀ ୧୯ ତାରିଖ ଦିନ ସ୍ୱର୍ଗପ୍ରାପ୍ତି ହୋଇଥିଲେ । ଗାନ୍ଧିଜୀ ୧୮୯୬ ମସିହାରେ ପ୍ରଥମ ଥର ଗୋପାଳ କୃଷ୍ଣ ଗୋଖଲେଙ୍କ ସହିତ ସାକ୍ଷାତ କରିଥିଲେ । ତାଙ୍କ ବ୍ୟକ୍ତିତ୍ୱରେ ପ୍ରଥମ ସାକ୍ଷାତରେ ପ୍ରଭାବିତ ହୋଇଥିଲେ । ସେହି ବର୍ଷ ଗାନ୍ଧିଜୀ ମଧ୍ୟ ତିଳକ, ରାନାଡେ ଆଦିଙ୍କୁ ସାକ୍ଷାତ କରିଥିଲେ । ଗୋଖଲେଙ୍କ ସଂପର୍କରେ ଗାନ୍ଧିଜୀ ଲେଖିଥିଲେ- ଜଣେ ପୁରତାନ ବନ୍ଧୁଙ୍କୁ ଭେଟ ହେଲେ ବା ଜଣେ ପୁତ୍ର ତା'ର ମାତା ସହିତ ବହୁତ ଦିନ ପରେ ମିଳିତ ହେଲେ ଯେପରି ମଧୁର ସଂପର୍କ ସୃଷ୍ଟି ହୁଏ, ଗୋଖଲେଙ୍କ ସହିତ ସାକ୍ଷାତ ହେଲା ପରେ ସେ ସେହିଭଳି ଅଭିଜ୍ଞତା ପାଇଥିଲେ । ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ଅବସ୍ଥାନ କରୁଥିବା ବେଳେ ୧୯୯୯ ମସିହା ଅକ୍ଟୋବର ମାସରେ ବୋଏର ଯୁଦ୍ଧ ଆରମ୍ଭ ହୋଇଥିଲା । ଯୁଦ୍ଧରେ ଆହତମାନଙ୍କ ପ୍ରାଣ ବଞ୍ଚାଇବାକୁ ଗାନ୍ଧିଜୀ ଏକ ସେବା ଦଳ ଗଠନ କରି ରଣକ୍ଷେତ୍ରର ମଧ୍ୟଭାଗକୁ ଯାଇ ସେବା ପ୍ରଦାନ କରୁଥିଲେ । ନିଜର ଜୀବନକୁ ବିପନ୍ନ କରି ସେ ମାନବିକତାର ଶ୍ରେଷ୍ଠ ନମୁନା ପ୍ରଦାନ କରିଥିଲେ । ବୋଏର ଯୁଦ୍ଧରେ ବ୍ୟବହୃତ ମାରଣାସ୍ତ୍ରକୁ ସ୍ୱଚକ୍ଷୁରେ ଦେଖି ସାରିବା ପରେ ବିଶ୍ୱରେ ରକ୍ତପାତର କାରଣକୁ ମୂଳୋତ୍ପାଟନ କରିବାକୁ ନିଷ୍ପତ୍ତି ନେଇଥିଲେ । ପରେ ୧୯୦୮ ମସିହାରେ ମାନବ ସମାଜର ବିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ସତ୍ୟାଗ୍ରହ ନାମକ ଏକ ଆୟୁଧ ନିର୍ମାଣ କରିଥିଲେ । ସତ୍ୟ ଓ ଅହିଂସା ଉପାଦାନରେ ପ୍ରସ୍ତୁତ ତାଙ୍କ ରଣନୀତି ଆଜି ପୃଥିବୀର ବିଧ୍ୱଂସୀ ମାର୍ଗକୁ ଅବରୋଧ କରିଛି । ସେହି ସମୟରେ ବିଶ୍ୱର ଅନ୍ୟ ଏକ କୋଣରେ ଚପଳ ମତି ବାଳକ ଗୌରାଙ୍ଗ ଦାସ ଭାରତର ବିହାର-ଓଡ଼ିଶା ପ୍ରଦେଶରେ ହୋଲି ରଙ୍ଗ ଖେଳ ଅବସରରେ ହସ୍ତୀ ଆରୁଢ଼ ଦେଶୀୟ ରାଜାଙ୍କ ଶରୀରରେ ଫଗୁ ସିଞ୍ଚନରେ ମନ କରି ସତ୍‌ସାହସ ପାଇଁ ଦଣ୍ଡ ବଦଳରେ ରାଜ ପ୍ରଶଂସାର ପାତ୍ର ହୋଇଥିଲେ ।

ସଂଯୋଗକୁ ଗୌରାଙ୍ଗ ଦାସ ଜଗତ୍‌ସିଂହପୁର ଜିଲ୍ଲାର ବାଗଲପୁର ଗ୍ରାମରେ ୧୮୯୯ ମସିହା ଜାନୁଆରୀ ୨୬ ତାରିଖ ଦିନ ବୋଏର ଯୁଦ୍ଧର ୯ ମାସ ପୂର୍ବରୁ ଜନ୍ମଗ୍ରହଣ କରିଥିଲେ । ଜନ୍ମ କାଳରୁ ତାଙ୍କର ଡାହାଣ ହାତ କମ୍‌ଜୋର ଥିଲା । ୧୯ ବର୍ଷ ବୟସରେ ସେ ତାଙ୍କ ପିତାଙ୍କୁ ହରେଇ ଥିଲେ । ପରିବାର ପ୍ରତିପୋଷଣ ପାଇଁ ଅଧାରୁ ପାଠରେ ଡୋରି ବାନ୍ଧି ଅମୀନ ଚାକିରି କରିଥିଲେ । ଗାନ୍ଧୀ ଓ ଗୋଖଲେଙ୍କ ପ୍ରଥମ ସାକ୍ଷାତର ୨୫ ବର୍ଷ ପରେ ୧୯୨୧ ମସିହାରେ କାଠଯୋଡ଼ି ପଠାରେ ସେ ଗାନ୍ଧୀଙ୍କ ଭାଷଣ ଶୁଣିଲେ । ତାଙ୍କୁ ଗୁରୁ ଭାବରେ ଗ୍ରହଣ କରିନେଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ । ତାଙ୍କର ପରିବାରର ଆର୍ଥିକ ଅବସ୍ଥା ଖରାପ ଥିଲା । ତାଙ୍କ ପରିଶ୍ରମ ଉପରେ ତାଙ୍କର ପରିବାରର ସମସ୍ତେ ନିର୍ଭର କରୁଥିଲେ । ତଥାପି ଦେଶ କଲ୍ୟାଣ ତାଙ୍କର ପ୍ରାଥମିକ ଧର୍ମ ହୋଇଗଲା । ଅସହଯୋଗ ଆନ୍ଦୋଳନରେ ସେ ସକ୍ରିୟ ରହିଥିଲେ ।

୧୯୩୦ ମସିହା ଲବଣ ସତ୍ୟାଗ୍ରହ ବେଳକୁ ସେ ଅଗ୍ରଣୀ ଯୁବନେତା ହୋଇ ସାରିଥିଲେ । ସେ ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହରଙ୍କ ସହିତ ଇଞ୍ଚୁଡ଼ି ରଣଭୂମିକୁ ଯାତ୍ରା କରିଥିଲେ । ସେଠାରେ ଗିରଫ ହେଲେ । ପାଟଣା କ୍ୟାମ୍ପ ଜେଲ୍‌ରେ ତାଙ୍କୁ ପୁଲିସ ବନ୍ଧୁକ ଗୋବରେ ମାଡ଼ ମାରି ମୃତବତ୍ କରି ଦେଇଥିଲେ । ଡାହାଣ ହାତଟି ସମ୍ପୂର୍ଣ୍ଣ ଅକାମୀ ହୋଇଗଲା । କିନ୍ତୁ ସେ ଏହି ଶାରୀରିକ କ୍ଷତି ପାଇଁ କେବେହେଲେ ସାହସ, ମନୋବଳ ଓ ଯୋଦ୍ଧା ପ୍ରକୃତି ହରାଇ ନଥିଲେ । ଶରୀରର ଅଚଳ ଅଙ୍ଗକୁ ବହନ କରି ଘୋଡ଼ା ଚଢ଼ିବା, ଲଢ଼େଇ କରିବା, ସାଇକେଲ ଚଳାଇବାରେ ତାଙ୍କ ପରିବେଶରେ ସେ ଥିଲେ ଅପରାଜେୟ । ଅହିଂସାର ଅନମନୀୟ ଯୋଦ୍ଧା ଭାବରେ ସେ ଥିଲେ ଜନପ୍ରିୟ ।

୧୯୩୨-୩୩ ମସିହାରେ ସମାଜବାଦୀ ଆନ୍ଦୋଳନ ପ୍ରତି ଆକୃଷ୍ଟ ହେଲେ । ଜମିଦାର ବିରୋଧୀ ଆନ୍ଦୋଳନରେ ସାରଥି ସାଜିଲେ । ୧୯୩୧ରେ ବାଗଲପୁର ଗ୍ରାମରେ ଦଶ ହଜାର ଚାଷୀଙ୍କୁ ଏକତ୍ରିତ କରି ଇତିହାସ ସୃଷ୍ଟି କରିଥିଲେ । ଏହା ପରେ ସମଗ୍ର ଓଡ଼ିଶାରେ କୃଷକମାନେ ନିଜର ଅଧିକାର ପାଇଁ ଏକତ୍ରିତ ହେବାକୁ ଆଗ୍ରହୀ ହୋଇଥିଲେ । ଅସ୍ପୃଶ୍ୟତା ବିରୁଦ୍ଧରେ ସଂଗ୍ରାମରେ ସେ ପଛରେ ପଡ଼ି ନଥିଲେ । ହରିଜନଙ୍କୁ ପାଠ ପଢ଼ାଇବାକୁ ସେ ବିଦ୍ୟାଳୟ ସ୍ଥାପନ କରିଥିଲେ । ସେ ସବର୍ଣ୍ଣ ଓ ହରିଜନମାନଙ୍କୁ ଏକତ୍ରିତ କରି ସଫଳତାର ସହିତ ମନ୍ଦିର ପ୍ରବେଶ କରିବାରେ ପ୍ରଥମ ବ୍ୟକ୍ତି ଥିଲେ । ତାଙ୍କର ଅପୂର୍ବ ସାଙ୍ଗଠନିକ ଶକ୍ତିର ଆଉ ଏକ ଜ୍ୱଳନ୍ତ ଉଦାହରଣ ନିଜ ଅଞ୍ଚଳରେ କୋଠ ଚାଷର ପ୍ରବର୍ତ୍ତନ କରିବା । ସେହି ଯୋଜନାରେ ଛୋଟ, ମଧ୍ୟମ, ବଡ଼ ଚାଷୀଙ୍କର ଜମି ଓ ହଳ ବଳଦ ଏକାଠି କରି ଭୂମିହୀନମାନଙ୍କୁ ଏକତ୍ରିତ କରି କୋଠ ଚାଷର ପ୍ରୟୋଗ କରିଥିଲେ । ଗାନ୍ଧିଜୀଙ୍କର ଟ୍ରଷ୍ଟିସିପ୍ ଭାବନାକୁ ସେ ସାକାର କରାଇ ପାରିଥିଲେ ।



(ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ)

୧୯୩୭ ମସିହାରେ କଟକ ଜିଲ୍ଲାର ବହୁଗ୍ରାମର ଦଶହରା ପଡ଼ିଆରେ ଏକ ବିରାଟ ଚାଷୀମେଳା ଆରମ୍ଭ ହୋଇଥାଏ । ଜମିଦାର ଓ ସାଆନ୍ତ ମାନେ ସରକାରୀ କଳ ସହାୟତାରେ ସଭାକୁ ଭଣ୍ଡୁର କରିବାକୁ ସ୍ଥିର କଲେ । ଗୌରାଙ୍ଗ ଦାସଙ୍କୁ ମାଡ଼ ମାରିବାର ଯୋଜନାରେ ଯୁବକମାନେ ଭୟ କରି ଯାଇଥିଲେ । ଗୌରାଙ୍ଗବାବୁଙ୍କ ବାବୁଙ୍କ ଅଗ୍ନିବର୍ଷୀ ଭାଷଣରେ ସଭା ପ୍ରକମ୍ପିତ ହେଲା । ଷଡ଼ଯନ୍ତ୍ରକାରୀମାନେ ଆତ୍ମଗୋପନ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଜୟଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା ।

୧୯୪୦ ମସିହାରେ ବ୍ୟକ୍ତିଗତ ସତ୍ୟାଗ୍ରହ କରୁଥିବା ଅବସ୍ଥାରେ ସେ ଗିରଫ ହୋଇଥିଲେ । ପୁଣି ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ସେ କଟକରେ ସୁରେନ୍ଦ୍ର ଦ୍ୱିବେଦୀଙ୍କୁ ସାକ୍ଷାତ କରି ଭବିଷ୍ୟତର ରଣନୀତି ସମ୍ପର୍କରେ ବୁଝି ସ୍ୱଗ୍ରାମ ବାଗଲପୁରକୁ ଯାଇଥିଲେ । ଜଗତ୍‌ସିଂହପୁର ଅଞ୍ଚଳରେ ଗ୍ରାମେ ଗ୍ରାମେ ବୁଲି ରକ୍ତ ବାହିନୀ, ମରଣ ବାହିନୀ ଗଠନ କରିଥିଲେ । ଗୌରାଙ୍ଗବାବୁଙ୍କୁ ଧରାଇ ଦେବା ପାଇଁ ବ୍ରିଟିଶ ସରକାର ସେ ସମୟରେ ୫୦୦ ଟଙ୍କା ପୁରସ୍କାର ଘୋଷଣା କରିଥିଲେ । ଏହି ଉଦ୍ୟମ ଅସଫଳ ହେଲା । ଗୋର୍ଖା ପୁଲିସ ମଧ୍ୟରାତ୍ରିରେ ବାଗଲପୁରରେ ତାଙ୍କୁ ଗିରଫ କରିବାକୁ ଖାନତଲାସ ଆରମ୍ଭ କଲା । ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ଗୌରାଙ୍ଗବାବୁ ଧରା ଦେଲେ । ସେ ବ୍ରହ୍ମପୁର ଜେଲ୍‌ରେ ସଜା କାଟିଲେ । ୧୯୪୪ ମସିହା ଜାନୁଆରୀ ୨୬ ତାରିଖରେ ଜେଲରେ ଭାରତୀୟ ପତାକା ଉଡ଼େଇଲେ । ବନ୍ଦୀ ଓ ପୁଲିସ୍‌ଙ୍କ ମଧ୍ୟରେ ଯୁଦ୍ଧ ହେଲା । ତୃତୀୟ ଥର ଗୌରାଙ୍ଗବାବୁଙ୍କର ପୁଲିସ୍ ଲାଠିରେ ମୁଣ୍ଡ ଫାଟିଲା । ଜେଲର ବାରଣ୍ଡାରେ ରକ୍ତଧାରା ବୋହିଗଲା । ଭାଗ୍ୟକୁ ଜୀବନ ରହିଗଲା । ବିଶ୍ୱନାଥ ପଣ୍ଡିତଙ୍କ ନେତୃତ୍ୱରେ ବନ୍ଦୀମାନେ ପୁଲିସଙ୍କୁ ଅତ୍ୟାଚାର କରିବାକୁ ସୁଯୋଗ ଦେଇ ନଥିଲେ । ୧୯୪୫ରେ ସେ କାରାମୁକ୍ତ ହେଲେ । ୧୯୪୬ ମସିହାରେ ସେ ଗୋବିନ୍ଦପୁର ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୬୧ ମସିହାରେ ସେ କଟକ ଜିଲ୍ଲା ପରିଷଦ ଚେୟାରମ୍ୟାନ୍ ହୋଇଥିଲେ । କଟକ ଜିଲ୍ଲାରେ କୃଷିର ବିସ୍ତାରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା । ସେ ଆଳୁ ଚାଷକୁ ଲୋକପ୍ରିୟ କରାଇ ଥିଲେ ଏବଂ ଆହୁରି ବହୁ ଜନହିତକର କାର୍ଯ୍ୟ କରିଥିଲେ । ଆଜି ଅନେକ ଅହିଂସା ଆନ୍ଦୋଳନରେ ଲୁଚିଥିବା ବଳିଦାନକୁ ଅଜ୍ଞତା କାରଣରୁ ଅବୁଝା ହେଉଛନ୍ତି । ଗାନ୍ଧୀ ଶିଷ୍ୟ ଗୌରାଙ୍ଗ ଦାସଙ୍କର କାହାଣୀ ସେମାନଙ୍କୁ ନିଶ୍ଚୟ ଆଲୋକ ପ୍ରଦାନ କରିବ ।●

**ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ**
**ମୋ: ୯୯୩୭୮୬୩୫୨୮**

# ଏଆଇ ପ୍ରଭାବ ସମ୍ମିଳନୀ

ଭାରତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସମ୍ମିଳନୀ ୨୦୨୬, ଯାହା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ସାରିଛି ଏବଂ ଅନ୍ୟମାନଙ୍କ ମଧ୍ୟରେ ବୈଷୟିକ ସଂସ୍ଥା, ରାଜନେତା ଏବଂ ବ୍ୟବସାୟୀ ଓ ବ୍ୟବସାୟିକ ସଂସ୍ଥାମାନଙ୍କୁ ଏକାଠି କରିଛି, ତାହା ଦୁଇ ଗୋଟି ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରଗତି ସମ୍ପର୍କରେ ସଙ୍କେତ ପ୍ରଦାନ କରୁଛି । ସମଗ୍ର ବିଶ୍ୱରେ ଏଆଇ ବର୍ତ୍ତମାନ ଏକ ସାଧାରଣ ସାମଗ୍ରୀ ଭାବରେ ପରିବର୍ତ୍ତିତ ହୋଇ ସାରିଛି, ଯେଉଁଥିପାଇଁ ଏହା ସମ୍ପର୍କରେ ସମ୍ପ୍ରତି ସବୁଆଡ଼େ ଚର୍ଚ୍ଚା । ପ୍ରତ୍ୟେକ ଦେଶ, ପ୍ରତ୍ୟେକ କମ୍ପାନୀ ଏବଂ ପ୍ରତି ପୁରୋଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଏଆଇର ଶକ୍ତିକୁ ରଣନୀତିକ କୌଶଳପୂର୍ଣ୍ଣ ଏବଂ ଅର୍ଥନୀତିକ କାମରେ ଲଗାଇବାକୁ ଚାହୁଁଛି । ପରିଣତିରେ ମାତ୍ର ଏକ ବର୍ଷରୁ ସାମାନ୍ୟ ଅଧିକ ସମୟ ମଧ୍ୟରେ ଚାଟ୍‌ଜିପିଟିର ବ୍ୟବହାର ଚାରିଗୁଣ ବୃଦ୍ଧି ପାଇଛି, ଯାହାର ସଂଖ୍ୟା ୨୦୨୪ ଡିସେମ୍ବରରେ ଦୈନିକ ଏକ ବିଲିଅନ୍ ଅନୁସନ୍ଧାନରୁ ବୃଦ୍ଧି ପାଇ ୨୦୨୬ ଜାନୁଆରୀରେ ପହଞ୍ଚିଛି ଦୈନିକ ଚାରି ବିଲିଅନ୍ ଅନୁସନ୍ଧାନରେ । ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ଏହି ପ୍ରଯୁକ୍ତିରେ ଅଗ୍ରଣୀ ରାଷ୍ଟ୍ର ଭାବରେ ରହିଛି । ଏହା ବିଶେଷୀକୃତ ଚିପସ୍‌ର ଉତ୍ପାଦନ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଛି; ଏହା ବିଶାଳ ଭାଷା ମଡେଲ (ଏଲ୍‌ଏଲ୍‌ଏମ୍) ଅଗ୍ରଣୀ ବିକାଶକାରୀ ଏବଂ ତଥ୍ୟ କେନ୍ଦ୍ର ବା ଡାଟା ସେଣ୍ଟରଗୁଡ଼ିକର ସର୍ବବୃହତ୍ ଭଣ୍ଡାରର ଅଧିକାରୀ, ଯାହାର ପରିମାଣ ହେଉଛି ୩୩ ପ୍ରତିଶତ । ଚୀନ୍ ଯେତେବେଳେ ଏହା ସହିତ ପାଖାପାଖି ହାରରେ ଚାଲିଛି, ଭାରତ ଯଦିଓ ଏହି କ୍ଷେତ୍ରରେ ବିଳମ୍ବରେ ପ୍ରବେଶ କରିଛି, ତଥାପି ଏହା ଏକ ଗୁରୁତର ଖେଳାଳି ହୋଇ ପାରିଛି । ଏକ ସଫଳ ଏଆଇ ପାରିବେଶିକ ବ୍ୟବସ୍ଥା ତିନିଗୋଟି ସ୍ତମ୍ଭ- ହାର୍ଡୱେର୍ ଭାବରେ ସେମିକଣ୍ଡକ୍ଟର, ଭାଷା ମଡେଲ ସମୂହ ଏବଂ ସଫ୍ଟୱେର ତଥା ଶକ୍ତି- ବ୍ୟୟସାପେକ୍ଷ ଡାଟା ସେଣ୍ଟରଗୁଡ଼ିକ ପାଇଁ ଶକ୍ତି ଯୋଗାଇବା ନିମନ୍ତେ ପ୍ରଚୁର ପରିମାଣର ବିଦ୍ୟୁତ୍ ଶକ୍ତି ଉପରେ ଆଶ୍ରୟ କରିଥାଏ । ଯେ କୌଣସି ଦେଶ ଏହି ତିନି ଗୋଟିଯାକ ନିୟନ୍ତ୍ରଣ କରି ପାରିବ, କେବଳ ତା'ରି ନିକଟରେ ହିଁ ନେତୃତ୍ୱ ଆପଣାଛାଏଁ ବିଦ୍ୟମାନ ହେବ । ତେଣୁ ଏସବୁ ଦେଶମାନଙ୍କୁ ଅତ୍ୟଧିକ ଆକାଂକ୍ଷୀ ଭାବରେ ଶକ୍ତି ସମ୍ବଳ ସମୂହ ଏବଂ ସାମର୍ଥ୍ୟ ହାସଲ କରିବାକୁ ଦେଶମାନଙ୍କୁ ବାଧ୍ୟ କରୁଛି ।

ଉପରୋକ୍ତ ତିନି ଗୋଟିଯାକ ଆବଶ୍ୟକତା ମଧ୍ୟରେ ଶକ୍ତି ପରିଭାଷିତ କରିବା ଭଳି ପ୍ରତିବନ୍ଧକ ସାବ୍ୟସ୍ତ ହେବାର ସମ୍ଭାବନା ରହିଛି । ଗୋଟିଏ ସାଧାସିଧା ବା ସରଳ ଏଆଇ କ୍ୱେରି ବା ଅନୁସନ୍ଧାନ ୦.୩୩ ୱାଟ୍-ଘଣ୍ଟା (ଡବ୍ଲ୍ୟୁଏଚ୍)ର ବିଦ୍ୟୁତ୍ ଶକ୍ତି ଉପଭୋଗ ବା କଞ୍ଜ୍ୟୁମ୍ କରିପାରେ । ଯଦି କ୍ୱେରିଟି ଜଟିଳ ହୋଇଥାଏ, ତା'ହେଲେ ଏଆଇ ଏଜେଣ୍ଟ ହୁଏତ ୩୩ ଡବ୍ଲ୍ୟୁଏଚ୍‌ର ଶକ୍ତି ଆବଶ୍ୟକ କରି ପାରନ୍ତି । ସମ୍ପ୍ରତି ସମଗ୍ର ବିଶ୍ୱ ଏଆଇ ଚାଳନା କରିବା ପାଇଁ ଦୈନିକ ୧.୮ ଗିଗାୱାଟ୍ (ଜିଡବ୍ଲ୍ୟୁ) ବିଦ୍ୟୁତ୍ ଶକ୍ତି ଆବଶ୍ୟକ କରୁଛି । ୨୦୨୬ ବର୍ଷ ଶେଷ ସୁଦ୍ଧା ଏଆଇ ଡାଟା ସେଣ୍ଟରଗୁଡ଼ିକ ଦୈନିକ ୪୦ ଜିଡବ୍ଲ୍ୟୁ ବିଦ୍ୟୁତ୍ ଶକ୍ତି ଆବଶ୍ୟକ କରିବେ, ଯାହା ହେଉଛି ଭାରତର ଦୈନିକ ହାରାହାରି ବିଦ୍ୟୁତ୍ ଶକ୍ତି ଚାହିଦାର ୨୦ ପ୍ରତିଶତ । ଶକ୍ତିର ଅଭାବ ବ୍ୟତୀତ ଏଆଇ ଡାଟା ସେଣ୍ଟରଗୁଡ଼ିକ ଅତ୍ୟଧିକ ପରିମାଣର ଉତ୍ତାପ ସୃଷ୍ଟି କରିଥାନ୍ତି, ଯାହା ବିଶ୍ୱ ତାପାୟନ ବୋଝରେ ବୃଦ୍ଧି କରିବା ପାଇଁ ଏକ ବିରାଟ ଅବଦାନ ରଖିବ । ଏହା ବାଦ୍ ଏଆଇର ଭୂରାଜନୀତିକ ଦିଗ ବର୍ତ୍ତମାନଠାରୁ ଜଳଜଳ ହୋଇ ଦେଖା ଯାଉଛି । ବିଶ୍ୱର ଏଆଇ ଚାହିଦାକୁ ମେଣ୍ଟାଇବା ପାଇଁ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକା ଅସମାନୁପାତିକ ଭାବରେ ଶକ୍ତିଶାଳୀ କରୁଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହଯୋଗୀ ପିଟର ନାଭାରୋ ଆମେରିକୀୟ ପ୍ରଯୁକ୍ତି କମ୍ପାନୀମାନେ ବୈଶ୍ୱିକ ଚାହିଦା ମେଣ୍ଟାଇବା ନିମନ୍ତେ ଏହି ରାଷ୍ଟ୍ରର ଶକ୍ତି ସମ୍ବଳଗୁଡ଼ିକର ବ୍ୟବହାରକୁ ନେଇ ଆପତ୍ତି ଉଠାଇଛନ୍ତି । ତେବେ ଏଆଇର ଗ୍ରହଣୀୟତା ଯେତେ ବୃଦ୍ଧି ପାଇବ, ଶକ୍ତି ଆବଶ୍ୟକତା ସେହି ଅନୁସାରେ ଅଧିକ ପରିମାଣରେ ବୃଦ୍ଧି ପାଇବ । ଆଉ ଏହି କଥା ହିଁ ଭବିଷ୍ୟତର ବ୍ୟବହାରକୁ ନେଇ କିଛି ଅନୁମାନସାପେକ୍ଷ ଅବଧାରଣାକୁ ଜନ୍ମ ଦେଇଛି, ଯାହା ମଧ୍ୟରେ ସାମିଲ ଅଛି ସ୍ପେଶ୍ ଏକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଲନ୍ ମସ୍କଙ୍କ ପରାମର୍ଶ । ସେ କହିଛନ୍ତି ଯେ ବିପୁଳ ପରିମାଣର ସୌର ଶକ୍ତି ଆହରଣ କରି ତାକୁ ଉପଯୋଗ କରିବା ନିମନ୍ତେ ମହାକାଶ-ଆଧାରିତ ଡାଟା ସେଣ୍ଟରଗୁଡ଼ିକ ସ୍ଥାପନ କରାଗଲେ ଭୂପୃଷ୍ଠର ଶକ୍ତି ଯୋଗାଣ ଉପରେ ଅଧିକ ବୋଝ ପଡ଼ିବ ନାହିଁ । ମହାକାଶ-ଆଧାରିତ ଡାଟା ସେଣ୍ଟରଗୁଡ଼ିକ ଶକ୍ତି ସଂକଟର ସମାଧାନ କରି ପାରିବା ବେଳେ ଦେଶ-ଦେଶ ମଧ୍ୟରେ ଶତ୍ରୁତା ଉପୁଜିଲେ ସେଗୁଡ଼ିକ ଆକ୍ରମଣର ଆଘାତ ସହିବା ପାଇଁ ପ୍ରଥମ ଲକ୍ଷ୍ୟଭୁକ୍ତ କେନ୍ଦ୍ର ପାଲଟିବେ, ଯାହା ସେଗୁଡ଼ିକୁ ସଦାସର୍ବଦା ବିପଦପ୍ରବଣ କରି ରଖିବ ।

ଦେଶମାନେ ତେଣୁ ପାରିବେଶିକ ମୂଲ୍ୟ ନିର୍ବିଶେଷରେ ଜିପିୟୁ, ଏଲ୍‌ଏଲ୍‌ଏମ୍ ଏବଂ ଶକ୍ତି ଉତ୍ପାଦନ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ଚାଲୁ ରଖିବେ । ଯଦି କୌଣସି ଦେଶ ପରିବେଶର କ୍ଷତି ପାଇଁ ଏଆଇ ଦୌଡ଼ରୁ ଓହରି ଯିବ, ତା'ହେଲେ ଦଶନ୍ଧି ଦଶନ୍ଧି ପର୍ଯ୍ୟନ୍ତ ଏହା ଏକ ଅବିକଶିତ ଏବଂ ବିପଦପ୍ରବଣ ଦେଶ ଭାବରେ ରହିବାକୁ ବାଧ୍ୟ ହେବ । ତେବେ ଦେଶମାନେ ଏହି ଗ୍ରହର ପାରିବେଶିକ ସୀମିତତାକୁ ଅଣଦେଖା କରି ପାରିବେ ନାହିଁ ଏବଂ ସେଥିପାଇଁ ବୈଷୟିକ ବିକାଶ ଓ ପରିବେଶ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ଉଦ୍ୟମ କରିବା ଉଚିତ । କମ୍ପାନୀମାନଙ୍କୁ ଏଆଇ ସେବା ଉପରେ କୌଣସି ରିହାତି ପ୍ରଦାନ ନ କରି ସେମାନଙ୍କର ମୂଲ୍ୟ ବିନିମୟରେ ମୂଲ୍ୟ ପ୍ରଦାନ କରିବାକୁ ବାଧ୍ୟ କରାଯାଇ ଏକ ସ୍ଥାୟୀ ସନ୍ତୁଳନ ହାସଲ କରାଯାଇପାରେ । ଏଆଇ ଏଜେଣ୍ଟମାନେ ସେମାନଙ୍କର ଭୂମିକାକୁ ଖେଳରେ ପରିଣତ କରିବା, ଭାବାବେଗ ସମ୍ବଳିତ ଉପଦେଶ ଦେବା, ନିୟମିତ ୱେବ୍ ସର୍ଚ୍ଚ କରିବା ଭଳି ଏହାର ଦୁରୁପଯୋଗ ଏବଂ ଅନୁତ୍ପାଦନଶୀଳ ବ୍ୟବହାର କରିବାର କାର୍ଯ୍ୟକଳାପରୁ ଅତ୍ୟଧିକ ଦର ନିରୁତ୍ସାହିତ କରି ପାରିବ ଏବଂ କମ୍ପ୍ୟୁଟେସନ୍ ସମ୍ବଳଗୁଡ଼ିକୁ କେବଳ ଉତ୍ପାଦନଶୀଳ ବ୍ୟବହାର କରିବା ପାଇଁ ବାଧ୍ୟ କରିବ । ଏଆଇ ଏକ ନୂତନ ଅବଧାରଣା ଏବଂ ଏହା ଫଳରେ କି କି ସୁବିଧା ଓ ଅସୁବିଧା ହେବ, ସେ ସମ୍ପର୍କରେ ସମଗ୍ର ବିଶ୍ୱ ଏବେ ସୁଦ୍ଧା ଅଜ୍ଞ ରହିଛି । ଏହା ଯେତେ ଯେତେ ପରିପକ୍ୱତା ହାସଲ କରିବ, ଏହା କେବଳ ମାନବୀୟ ବିକାଶ ପାଇଁ ବ୍ୟବହାର ହେଉଛି ଏବଂ କୌଣସି ଯାହିତାହି ଉଦ୍ଦେଶ୍ୟରେ ବ୍ୟବହାର ହେଉ ନଥିବା ସମ୍ପର୍କରେ ସମଗ୍ର ବିଶ୍ୱ ସେତିକି ଏହାକୁ ନିୟନ୍ତ୍ରଣ କରିବା ସହିତ ସୁନିଶ୍ଚିତ କରାଇବା ଉଚିତ ।●

# ସହି ପାରିଲେ- ମହାଶୟ

ଦୁଇଟା ଗଛ । ଗୋଟିଏ ବରଗଛ । ପାଖରେ ଦେବଦାରୁ ଗଛ । ଦୁହେଁ ଏକା ସମୟରେ ଉଠିଥିଲେ । ମାଳିକ ଉଭୟଙ୍କୁ ଲଗେଇ ଥିଲା । ଦିନେ ଦେବଦାରୁ ଗଛ କହିଲା- 'ମୁଁ ବହୁତ ଡେଙ୍ଗା ହୋଇଛି । ପବନ ସବୁବେଳେ ଦୋହଲେଇ ଦଉଛି । ଟିକିଏ ପବନରେ ହଲି ଯାଉଛି ।' ବରଗଛ କହିଲା- 'ମୋର ବି ସେଇ ଅବସ୍ଥା । ପବନ ଆସି ମୋ ଡାଳସବୁ ଭାଙ୍ଗି ଦଉଛି । ଆମେ କ'ଣ କରି ପାରିବା ? ପୁଣି ମୋର ତ ବହୁତ ଶାଖା ପ୍ରଶାଖା । ମୁଁ ଚାହିଁଲେ ପବନର ବାଟ ବନ୍ଦ କରିଦେବି । କିଛି ସମୟ ଅଟକେଇ ଦେବି । ଆଉ ଟିକିଏ ବଡ଼ ହୋଇଯାଏଁ । ମୋର ଶିଅ ସବୁ ମାଟି ଛୁଇଁ ଯାଆନ୍ତୁ । ଦେଖିବୁ ମୁଁ ନିଶ୍ଚୟ ପବନର ଗତିକୁ ରୋକିଦେବି ।'

ଅନେକ ଦିନ ବିତିଗଲା । ବରଗଛ ବୁଢ଼ା ହେଲା । ଶିଅମାନେ ମାଟିରେ ଲାଗିଗଲେ । ମାଟିରୁ ଖାଦ୍ୟ ସଂଗ୍ରହ କରି ଗଛକୁ ପରିପୁଷ୍ଟ କଲେ । ବରଗଛ ଖୁବ୍ ମଜଭୁତ୍ ହେଲା । ଦେବଦାରୁ ଗଛକୁ କହିଲା- 'ତୁ ସେମିତି ଦୁର୍ବଳ ହୋଇ ଥାଆ । ମତେ ଦେଖ୍, ମୁଁ କେତେ ବଳୁଆ । ହୃଷ୍ଟପୁଷ୍ଟ ହୋଇଛି । ଏବେ ପବନ ଆସିଲେ ନିଶ୍ଚୟ ଅଟକେଇ ଦେବି ।' ଦିନେ ବାତ୍ୟା ଆସିଲା । ଦେବଦାରୁ ଗଛ ନଇଁଗଲା । ବାତ୍ୟାରେ ଶୋଇଗଲା । ବରଗଛ ଉପୁଡ଼ି ପଡ଼ିଲା । ଦେବଦାରୁ ଗଛ କହୁଥିଲା- 'ଭାଇ, ପବନ ତୋ ପାଇଁ ଯେମିତି ଥିଲା, ମୋ ପାଇଁ ବି ସେମିତି ଥିଲା । ତୁ ଉପୁଡ଼ି ଗଲୁ । ମୁଁ କେବଳ ନଇଁଗଲି । କାରଣ ମୋ ବଳ ଥିବା ପର୍ଯ୍ୟନ୍ତ ମୁଁ ପବନ ସହିତ ଲଢ଼ିଲି । ଡାଳ ସବୁକୁ ମେଲେଇ ଥିଲି । ବଳ ହଟିଗଲା । ଡାଳମାନେ ଜାକି ହୋଇଗଲେ । ଜାଣିଲି ଏ ପବନ ବେଶୀ ସମୟ ରହିବନି । କିଛି ସମୟ ଗଲେ ପୁଣି ଅବସ୍ଥା ସ୍ୱାଭାବିକ ହେବ । ତେଣୁ ତା' ର ଶରଣ ଗଲି । ଶୋଇଗଲି ।'

ଯିଏ ସହିଯାଏ, ସେ ମହାଶୟ । ସେ ସହିବା ପୁଣି ପ୍ରତିକ୍ରିୟା ବିହୀନ ହେବା ଉଚିତ୍ । ପରିବାରରେ ବାପା, ମାଆ ସବୁ ସହି ଯାଆନ୍ତି ବୋଲି ସେମାନେ ଘରର ମୁରବୀ । ସେମାନେ ଚାଲିଗଲେ ପିଲା ଅନାଥ ହୋଇ ଯାଆନ୍ତି । ପୃଥିବୀ ସହିଥାଏ ବୋଲି ମାଆର ସମ୍ମାନ ପାଏ । ସହିବା ମଣିଷର ଗୋଟିଏ ଭଲ ଭୂଷଣ । ଏବେ କିନ୍ତୁ ଅନେକ ମଣିଷ ଶରୀରକୁ ସଜେଇବାରେ ବ୍ୟସ୍ତ । କିନ୍ତୁ ସହନଶୀଳତା ଭଳି ଆଭୂଷଣରେ ସଜେଇ ହେବାକୁ ଚେଷ୍ଟା କରନ୍ତି ନାହିଁ । ରାଜନେତା, ଛାତ୍ର, ଧାର୍ମିକ ମଣିଷ, ଧନୀ, ଜ୍ଞାନୀ, କଳାକାର, ଲେଖକ, ବକ୍ତା- ଏମିତି ଅନେକ କ୍ଷେତ୍ରରେ ଜଣେ ଅନ୍ୟ ଜଣକୁ ସହି ପାରନ୍ତି ନାହିଁ । ଏହାର ମୂଳ କାରଣଟି ହେଲା, ମଣିଷ ଭିତରର ଅହମିକା ତାକୁ ସହିବାକୁ ଦିଏନା । ମଣିଷ ଅନ୍ୟମାନଙ୍କୁ ପଛରେ ରଖି ନିଜେ ଆଗରେ ଚାଲିବାକୁ ଇଚ୍ଛାକରେ । ତା' ଭିତରେ ଅନ୍ୟମାନଙ୍କ ପ୍ରତି ଈର୍ଷା ଆସେ । ମଣିଷ ସିନା ଅନ୍ୟର ପଦ, ପ୍ରତିଷ୍ଠା, ବଡ଼ପଣ ଦେଖି ସହି ପାରିବନି, କିନ୍ତୁ ଯେତେବେଳେ ପ୍ରକୃତି ଦଣ୍ଡ ଦିଏ, ସେ କ'ଣ କରିବ ? କାହାକୁ ଈର୍ଷା କରିବ ? କାହାକୁ ଦୋଷ ଦେବ ? କାହାକୁ ଗାଳି ଦେବ ? ସମସ୍ତଙ୍କ ପାଇଁ ଏମିତି ସମୟ ଆସେ । ଏହା ହେଉଛି ପତନର ସମୟ । ଯେ ଯେତିକି ଦମ୍ଭରେ, ଅଭିମାନରେ ଠିଆହୁଏ, ସେ ସେତିକି ଯନ୍ତ୍ରଣା ଭୋଗେ । ଯଥେଷ୍ଟ ସମୟ ପୂର୍ବରୁ ନିଜର ପଦ, ପ୍ରତିଷ୍ଠା, ଗରିମାକୁ ଭୁଲିଯିବାକୁ ହେବ । ଦେବଦାରୁ ଗଛ ତା'ର ଶାଖାକୁ ପବନ ଅନୁସାରେ ସଙ୍କୁଚିତ କରିଦେଲା ପରି ସମସ୍ୟାର ପବନ ସହ ମୁକାବିଲା କରିବାକୁ ହେଲେ ନିଜର ବଡ଼ପଣକୁ ସଙ୍କୁଚିତ କରିବାକୁ ହେବ । ସମସ୍ୟା ଚାଲିଗଲେ ପୁଣି ଅଣ୍ଟା ସଳଖ କରିବା । କାରଣ ବାତ୍ୟା ଖୁବ୍ କମ୍ ସମୟ ହୁଏ । ସେଇ ସମୟତକ ମୁଣ୍ଡ ନୋଇଁଦେଲେ, ସହିଗଲେ ବିପଦ ଟଳିଯାଏ । ବିପଦ ପାଖରେ ଅହମିକା ନୁହେଁ, ସାହସ, ଧୈର୍ଯ୍ୟ, ଆତ୍ମବିଶ୍ୱାସ ସହିତ ସମର୍ପିତ ହେବାକୁ ହୁଏ । ନ ସହିଲେ ନାଶ ହେବାକୁ ହୁଏ ।●

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

### ବିନା ରୟାଲ୍‌ଟିରେ ଉଠୁଛି ଶହ ଶହ ଟ୍ରିପ୍ ମାଟି

# ତହସିଲ୍‌ଦାରଙ୍କ ତାଗିଦ୍‌କୁ ଖାତିର୍ କଲେନି ମାଟି ମାଫିଆ

**ପାରାଦୀପ,୧୮।୨/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ପ୍ରଶାସନ ତରଫରୁ ବାଲି ମାଫିଆଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଜିଲ୍ଲା ପ୍ରଶାସନ ଓ ପୁଲିସର ମିଳିତ ପ୍ରଚେଷ୍ଟା ଜାରି ରଖିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାଲି ମାଫିଆଙ୍କ ନିଦ ହଜାଇ ଦେଇଥିବା ବେଳେ ଏବେ ଜିଲ୍ଲାରେ ମାଟି ମାଫିଆଙ୍କ ଉପଦ୍ରବ ସାମ୍ନାକୁ ଆସିଛି। ଖବରପାଇବା ପରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଘଟଣାସ୍ଥଳକୁ ଯାଇ ବେଆଇନ ମାଟି ଉଠାଣକୁ ବନ୍ଦ କରିବା ସହିତ ତାଗିଦ କରି ଆସିବା ପରେ ଅପରାହ୍ନ ୧ଟା ପୂର୍ବରୁ ଖୁଲମଖୁଲ୍ ଭାବେ ମାଫିଆମାନେ ଯେଉଁଭଳି ରଙ୍ଗଢ଼ଙ୍ଗରେ କେତେକ ଜମିରୁ ମାଟି ଉଠାଇବାକୁ ଦଳବଳ ଧରି ଆସିଥିଲେ ସେଥିରୁ ସ୍ପଷ୍ଟ। ଏମାନେ ପ୍ରଶାସନିକ କଳକୁ ଖାତିର କରୁନାହାନ୍ତି। ଅପରପକ୍ଷେ ତହସିଲଦାର ଶ୍ରୀ ବେହେରା ମାଟି ଉଠାଣର ଅନୁମତି ନଥିବାରୁ ଘଟଣାସ୍ଥଳରୁ ୧୭ଟି ହାଇୱା ଓ ଦୁଇଟି ଏକ୍ସ୍‌କ୍ୟାଭେଟର ନମ୍ବର ଟିପିଛନ୍ତୁ। ଅନ୍ୟ ୭ଟି ହାଇୱା ଚଢ଼ର ବେଳେ ଛତ୍ରଭଙ୍ଗ ଦେଇଥିବାରୁ ନମ୍ବର ଲେଖା ଯାଇପାରି ନାହିଁ। ତହସିଲଦାର ଶ୍ରୀ ବେହେରାଙ୍କ କହିବା ମୁତାବକ, ବାଲିଆ ରାଜସ୍ୱ ସର୍କଲର ବରଲାଙ୍ଗ ମୌକାର



କେତେକ ଜମିରୁ ମାଟି ଉଠାଣର ଖବର ମିଳିଥିଲା। ଠିକଣା ଜାଗାରେ ପହଞ୍ଚିବା ପରେ ମାଟି ଉଠାଣ ନିମନ୍ତେ ଦୁଇଟି ଏକ୍ସ୍‌କ୍ୟାଭେଟର ଓ ୨୪ଟି ହାଇୱା ଏଠାରେ ପହଞ୍ଚି ଯାଇଥିବା ଦେଖା ଯାଇଥିଲା। ସେପର୍ଯ୍ୟନ୍ତ ମାଟି ଉଠାଣ ଆରମ୍ଭ ହୋଇନଥିବାରୁ ହାଇୱାଗୁଡ଼ିକ ଖାଲି ରହିଥିଲା। କିନ୍ତୁ ପ୍ରାୟ ୨ରୁ ୪ଦିନ ତଳୁ ବରଲାଙ୍ଗ ମୌକାରୁ ମାଟି ଉଠାଣ ଚାଲିଥିଲା। ଗ୍ରାଉଣ୍ଡ୍ ଜିରୋରୁ ଅନୁଧ୍ୟାନ କରାଯିବା ପରେ ବହୁ ପରିମାଣର ମାଟି ଏଠାରୁ ଉଡ଼ାଯାଇ ରେଳପଥର ପ୍ରଶସ୍ତିକରଣ କାର୍ଯ୍ୟରେ ବିନିଯୋଗ ହୋଇଥିବା ସାମ୍ନାକୁ ଆସିଛି। ବର୍ତ୍ତମାନ ବରଲାଙ୍ଗ ଫାଟକ ପାଖରୁ ପାରାଦୀପ ଆଡ଼କୁ ରେଳପଥର ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁ ରହିଛି। ସମ୍ଭବତଃ ଉକ୍ତ ପ୍ରକଳ୍ପ କାର୍ଯ୍ୟ ନେଇଥିବା ଠିକାସଂସ୍ଥା ଏଠାରୁ ମାଟି ଉଠାଇଥିବା ଅବାନ କରାଯାଉଛି। ତେବେ ନିୟମ ଅନୁସାରେ ଜମିରୁ ମାଟି ଉଠାଣ ପୂର୍ବରୁ ସ୍ଥାନୀୟ ତହସିଲର ଅନୁମତି ନିଆଯିବ। ଯେତିକି ମାଟି ଆବଶ୍ୟକ ସେଇ ହିସାବରେ ରୟାଲଟି ବା ଟିକସ ଅର୍ଥ ଦାଖଲ କରାଯିବ। ବରଲାଙ୍ଗ ମୌକାରୁ ମାଟି ଉଠାଣ ନିମନ୍ତେ କେହି ଟିକସ ଅର୍ଥ ତହସିଲରେ ଦାଖଲ କରି ନାହାନ୍ତି। ତା'ଛଡ଼ା ବରନାଙ୍ଗ ଫାଟକ ପାଖରେ ରେଳବାଇର ଯେଉଁ ପ୍ରକଳ୍ପ କାର୍ଯ୍ୟ ଚାଲିଛି ତାହା ନିଶ୍ଚିତ ଟେଣ୍ଡରହୋଇଥିବ। ଟେଣ୍ଡର ପାଇଥିବା ସଂସ୍ଥା କାର୍ଯ୍ୟାଦେଶର ଦସ୍ତାବିଜ୍ ତହସିଲରେ ଦାଖଲ କରିବେ। ଯେହେତୁ ମାଟିର ଆବଶ୍ୟକତା ଅଛି । ଏବଂ ଯେତିକି ମାଟି ଆବଶ୍ୟକ ଟେଣ୍ଡର୍ କାଗଜପତ୍ର ଦେଖି ସେଇ ପରିମାଣର ଟିକସ ତହସିଲ କର୍ତ୍ତୃପକ୍ଷ ଆଦାୟ କରିବେ। ଏଠି ଏସବୁ ନିୟମର ଅନୁପାଳନ ସଂପୃକ୍ତ ଠିକାସଂସ୍ଥା କରିନାହାନ୍ତି। ସେ ଦୃଷ୍ଟିରୁ ମାଟି ନେବାକୁ ଆସିଥିବା ସମସ୍ତ ୧୭ ହାଇୱା ଓ ନିୟୋଜିତ ହୋଇଥିବା ଦୁଇ ଏକ୍ସ୍ କ୍ୟାଭେଟର୍ ବାବଦରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦପ୍ତରକୁ ପ୍ରଥମେ ଅବଗତ କରାଯିବ। ତତ୍‌ସହିତ ବର୍ତ୍ତମାନ ରେଳପଥ ପ୍ରଶସ୍ତିକରଣରେ ଯେତିକି ମାଟି ଏଠୁ ଉଠାଣ ହୋଇ ବିନିଯୋଗ ହୋଇଛି ତା'ର ପରିମାଣ ଜାଣିବାକୁ ମାପଚୁପ ହୋଇଛି। ସେଇ ହିସାବରେ ଯେତିକି ଜରିମାନା ହେବ ସେସବୁ ଘଟଣାସ୍ଥଳରୁ ୧୭ ହାଇୱା, ଦୁଇ ଏକ୍ସ୍‌କ୍ୟାଭେଟର୍ ରେଳପଥ ପ୍ରଶସ୍ତିକରଣ କାର୍ଯ୍ୟରେ ଲଗାଯାଉଛି ମାଟି ଓ ଏକ୍ସ୍‌କ୍ୟାଭେଟର୍ ଉପରେ ଧାର୍ଯ୍ୟ କରାଯିବ ବୋଲି କହିଛନ୍ତି ତହସିଲଦାର। ମାଟି ଉଠୁଥିବା ଜାଗା ଗୁଡ଼ିକ ଘରୋଇ। ଏପଟେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ସୁଦ୍ଧା ତହସିଲଦାରଙ୍କୁ ଦେଖି ଚମ୍ପଟ ମାରିଥିଲେ ଉକ୍ତ ଠିକା ସଂସ୍ଥାର ସୁପରଭାଇଜର। ଚାଳକମାନେ ମଧ୍ୟ ଚାବି ଧରି ହାଇୱା ଗୁଡ଼ିକ ଛାଡ଼ି ଖସି ଯାଇଥିଲେ।

## ମା'ବିଲେଇ ଶୁଣି ଶକ୍ତିପୀଠର ଉନ୍ନତି ପାଇଁ ଦାବିପତ୍ର



**କଙ୍କଡ଼ାହାଡ଼,୧୮।୨/ଏନ୍‌ଏନ୍‌ଏସ୍:** କଙ୍କଡାହାଡ ବ୍ଲକ୍ କୁଟୁରିଆ ଗ୍ରାମ ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବି ଭାବେ ମା' ବିଲେଇ ଶୁଣି ଶକ୍ତିପୀଠର ଉନ୍ନତି ପାଇଁ ଦାବିପତ୍ର। ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ ଉନ୍ନତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଏହି ଦାବିପତ୍ର ଦେଇଛନ୍ତି। ବହୁ ପୁରାତନ ଏହି ଶକ୍ତି ପୀଠ। ବିଭିନ୍ନ ଜିଲ୍ଲାରୁ ଶ୍ରଦ୍ଧାଳୁମାନେ ନିଜର ମନସ୍କାମନା କରି ବର୍ଷର ନିର୍ଦ୍ଦିଷ୍ଟ ମାସରେ ଆସିଥାନ୍ତି। ଭୋଗ ଲଗାଇ ଥାଆନ୍ତି,ଏହି ଭୋଗ ସ୍ୱରୂପ ଗଞ୍ଜା, ବୋଦାଙ୍କ ରକ୍ତ ବଳିରେ ଦିଅଯାଇ ତାହାକୁ ସେହି ସ୍ଥାନରେ ରାନ୍ଧି ଖାଇବା ପରମ୍ପରା ଅଛି। ଯଦି କେହି ଭୋଗକୁ ଜାଣି ଶୁଣି ଘରକୁ ନେଇ ଥାଆନ୍ତି କିଛି ଗୋଟେ ଅଘଟଣ ଘଟିଥାଏ ଯାହା ଲୋକ କଥା ଅଛି। ଗ୍ରାମ କମିଟି ତରଫରୁ ପାନୀୟଜଳ ମନ୍ଦିରର ଉନ୍ନତି ଗାଡ଼ି ପାର୍କିଂ ତଥା ଅନ୍ୟସୁବିଧା ଦେଉଥିବା ବେଳେ ତାହା କାମଚଳା ହେଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବିଧାୟକ ନିଜେ ବନବିଭାଗ ଓ ପ୍ରଶାସନ୍ ଓ ଗ୍ରାମ କମିଟି ସହ ସେ ଜାଗାକୁ ଯାଇ ମା'ଙ୍କ ଦର୍ଶନ କରି ମନ୍ଦିରର ଉନ୍ନତି କରିବା ଆଲୋଚନା କରି ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଦାବିପତ୍ର ଦେଇଛନ୍ତି।

## ପ୍ରବେଶ ତୋରଣ ନିମ୍ନମାନର ଅଭିଯୋଗ



**ରାଜନଗର,୧୮।୨/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ବାଲିସାହିପାଟଣା ପଞ୍ଚାୟତରେ ବିକାଶ ନାଁରେ ଚାଲିଥିବା ଅନିୟମିତତାର ପର୍ଦ୍ଦାଫାଶ ହୋଇଛି। ପ୍ରାୟ ୪,୪୩,୧୨୦ ଟଙ୍କା ବ୍ୟୟରେ ନିର୍ମିତ ଏକ ପ୍ରବେଶ ତୋରଣ ନିମ୍ନମାନର କାର୍ଯ୍ୟ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ମାସେ ନ ପୁରୁଣୁ ଏହି ପ୍ରବେଶ ତୋରଣରେ ଲଗା ଯାଇଥିବା ବ୍ୟାନର ଛିଣ୍ଡିଯିବା ସହ ବିପଦଜନକ ଭାବେ ଲୁହା କଣ୍ଟା ବାହାରି ରହିଛି। ଯେକୌଣସି ସମୟରେ ଜନସାଧାରଣ ଅସୁବିଧାରେ ପଡିପାରନ୍ତି। ଆହୁରି ମଧ୍ୟ ନିର୍ମାଣାଧୀନ ପ୍ରକଳ୍ପର ଫଳକରେ ଅଟକଳ ମୂଲ୍ୟ ଟଙ୍କା ଉଲ୍ଲେଖ ଥିଲେ ମଧ୍ୟ କାମ ଆରମ୍ଭ ଓ ଶେଷ ତାରିଖ ଲେଖା ହୋଇନଥିବାରୁ ସନ୍ଦେହ ଘନୀଭୂତ ହୋଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅର୍ପଣ ମଲ୍ଲିକଙ୍କୁ ପଚାରିବାରୁ ଠିକାଦାର ତାରିଖ ଲେଖିବାକୁ ଭୁଲି ଯାଇଥିବେ। ବିଲ୍ ହୋଇଛି କି ନାହିଁ ସଠିକ୍ ଉତ୍ତର ମିଳୁନାହିଁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା



**ପାରାଦୀପ,୧୮।୨/ଏନ୍‌ଏନ୍‌ଏସ୍:** ଗତ ଫେବୃଆରୀ ୧୩ ତାରିଖ ଶୁକ୍ରବାର ରାତିରେ ପାରାଦୀପ ପୌରପାଳିକା ଅନ୍ତର୍ଗତ ବୃନ୍ଦାବନ କଲୋନୀରେ ଭୟାବହ ଅଗ୍ନିକାଣ୍ଡ ଘଟି ଘର ଓ ଆସବାପତ୍ର ସମ୍ପୂର୍ଣ୍ଣ ପୋଡି ଭସ୍ମ ହୋଇଯାଇଥିଲା। ଘରର ମାଲିକ ଅଶୋକ ସ୍ୱାଇଁ ଓ ତାଙ୍କ ପରିବାର ଘରେ ନଥିବା ସମୟରେ କୌଣସି କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ତେବେ ଏହି ଘଟଣା ପରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବିପନ୍ନ ପରିବାରକୁ ସମ୍ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅନୁରୋଧ କ୍ରମେ ପାରାଦୀପର ଇଫ୍‌କୋ କମ୍ପାନୀ ପକ୍ଷରୁ ବିପନ୍ନ ପରିବାରକୁ ଦୁଇ ମାସର ଖାଦ୍ୟ ଓ ରୋଷେଇ ସାମଗ୍ରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଇଫ୍‌କୋ ସାର କାରଖାନା ପାରାଦୀପ ୟୁନିଟର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପାରିଷଦ ସୁବ୍ରତ ପ୍ରଧାନଙ୍କ ଉପସ୍ଥିତିରେ ଏହି ସବୁ ସାମଗ୍ରୀ ପ୍ରଦାନ କରିଥିଲେ। ପ୍ରକାଶ, ପାରାଦୀପରେ ବିଭିନ୍ନ ଶିଳ୍ପ ସଂସ୍ଥା ଗଢି ଉଠିଥିବା ବେଳେ ସ୍ଥାନୀୟ ପାରିପାର୍ଶ୍ୱିକ ବିକାଶ ଏବଂ ଦୁର୍ବିପାକ ସମୟରେ ଇଫକୋ ହିଁ ଏକମାତ୍ର ସଂସ୍ଥା ଯିଏକି ସହଯୋଗ କ୍ଷେତ୍ରରେ ସର୍ବଦା ଆଗରେ ରହିଥାଏ।

## ଧାନ ବିକ୍ରି କରି ନପାରି ଚିନ୍ତାରେ ଚାଷୀ

**ବଡଚଣା,ଚଣ୍ଡିଖୋଲ,୧୮।୨/ଏନ୍‌ଏନ୍‌ଏସ୍:** ଅରଖପୁର ପ୍ରାଥମିକ କୃଷି ସମବାୟ ସମିତି ଲିଙ୍କୁ ପଞ୍ଜିକରଣ ଅନୁସାରେ ଟାର୍ଗେଟ ମିଳୁନି। ଅରଖପୁର ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ୫ଟି ପଞ୍ଚାୟତ ୩୭ଟି ଗ୍ରାମର ୫୬୫ ଜଣ ଚାଷୀ ୨୧ହଜାର କ୍ୱିଣ୍ଟାଲ ଧାନ ଅରଖପୁର ପ୍ୟାକ୍ସ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସେମାନଙ୍କ ନାମ ପଞ୍ଜିକୃତ କରିଥିଲେ। କିନ୍ତୁ ବଡ ଦୁଃଖ ଓ ପରିତାପର ବିଷୟ ମୋଟ୍ ୯ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା କରିବା ପାଇଁ ଗତ ଜାନୁଆରୀ ମାସରେ ମଣ୍ଡିକୁ ଟାର୍ଗେଟ୍ ଆସିଥିଲା।୨୨୩ ଜଣ ଚାଷୀ ତାଙ୍କର ପଞ୍ଜିକରଣ ମୁତାବକ ମଣ୍ଡିରେ ଧାନ ବିକ୍ରି କରିଥିବା ସୂଚନା ମିଳିଛି। ଅବଶିଷ୍ଟ ୩୪୨ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି କରିବା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି। ହେଲେ ଫେବୃଆରୀ ମାସ ୧୭ ତାରିଖ ସୁଦ୍ଧା ଆଉ ମଣ୍ଡିକୁ ଟାର୍ଗେଟ ଆସୁନି କି ଚାଷୀମାନେ ସେମାନଙ୍କର ଧାନ ବିକ୍ରି କରିପାରୁ ନାହାଁନ୍ତି। ପଞ୍ଜିକରଣ ଅନୁସାରେ ଅବଶିଷ୍ଟ ୧୨ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ କରିବା ପାଇଁ ଚାଷୀମାନେ ଚାହିଁ ବସିଥିବା ବେଳେ ଟାର୍ଗେଟ ଆସୁ ନ ଥିବାରୁ ଚାଷୀମାନେ ଘୋର ସମସ୍ୟାରେ ପଡିଛନ୍ତି। କ'ଣ କରିବେ ତାଙ୍କୁ କିଛି ବୁଦ୍ଧି ବାଟ ଦିଶୁନାହିଁ। ସବୁଦିନ ସମବାୟ ସମିତି ମଣ୍ଡିକୁ ଆସି ସମ୍ପାଦକଙ୍କ ଠାରୁ ଟାର୍ଗେଟ ସମ୍ପର୍କରେ ବୁଝା ସୁଝା କଲାପରେ ପାଟିତୁଣ୍ଡ କରୁଛନ୍ତି। ଅନେକ ଚାଷୀ ଧାନ ଦେବାପାଇଁ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଭିଡ ଲଗାଉଥିବା ପରିଲକ୍ଷିତ ହେଉଛି। ଅଯଥାରେ ସମ୍ପାଦକ ଚାଷୀମାନଙ୍କ ରୋଷର ଶିକାର ହେଉଛନ୍ତି। ତେଣୁ ପ୍ରଶାସନିକ ଅଧିକାରୀ ଆଉ ଅଧିକ ଟାଲ୍ ଟୁଲ୍ ନୀତି ଅବଲମ୍ବନ ନ କିପରି ଅବଶିଷ୍ଟ ୧୨ ହଜାର କ୍ୱିଣ୍ଟାଲ ଧାନର ଟାର୍ଗେଟ ଚାଷୀଙ୍କୁ ମିଳିବ ଓ ଚାଷୀମାନେ ସୁରୁଖୁରୁରେ ତାଙ୍କର କଷ୍ଟ ଉପାର୍ଜିତ ଧାନ ବିକ୍ରି କରିପାରିବେ ତାହା ଉପରେ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଶାସନ ନିକଟରେ ଚାଷୀମାନେ ନିବେଦନ କରିଛନ୍ତି।

### ଜଗନ୍ନାଥ ପାର୍କ ନିର୍ମାଣ ପ୍ରସଙ୍ଗ

## ଦୁଇ ଶ୍ରମିକ ଓ ଜଣେ ମିସ୍ତ୍ରୀରେ ଚାଲିଛି କାର୍ଯ୍ୟ

**ତାଳଚେର,୧୮।୨/ଏନ୍‌ଏନ୍‌ଏସ୍:** ତାଳଚେର ପୌରପରିଷଦ ପକ୍ଷରୁ ସହରବାସୀଙ୍କ ମନୋରଞ୍ଜନ ପାଇଁ ପୂର୍ବତନ ଚେୟାରମ୍ୟାନ ସ୍ୱର୍ଗତ ପ୍ରଦୀପ୍ତ ପଟ୍ଟନାୟକ ଜଗନ୍ନାଥ ମନ୍ଦିର ନିକଟରେ ପୌରକାର୍ଯ୍ୟାଳୟର ନିଜସ୍ୱ ପାଣ୍ଠି ବିନିଯୋଗରେ ଏକ ପାର୍କ ନିର୍ମାଣ କରିଥିଲେ। ୨୯।୦୫।୨୦୦୭ ମସିହାରେ ମୁଖ୍ୟଅତିଥି ଦେବଗଡ଼ ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ମହେଶ ସାହୁ, ଅନୁଗୋଳ ଜିଲ୍ଲାପାଳ ଗିରିଶ ଏସଏନ, ବ୍ଲକ ଅଧ୍ୟକ୍ଷ ମାନସ ଆଚାର୍ଯ୍ୟ, ପୌରପରିଷଦ ନଗରପାଳ ପ୍ରଦୀପ ପଟ୍ଟନାୟକ, ଉପନଗରପାଳ ସୁଫଳା ପୃଷ୍ଟି, କାଉନସିଲର ପ୍ରଶାନ୍ତ ଦାସ, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ସିଠ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ପାର୍କକୁ ଛୋଟଛୁଆଙ୍କ ଠାରୁ ବୃଦ୍ଧମାନେ ଯାଇ ସେଠାରେ ମନୋରଞ୍ଜନ କରିବା ସହ ନଦୀର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିଲେ।



କାଳକ୍ରମେ ଏହାର ରକ୍ଷଣବେକ୍ଷଣା ଅଭାବ ଓ ଜରାଜିର୍ଣ୍ଣ ଯୋଗୁଁ ବାରମ୍ବାର ଏସମ୍ପର୍କରେ ଖବରକାଗଜରେ ପ୍ରକାଶିତ ହୋଇଥିଲା। ପରେ ଅନୁଗୋଳ ଜିଲ୍ଲା ଓ ତାଳଚେର ଉପଜିଲ୍ଲାପାଳ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଏହାକୁ ବୁଲି ଦେଖିଥିଲେ। ଏହାପରେ ଜିଲ୍ଲା ଖଣିଜପାଣ୍ଠିରୁ ଅର୍ଥ ବିନିଯୋଗ ପରେ ଏହାର ନିର୍ମାଣ କାର୍ଯ୍ୟ ଏକମାସ ହେବ କେବଳ ଦୁଇଜଣ ଶ୍ରମିକ ଓ ଜଣେ ମିସ୍ତ୍ରୀରେ କାର୍ଯ୍ୟ ଚାଲିଥିବାରୁ ଏହି କାର୍ଯ୍ୟ କେତେ ବର୍ଷରେ ସମ୍ପୂର୍ଣ୍ଣ ହେବ ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ଏପରିକି ପାର୍କରେ ପୂର୍ବରୁ ଲଗାଯାଇଥିବା ଲୁହା ଚେୟାର ଓ ଅନ୍ୟାନ୍ୟ ସାମଗ୍ରୀ ଇତ୍ୟାଦି କେଉଁଆଡ଼େ ଗଲା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେଣୁ ତାଳଚେର ଉପଜିଲ୍ଲାପାଳ ଏହାକୁ ଦୃଷ୍ଟି ଦେବାକୁ ଦାବି ହେଉଛି।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରଶମନ ତାଲିମ୍

**ଯାଜପୁର,୧୮।୨/ଏନ୍‌ଏନ୍‌ଏସ୍:** ଜିଲ୍ଲା ପରିଷଦ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ମାନଙ୍କୁ ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି। ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଅମ୍ବର କୁମାର କର ଉଦଘାଟନ କରିଥିଲେ। ଫେବୃଆରୀ ୧୭ ରୁ ୨୬ ତାରିଖ ଯାଏଁ ଚାରୋଟି ପର୍ଯ୍ୟାୟରେ ଏହି ତାଲିମ ଶିବିର ଅନୁଷ୍ଠିତ ହେଉଅଛି। ଯାଜପୁର ଜିଲ୍ଲାର ଦଶଟି ବ୍ଲକର ମୋଟ ୨୪୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏଥିରେ ତାଲିମ ଦିଆଯିବ। ଏଥିପାଇଁ ୩ ଜଣ ସ୍ୱତନ୍ତ୍ର ମାଷ୍ଟର ଟ୍ରେନର ସୁକାନ୍ତ ବିଶ୍ୱାଳ, ମନୋଜ ଜେନା, ଶୈଳେନ୍ଦ୍ର ସାମଲ ଏବଂ ୨ ଜଣ ରିସୋର୍ସ ପର୍ସନ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ମୁଖ୍ୟତଃ ବିପର୍ଯ୍ୟୟ ପରିଚାଳନା, ବିପର୍ଯ୍ୟୟ




ଯୋଗୁଁ ହେଉଥିବା କ୍ଷୟକ୍ଷତିକୁ ହ୍ରାସ କରିବା ସହ ପୂର୍ବ ପ୍ରସ୍ତୁତି ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଉଛି। ଯାହା ଫଳରେ ତୃଣମୂଳ ସ୍ତରରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏଦିଗରେ ସଚେତନ ହେବା ସହ କାର୍ଯ୍ୟଦକ୍ଷ ହୋଇପାରିବେ। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ଅଶୋକ ବେହେରା ଯୋଗ ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା, ସହାୟକ ସୁପ୍ରିୟ ପଣ୍ଡା, ସେକ୍ସନ ଅଫିସର ଅରୁଣ ସାହୁ, ବରିଷ୍ଠ ସହାୟକ ଚନ୍ଦ୍ରଶେଖର ବେହେରା,ତରୁଣ କୁମାର ପଣ୍ଡା, ଅକ୍ଷୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ୧୨.୫୬ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୬ ଗିରଫ




**ତାଳଚେର,୧୮।୨/ଏନ୍‌ଏନ୍‌ଏସ୍:** ତାଳଚେର ଟାଉନ ପୁଲିସ୍ ଗତକାଲି ସନ୍ଧ୍ୟାରେ ସାପ୍ତାହିକ ଶନିବାର ହାଟ ମଧ୍ୟରେ ଅତର୍କିତ ଚଢ଼ାଉ କରି ୧୨.୫୬ ଗ୍ରାମ ବ୍ରାଉ୍ ନସୁଗାର ଯାହାର ମୂଲ୍ୟ ୧ଲକ୍ଷ, ୩୦ହଜାର ଟଙ୍କା, ଗୋଟିଏ ମଟରସାଇକେଲ ନଂ- ଓଆର ୦୪ଏମ-୪୯୬୯, ମୋବାଇଲ ଫୋନ ୨ଟି, ନଗଦ ୧୦ହଜାର ଟଙ୍କା ଜବତ କରିଥିଲା। ଏହି ନିଶା କାରବାରରେ ତାଳଚେର ବାଘୁଆବୋଲ ସ୍କୁଲ ସାହିର ଆନନ୍ଦ ନାଏକ (୩୨), ବାଘୁଆବୋଲ ଅଞ୍ଚଳର ପ୍ରଶାନ୍ତ ସାହୁ (୩୮), ନୁହୁରା ସାହିର ପ୍ରମୋଦ ବେହେରା (୩୫), କୋଲିୟରୀ ଅଞ୍ଚଳର ସାୟନ୍ତୀ ଜେନାମଣି (୪୧), ଦେଉଳବେଡ଼ା ଅଞ୍ଚଳର ଅନିତା ସାମଲ (୩୨), ସେହିନିକଟସ୍ଥ ଅଞ୍ଚଳର କଲଭିନ୍ଦର କୌରକୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଏସଡିପିଓଙ୍କ ତତ୍ତ୍ୱାବଧାନରେ ତାଳଚେର ପୁଲିସ୍ ଏକ ଟିମ ଗଠନକରି ଘଟଣାର ସତ୍ୟାସତ୍ୟ ଜାଣିବାପାଇଁ ପଠାଇଥିଲେ। ସତ୍ୟତା ଥିବା ଜାଣି ଅତର୍କିତ ଚଢ଼ାଉ ସାମଗ୍ରୀ ଜବତ କରିବା ସହ ୬ଜଣଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଥିବା ପୁଲିସ୍ ସୂତ୍ରରୁ ପ୍ରକାଶ।

## ଜିଲ୍ଲାସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

**କେନ୍ଦ୍ରାପଡ଼ା,୧୮।୨/ଏନ୍‌ଏନ୍‌ଏସ୍:** ଜିଲ୍ଲା ସଂସ୍କୃତି ଭବନ କେନ୍ଦ୍ରାପଡ଼ାଠାରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, କେନ୍ଦ୍ରାପଡ଼ା ମୁନିସିପାଲିଟି ଅଧକ୍ଷା ସରିତା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ଅଧକ୍ଷ ଡ.କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର ଏବଂ ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ମେଡିକାଲ ଅଧିକାରୀ ନିରଞ୍ଜନ କର, ଏନଏଚଏମ ଡିପିଏମ ଡ. ମନୋରଞ୍ଜନ



ସାହୁ, ଆର୍ଥିକ ଅଧିକାରୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୨୦୨୫-୨୬ ପାଇଁ ଡେରାବିଶର ନିରୁପମା ସେଠୀ, ଆଳି ବ୍ଲକର ସରସ୍ୱତୀ ମଲ୍ଲୀକ, ଇନ୍ଦୁପୁର ପାଇଁ କାନ୍ତିପ୍ରଭା ନାୟକ, ମହାକାଳପଡ଼ା ପାଇଁ କାଦମ୍ବିନୀ ଖଟୁଆ, ମାର୍ଶାଘାଇ ପାଇଁ କବିତା ନାୟକ, ପାଟକୁରା ଝରଣା ମହାନ୍ତି, ରାଜନଗର କବିତା ରାଉତ, ରାଜକନିକା ମମତା ନାୟକ, ପଟ୍ଟାମୁଣ୍ଡାଇ ଲିଜାରାଣୀ ପଣ୍ଡା,କେନ୍ଦ୍ରାପଡ଼ା ସହରାଞ୍ଚଳ ପାଇଁ ଅମ୍ବିକାବାଳା ନାଥଙ୍କୁ ଶ୍ରେଷ୍ଠ ଆଶା ଭାବେ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି ଭାବେ ଡେରାବିଶ ବ୍ଲକର ଖମରବେଲରପା, ଆଳିର ମାଳପାଟଣା, ଇନ୍ଦୁପୁରର ଘାଗରା, ମହାକାଳପଡ଼ାର ଦେଉଳପଡା, ମାର୍ଶାଘାଇର ଦଦ୍ଧଛା, ପାଟକୁରାର ବିଛଣା, ରାଜନଗରର ମହୁଲିଆ, ରାଜକନିକାର ବରଡ଼ିଆ ଏବଂ ପଟ୍ଟାମୁଣ୍ଡାଇର ଖଡ଼ିଅନ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ଭାବେ ଡେରାବିଶ ବ୍ଲକର ଲକ୍ଷ୍ମୀନାରାୟଣପୁର, ଆଳିର ଖରିଅନ୍ତ, ଇନ୍ଦୁପୁରର ଚକ୍ରଡା, ମହାକାଳପଡ଼ାର ବରକଳିଖଲା, ମାର୍ଶାଘାଇର ଶାସିନୀପଡା, ପାଟକୁରାର ନୂଆପଡ଼ା, ରାଜନଗରର ତାରାପଡା, ରାଜକନିକାର ବଣିଡିହପାଟଣା, ପଟ୍ଟାମୁଣ୍ଡାଇର ଗୋପୀତାରା ସମ୍ବର୍ଦ୍ଧିତ ହୋଇଛି। ଅତିଥିମାନେ ତୃଣମୂଳସ୍ତରରେ ଆଶା ଏବଂ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ମନୋଭାବକୁ ପ୍ରଶଂସା କରିଥିଲେ। ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜନସାଧାରଣ ଏବଂ ପ୍ରଶାସନ କ୍ଷେତ୍ରରେ ଉତ୍ତମ ସମନ୍ୱୟ ରକ୍ଷା କରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଲ୍ଲାକୁ ଏକ ସୁଦୃଢ଼ ଜିଲ୍ଲାରେ ପରିଣତ କରିବାକୁ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ସମସ୍ତେ ପ୍ରଶଂସା କରିଛନ୍ତି। ଡେପୁଟି ମ୍ୟାନେଜର ଡ. ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ସଭା

**ଯାଜପୁର,୧୮।୨/ଏନ୍‌ଏନ୍‌ଏସ୍:** ଜିଲ୍ଲା ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ୍ ସମ୍ମିଳନୀ କକ୍ଷ ଠାରେ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚୀବ ତଥା ଅତିରିକ୍ତ ଦେୱାନୀ ବିଚାରପତି ନେହା ଅଗ୍ରୱାଲ୍ ଅଧ୍ୟକ୍ଷତା କରିବା ସହ ଆଲୋଚ୍ୟ ବିଷୟ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଏଥିରେ ଅତିଥି ଆଲୋଚକ ଭାବେ ସିଭିଲ୍ ଜଜ୍ ସୁନୀତା ବିଶ୍ୱାଳ,ଜେଏମ୍ ଏଫ୍ ସିବିଣାପାଣୀ ତାଣ୍ଡି, ଆରଟିଓ ଯାଜପୁର ଧିରେନ୍ଦ୍ର ନାୟକ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ସିଡିପିଓ ବଜମ୍ ଆରା ବେଗମ୍ ,ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ୍ ସେନାପତି ଓ ସ୍ଥାୟୀ ଲୋକ ଅଦାଲତ (ପିୟୁଏସ୍)ର ସଦସ୍ୟ ହୃଷିକେଶ ପଣ୍ଡା ପ୍ରମୁଖ ଯୋଗଦେଇ ୧୯୮୭ ସହ ବିବିଧ ସର୍ବସାଧାରଣ ସେବା ଅନ୍ତର୍ଗତ ଲୋକ




ଅଦାଲତ ସହାୟତାରେ ନାନାଦି ଦ୍ୱନ୍ଦ୍ୱ ତାର ସମାଧାନ, ବାଲ୍ୟବିବାହ ଇତ୍ୟାଦି କ୍ଷେତ୍ରରେ ୨୦୨୫ ଯୋଜନା ଅନୁଯାୟୀ ସଚେତନ ସହଯୋଗ ଓ କାର୍ଯ୍ୟାନୁଷ୍ଠାନ ସହିତ ତୃଣମୂଳସ୍ତରରେ ଥିବା ବ୍ୟକ୍ତି ସମୂହ କିପରି ଆଇନ ସମ୍ବନ୍ଧୀୟ ସୂଚନା ଏବଂ ସ୍ୱଚ୍ଛ ପ୍ରୋତ୍ସାହନ ପାଇବେ ସେନେଇ କାର୍ଯ୍ୟକାରୀ ହେଉଥିବା ଜାଗୃତୀ ଯୋଜନା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ବ୍ଲକ୍‌ର କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

NITIDIN ନିତିଦିନ



## ପ୍ରଥମ ପୃଷ୍ଠାରୁ

### ପଳାଶୁଣିରୁ ରସୁଲଗଡ଼...

ଭିଡ଼ କମିବା ଫଳରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବ ନାହିଁ ଏବଂ ଟ୍ରାଫିକ୍ ଜାମ୍ ସମସ୍ୟାରୁ ମୁକ୍ତି ମିଳିବ। ଏହି ପଥଚାରୀ ପଥରେ ଉପଯୁକ୍ତ ଆଲୋକୀକରଣ ଓ ଅନ୍ୟାନ୍ୟ ସୁବିଧା ରହିବ, ଯାହା ସ୍ଥାନୀୟ ବାସିନ୍ଦା ଓ ଦୈନିକ ଯାତ୍ରୀଙ୍କ ପାଇଁ ବେଶ୍ ଲାଭଦାୟକ ହେବ।ବୁଧବାର ଏନ୍‌ଏଚ୍‌ଏଆଇର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆରେ ଏହି ସୂଚନା ଦିଆଯାଇଛି। ସହରର ପ୍ରବେଶ ପଥରେ ଟ୍ରାଫିକ୍ ଅନୁଶାସନ ବଜାୟ ରଖିବା ଏବଂ ଲୋକଙ୍କୁ ଏକ ନିରାପଦ ଯାତ୍ରା ଅନୁଭୂତି ପ୍ରଦାନ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ।

### ଫୁଟିଲା ଗୁଳି...

କରିଥିଲା। ଗୁଳିଟି ତାଙ୍କ ବାମପଟ ଛାତିରେ ବାଜିଥିଲା। ଏହା ଦେଖି ଅନ୍ୟମାନେ ସେଠାରୁ ଦୌଡ଼ି ପଳାଇଥିଲେ। ସୌମ୍ୟରଞ୍ଜନ ରକ୍ତାକ୍ତ ଅବସ୍ଥାରେ ସେଠାରେ ପଡ଼ି ଛଟପଟ ହେଉଥିଲା ବେଳେ ଦୁଇ ଜଣ ଯୁବକ ତାଙ୍କୁ ନେଇ ପ୍ରଥମେ ଲିଙ୍କରୋଡ ସ୍ଥିତ ଏକ ବେସରକାରୀ ହସ୍ପିଟାଲକୁ ନେଇଥିଲେ। ପରେ ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲ୍ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇ ପ୍ରଥମେ ମଙ୍ଗଳାବାଗ ଥାନା ଓ ପରେ ମଧୁପାଟଣା ଥାନା ପୁଲିସ ମେଡିକାଲରେ ସୌମ୍ୟରଞ୍ଜନଙ୍କୁ ଆଣିଥିବା ଦୁଇ ଯୁବକଙ୍କୁ ଅଟକ ରଖିଥିଲା। କିଛି ସମୟ ପରେ ସୌମ୍ୟରଞ୍ଜନଙ୍କ ପରିବାର ଓ ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମୃତ୍ୟୁ ପାଇଁ ଉକ୍ତ ଦୁଇ ଯୁବକଙ୍କୁ ଦାୟୀ କରି ପରିବାର ଲୋକେ ହୋହଲ୍ଲା କରିଥିଲେ। ପୁଲିସ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା ବେଳେ ପୁଲିସ ଗୁଳିକାଣ୍ଡ ଘଟିଥିବା ପରିତ୍ୟକ୍ତ କ୍ୱାର୍ଟରକୁ ସିଲ୍ କରିଛି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଡକାଇ ଘଟଣାସ୍ଥଳରୁ ତଥ୍ୟ ପ୍ରମାଣ ସଂଗ୍ରହ କରିଛି। ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ତଦନ୍ତ କରୁଛନ୍ତି । ଅଟକ ଦୁଇ ଯୁବକଙ୍କୁ ଜେରା କରାଯାଉଛି। ଉକ୍ତ ଦୁଇ ଯୁବକଙ୍କ ତଥ୍ୟ ଆଧାରରେ ପୁଲିସ ହତ୍ୟାକାରୀଙ୍କୁ ଧରିବା ପାଇଁ ଜୋରଦାର ଉଦ୍ୟମ କରୁଛି। ପ୍ରାଥମିକ ତଦନ୍ତରୁ ପୂର୍ବ ବିବାଦରୁ ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିଲା ବେଳେ ହତ୍ୟାକାରୀ ଧରାପଡ଼ିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ କହିଛି।

### ବୋଲଗଡ଼ରେ 'ବିଡିଓ...

ଧାରଣା ଦିଆଯାଉ ଥିଲା। ତେବେ ବୁଧବାର ବିଡ଼ିଓ ବାରମ୍ବାର ବ୍ଲକ ଗାଡ଼ିରେ ଧାରଣା ସ୍ଥଳ ଆଗରେ ପଇଁତରା ମାରିବାରୁ ଏହାକୁ ନେଇ ଧାରଣାରେ ବସି ରହିଥିବା ଜନ ପ୍ରତିନିଧି ମାନଙ୍କ ମନରେ ଉତ୍ତେଜନା ପ୍ରକାଶ ପାଇଥିଲା। ଯାହା ଫଳରେ ମଧ୍ୟାହ୍ନ ୧ଟା ସମୟରେ ହଠାତ ଧାରଣା ସ୍ଥଳରେ ବସିଥିବା କିଛି ସାଧାରଣ କର୍ମୀ ଉତ୍ୟକ୍ତ ହୋଇ ବ୍ଲକ ମୁଖ୍ୟ ଫାଟକ ମଧ୍ୟରେ ପ୍ରବେଶ କରି ବିଡ଼ିଓଙ୍କ ସରକାରୀ ଗାଡିକୁ ଭଙ୍ଗାରୁଜା କରିଥିଲେ ଓ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ପରେ ସେଠାରେ ଉପସ୍ଥିତ ଥିବା ପୁଲିସ ବୁଝାସୁଝା କରି ଉତ୍ତେଜନାକୁ ଶାନ୍ତ କରିଥିଲେ। ଏହି ଘଟଣାରେ ବିଡିଓ ବୋଲଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ପୁଲିସ କେଶ ନଂ-୬୭/୨୬ରେ ମାମଲା ରୁଜୁ କରି ୧୩ଜଣ ଜନପ୍ରତିନିଧିଙ୍କୁ ଧାରଣା ସ୍ଥଳରୁ ଜବରଦସ୍ତ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ। ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଛନ୍ତି। ଅପର ପକ୍ଷେ ବ୍ଲକ ଅଧ୍ୟକ୍ଷ ହୁଲ୍ଲାସ ପ୍ରଧାନ ବିଡିଓଙ୍କ ବିରୁଦ୍ଧରେ ବୋଲଗଡ଼ ଥାନାରେ ଲିଖିତ ପାଲଟା ଅଭିଯୋଗ କରିଛନ୍ତି।

### ଆଜିଠୁ ମାଟ୍ରିକ୍ ...

ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରୁ ନୋଡାଲ୍ ସେଣ୍ଟରକୁ ପ୍ରଶ୍ନପତ୍ର ପଠାଯାଇଛି। ପ୍ରଶ୍ନପତ୍ରକୁ ସଶସ୍ତ୍ର ପୁଲିସ ୨୪ଘଣ୍ଟିଆ ସୁରକ୍ଷା ବଳରେ ଜଗି ରହିଛନ୍ତି। ପରୀକ୍ଷା ଦିନ ଅର୍ଥାତ ଆସନ୍ତାକାଲି ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ପଠାଯିବ। ଚଳିତ ବର୍ଷ ପ୍ରଶ୍ନପତ୍ର ଭାଇରାଲ୍ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ର ସମେତ ନୋଡାଲ ସେଣ୍ଟରରେ ଲାଇଭଷ୍ଟ୍ରିମଙ୍ଗ ବ୍ୟବସ୍ଥା ହୋଇଛି। କୌଣସି ବିଶୃଙ୍ଖଳା ହେଲେ ଏହି ବ୍ୟବସ୍ଥାରେ ବୋର୍ଡ ମୁଖ୍ୟାଳୟ ଜାଣିପାରିବ। ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ବୁକଲେଟର ପ୍ରତି ପୃଷ୍ଠା ତଥା ପ୍ରତି ନମ୍ବରରେ ୱାଟରମାର୍କ ରହିଛି। ପ୍ରଶ୍ନପତ୍ର ଭାଇରାଲ୍ ହେଲେ, ତାହା ସହଜରେ ଧରି ହେବ। ପ୍ରଥମ ଦିନ ଛାତ୍ରଛାତ୍ରୀ ପ୍ରଥମ ଭାଷା ମାତୃଭାଷାରେ ବିଷୟରେ ପରୀକ୍ଷା ଦେବେ। ସେହିଭଳି ୨୧ରେ ଦ୍ୱିତୀୟ ଭାଷା ଇଂରାଜୀ, ୨୩ରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ, ୨୫ରେ ବିଜ୍ଞାନ,୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ତାରିଖରେ ଗଣିତ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତିଦିନ ଗୋଟିଏ ସିଟିଂରେ ପରୀକ୍ଷା କରାଯିବ। ପୂର୍ବାହ୍ନ ୯ଟାରୁ ସାଢେ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ପ୍ରତି ବିଷୟରେ ଛାତ୍ରଛାତ୍ରୀ ଅଢ଼େଇ ଘଣ୍ଟା ପରୀକ୍ଷା ଦେବେ। କେବଳ ଗଣିତ ପରୀକ୍ଷାରେ ଅଧିକ ୧୫ ମିନିଟ୍ ସମୟ ମିଳିବ। ସବ୍‌ଜେକ୍ଟିଭ ଏବଂ ଅବ୍‌ଜେକ୍ଟିଭରେ ଯଥାକ୍ରମେ ୫୦ ମାର୍କର ପ୍ରଶ୍ନ ରହିବ। ଚଳିତ ବର୍ଷ ବୋର୍ଡ଼ ପକ୍ଷରୁ ୩୭ଟି ସ୍କ୍ୱାଡ ଗଠନ କରାଯାଇଛି। ପ୍ରତି ସ୍କ୍ୱାଡ୍‌ରେ ୨ଜଣ ଲେଖାଏ ସଦସ୍ୟ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବୋର୍ଡ଼ ପକ୍ଷରୁ ୭୪ଜଣ ସଦସ୍ୟଙ୍କୁ ନେଇ ୩୭ଟି ଦଳ ଗଠିତ କରାଯାଇଛି। ଏହି ସ୍କ୍ୱାଡ୍‌କୁ ଜୋନ୍ ଅନୁଯାୟୀ ବିଭକ୍ତ କରାଯାଇଛି। କେନ୍ଦ୍ରୀୟ ଜୋନ ପାଇଁ ୮ଟି ଦଳ ରହିଥିବାବେଳେ, ଭୁବନେଶ୍ୱର ଜୋନ ପାଇଁ ୪ଟି ଦଳ ରହିଛି। ସେହିଭଳି ବାଲେଶ୍ୱର ଜୋନର ବିଭିନ୍ନ ପରୀକ୍ଷା କେନ୍ଦ୍ର ନିମନ୍ତେ ୫ଟି, ବ୍ରହ୍ମପୁର ଜୋନରେ ୫ଟି, ସମ୍ବଲପୁର ଜୋନରେ ୧୦ ଏବଂ ଜୟପୁର ଜୋନରେ ୪ଟି ସ୍କ୍ୱାଡ ଗଠନ ହୋଇଛି। ପରୀକ୍ଷା କେନ୍ଦ୍ରରେ କେଉଁ ସୁବିଧା ରହିବ, ପ୍ରଶ୍ନପତ୍ର ଏବଂ ଉତ୍ତରଖାତା କିଭଳି ନିର୍ଦ୍ଧାରିତ ସମୟ ଅନୁଯାୟୀ ପହଞ୍ଚିବ, ସେଥିପାଇଁ କରାଯାଇଥିବା ବ୍ୟବସ୍ଥାକୁ ଅନୁପାଳନ ନିମନ୍ତେ ବୋର୍ଡ ପକ୍ଷରୁ କୁହାଯାଇଛି।

### ରିପୋର୍ଟ ମାଗିଲେ ...

ହୋଇଛି ତାହାର ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଓ ବ୍ରହ୍ମପୁରର ପୂର୍ବତନ ମେୟରଙ୍କ ଜାଗା ଯାଉଥିଲା ବୋଲି ଡିପିଆର ପରିବର୍ତ୍ତନ ହୋଇଥିଲା। ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି କଂଗ୍ରେସ ବିଧାୟକ ରମେଶ ଜେନା। ଯେଉଁ ଇଞ୍ଜିନିୟର ଡି ପି ଆର ପରିବର୍ତ୍ତନ କରିଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ଜେନା ଦାବି କରିଛନ୍ତି।

### ମାର୍ଚ୍ଚ ୧୬ରେ ...

ଦୁଇଟି ଓ ବିଜେଡି ଗୋଟିଏ ଆସନ ସହଜରେ ଜିତି ପାରିବେ। ତେବେ ପ୍ରାର୍ଥୀ କିଏ ହେବେ ସେ ନେଇ ସସପେନ୍ସ ଜାରି ରହିଛି। ସେହିପରି ତୃତୀୟ ଆସନ ପାଇଁ ବିଜେଡି, ବିଜେପି ଓ କଂଗ୍ରେସ ପାଖରେ ପର୍ଯ୍ୟାପ୍ତ ସଂଖ୍ୟା ନାହିଁ। ତେଣୁ ଚତୁର୍ଥ ଆସନ ଗଣିତ ରୋଚକ ହେବ। ସଂଖ୍ୟା ନଥାଇ ମଧ୍ୟ ଚତୁର୍ଥ ଆସନ ଆମେ ନେବୁ ବୋଲି ବିଜେଡି ଓ ବିଜେପି ନେତା ଦାବି କରୁଛନ୍ତି। କଂଗ୍ରେସ ମଧ୍ୟ ଚତୁର୍ଥ ଆସନ ଉପରେ ଆଖେଇଛି। ସଂଖ୍ୟା ନ ଥାଇ କଂଗ୍ରେସ ରାଜ୍ୟସଭା ଲଢେଇରେ ଏଣ୍ଟ୍ରି ମାରିବାକୁ ମନସ୍ଥ କରିଥିବାରୁ ଚତୁର୍ଥ ଆସନ କିଏ ଦଖଲ କରିବ ତାହା ସବୁଠୁ ବଡ଼ ପ୍ରଶ୍ନ। କିନ୍ତୁ ଚତୁର୍ଥ ଆସନ ପାଇଁ ୩ ରାଜନୈତିକ ଦଳର ରଣନୀତି ଉପରେ ସମସ୍ତଙ୍କର ନଜର ରହିବ।

### ଏଆଇ ଏକ୍ସପୋରୁ ...

ବିକଶିତ କରାଯାଇଛି ବୋଲି କହୁଥିବାର ଭିଡିଓରେ ଦେଖିବାକୁ ମିଳିଥିଲା। ତେବେ ଭିଡିଓଟି ଭାଇରାଲ୍ ହେବା ପରେ ଅନେକ ଟେକ୍ ବିଶେଷଜ୍ଞ ଏବଂ ବ୍ୟବହାରକାରୀ ଦାବି କରିଥିଲେ ଯେ, ଏହା ପ୍ରକୃତରେ ଚୀନ୍ କମ୍ପାନୀ "ୟୁନିଟ୍ରି"ର "ଜିଓ୨" ମଡେଲ୍, ଯାହା ବଜାରରେ ୨ରୁ ୩ ଲକ୍ଷରେ ଉପଲବ୍ଧ ହେଉଛି। ତେବେ ଏହାକୁ ନେଇ ବିବାଦ ବଢ଼ିବା ମଧ୍ୟରେ ଫଳରେ ଆୟୋଜକମଣ୍ଡଳୀ କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱବିଦ୍ୟାଳୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଏହାକୁ ଏକ୍ସପୋ'ରୁ ବହିଷ୍କାର କରିଛନ୍ତି। ଆୟୋଜକମଣ୍ଡଳୀ ଗାଲଗୋଟିଆସ୍ ବିଶ୍ୱବିଦ୍ୟାଳୟକୁ ଏହାର ଷ୍ଟଲ୍ ହଟାଇ ସ୍ଥାନ ଖାଲି କରିବାକୁ କହିଥିଲେ। ରିପୋର୍ଟ ଲେଖାହେବା ବେଳକୁ ଗାଲ୍‌ଗୋଟିଆସ୍ ବିଶ୍ୱବିଦ୍ୟାଳୟର ପାଭିଲିୟନ୍‌କୁ ଏକ୍ସପୋ' ପରିସରରୁ ହଟାଇ ଦିଆଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ କାର୍ଯ୍ୟାନୁଷ୍ଠାନ ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯିବାକୁ ଚେଷ୍ଟା କରାଯାଇଛି। ଗାଲଗୋଟିଆସ୍ ବିଶ୍ୱବିଦ୍ୟାଳୟ କହିଛି, "ଆମେ କ୍ୟାମ୍ପସକୁ ସର୍ବୋତ୍ତମ ପ୍ରଯୁକ୍ତିବିଦ୍ୟା ଆଣିବା ପାଇଁ ନିରନ୍ତର ପ୍ରୟାସ କରିଛୁ। କାରଣ ଯେତେବେଳେ ଛାତ୍ରମାନେ ନୂତନ ଜିନିଷ ଦେଖନ୍ତି, ସେମାନଙ୍କର ଚିନ୍ତାଧାରା ବିକଶିତ ହୁଏ। ଏବଂ ଏହି ଚିନ୍ତାଧାରା ନୂତନ ସୃଷ୍ଟିକର୍ତ୍ତାଙ୍କୁ ଜନ୍ମ ଦିଏ। ପ୍ରଦର୍ଶିତ ରୋବୋଟିକ୍ କୁକୁର ମଧ୍ୟ ଏହି ଯାତ୍ରାର ଏକ ଅଂଶ। ଏହା କେବଳ ପ୍ରଦର୍ଶନ ପାଇଁ ଏକ ମେସିନ୍ ନୁହେଁ; ଏହା ଏକ ଭ୍ରାମ୍ୟମାଣ ଶ୍ରେଣୀଗୃହ। ଆମର ଛାତ୍ରମାନେ ଏହା ସହିତ ପରୀକ୍ଷଣ କରୁଛନ୍ତି, ଏହାର କ୍ଷମତା ପରୀକ୍ଷା କରୁଛନ୍ତି ଏବଂ ଏହି ପ୍ରକ୍ରିୟାରେ ସେମାନଙ୍କର ଜ୍ଞାନକୁ ବିସ୍ତାର କରୁଛନ୍ତି। ଏହି ରୋବୋଟିକ୍ କୁକୁରକୁ ଆମେ ସୃଷ୍ଟି କରିଥିବାର ଦାବି ଆମେ କେଉଁଠି ବି କରିନାହୁଁ।" ସେହିପରି ପ୍ରଫେସର ନେହା ସିଂହ କହିଛନ୍ତି, ବିବାଦ ସୃଷ୍ଟି ହୋଇଥିଲା କାରଣ ହୁଏତ ଜିନିଷଗୁଡ଼ିକ ସ୍ପଷ୍ଟ ଭାବରେ କୁହାଯାଇନଥିଲା। ଆୟୋଜକମଣ୍ଡଳୀଙ୍କ କହିବାନୁସାରେ ସ୍ପଷ୍ଟ ସୂଚନା ବିନା ଏକ ବିଦେଶୀ ଉତ୍ପାଦକୁ ଭାରତୀୟ ପ୍ରଯୁକ୍ତିବିଦ୍ୟା ଭାବରେ ଉପସ୍ଥାପନ କରିବା କାର୍ଯ୍ୟକ୍ରମର ନିୟମ ବିରୁଦ୍ଧରେ। ଏହା ବ୍ୟତୀତ, ଏପରି ଉପସ୍ଥାପନା "ମେକ୍ ଇନ୍ ଇଣ୍ଡିଆ" ଭଳି ପଦକ୍ଷେପର ଆତ୍ମାକୁ କ୍ଷୁର୍ଣ୍ଣ କରେ। ପ୍ରକାଶ, ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଡ୍ରୋନ୍‌କୁ ମଧ୍ୟ ନିଜେ ବିକଶିତ କରିବା ଦାବି ପୂର୍ବକ ପ୍ରଦର୍ଶିତ କରାଯାଇଥିଲା। କିନ୍ତୁ ଏହା କୋରିଆର ଏକ କମ୍ପାନୀ ଦ୍ୱାରା ନିର୍ମିତ 'ଷ୍ଟ୍ରାଇକର ୦୩ ଏଆରଏଫ୍' ମଡେଲ ବୋଲି ଦର୍ଶାଯାଉଛି। ଏହାକୁ ନେଇ ମଧ୍ୟ ବିଶ୍ୱବିଦ୍ୟାଳୟକୁ ସମାଲୋଚିତ ହେବାକୁ ପଡିଛି।

# ଚନ୍ଦ୍ରଭାଗା ସମୁଦ୍ରରେ ବୁଡ଼ି ଯାଉଥିବା ୪ ପର୍ଯ୍ୟଟକ ଉଦ୍ଧାର

**କୋଣାର୍କ,୧୮।୨/ଏନ୍‌ଏନ୍‌ଏସ୍:** ବୁଧବାର ଅପରାହ୍ଣ ଚନ୍ଦ୍ରଭାଗା ସମୁଦ୍ରରେ ବୁଡି ଯାଉଥିବା ୪ଜଣ ପର୍ଯ୍ୟଟକ ଲାଇଫଗାର୍ଡ ଦ୍ୱାରା ଉଦ୍ଧାର ହୋଇଛନ୍ତି। ଖବର ନେବାରେ ଜଣାପଡ଼େ ଉତ୍ତରପ୍ରଦେଶ ଯୌନପୁର ଅଞ୍ଚଳର କଲେଜ ଛାତ୍ରଛାତ୍ରୀ କୋଣାର୍କ ବୁଲି ଆସି ଚନ୍ଦ୍ରଭଗା ସମୁଦ୍ର ରେ ଗାଧୋଉଥିବା ସମୟରେ ଏକ ବଡ଼ ଲହଡି ସ୍ରୋତରେ ସମୁଦ୍ର ଭିତରକୁ ୪ଜଣଙ୍କୁ ଟାଣି ନେଇଥିଲା ଓ ସମୁଦ୍ର ଭିତରେ ପ୍ରାୟ ଏକ କିମି ପର୍ଯ୍ୟନ୍ତ ସେମାନେ ବୁଡି ବୁଡି ଯାଉଥିବା ଦେଖି ତୁରନ୍ତ ସେଠାରେ ଡ୍ୟୁଟି ରେ ଉପସ୍ଥିତ ଥିବା ଲାଇଫଗାର୍ଡ ପବନ ବେହେରା ଓ ଜଣେ




ସ୍ୱେଚ୍ଛାସେବୀ ଲାଇଫ୍‌ଗାର୍ଡ ତୁରନ୍ତ ଗଭୀର ସମୁଦ୍ରକୁ ଯାଇ ଦୁଇ ଯୁବକଙ୍କ ସମେତ ଦୁଇଜଣ ଝିଅଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ ଓବୁଡିଯାଉଥିବା ଯୁବକଟେଲା ଓଝା(୩୦), ବିଶାଲ ଗୋସ୍ୱାମୀ(୨୮), ଭିଲା ସୋହନି(୨୬) ବୋଲି ଜଣାପଡିଛି। କୂଳକୁ ଆସିବା ପରେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ରହିଥିବା ଦେଖିବାକୁ ମିଳିଛି ଓଚନ୍ଦ୍ରଭାଗାରେ ଅନେକ ସମୟରେ ପର୍ଯ୍ୟଟକମାନେ ଲାଇଫ୍‌ଗାର୍ଡର କଥା ନ ମାନି ବିପଦପୂର୍ଣ୍ଣ ଭାବେ ସମୁଦ୍ରରେ ସ୍ନାନ କରୁଥିବାକୁ ନେଇ ଏପରି ଅଘଟଣ ଘଟୁଥିବା ପ୍ରାୟ ଦେଖିବାକୁ ମିଳୁଛି।

## ଶିବଙ୍କ ବିଶାଳ ବାଲୁକା ମୂର୍ତ୍ତି ତିଆରିକରି ପ୍ରଶଂସିତ




**ପୁରୀ ସଦର, ୧୮।୨/ଏନ୍‌ଏନ୍‌ଏସ୍:** ମହାଶିବରାତ୍ରୀର ପବିତ୍ର ଅବସରରେ, ଆନ୍ତର୍ଜାତୀୟ ବାଲୁକା କଳାକାର ସୁଦାମ ପ୍ରଧାନ ପୁରୀ-କୋଣାର୍କ ମେରିନ୍ ଡ୍ରାଇଭ୍ ରୋଡ୍ ଉପରେ ଅବସ୍ଥିତ କପିଳେଶ୍ୱର ମନ୍ଦିର, ବାଲିଗୁଆଳି ସାମ୍ନାରେ ଭଗବାନ ଶିବଙ୍କ ବିଶାଳ ବାଲୁକା ମୂର୍ତ୍ତି ତିଆରି କରି ପ୍ରଶଂସିତ ହୋଇଛନ୍ତି। ଏହି ବିଶାଳ ବାଲୁକା କଳାକୃତି ମହାଶିବରାତ୍ରୀର ପବିତ୍ର ଅବସରରେ ଆନ୍ତର୍ଜାତୀୟ ବାଲୁକା କଳାକାର ସୁଦାମ ପ୍ରଧାନ ପୁରୀ-କୋଣାର୍କ ମେରିନ୍ ଡ୍ରାଇଭ୍ ରୋଡ୍ ଉପରେ ଅବସ୍ଥିତ କପିଳେଶ୍ୱର ମନ୍ଦିର, ବାଲିଗୁଆଳି ସାମ୍ନାରେ ଭଗବାନ ଶିବଙ୍କ ବିଶାଳ ବାଲୁକା ମୂର୍ତ୍ତି ତିଆରି କରିଥିଲେ। ଏହି ବିଶାଳ ବାଲୁକା କଳାକୃତି ୧୦ ଘଣ୍ଟା ଧରି ତିଆରି କରାଯାଇଥିଲା। ପ୍ରାୟ ୬୦ ଟନ୍ ବାଲୁକା ବ୍ୟବହୃତ ହୋଇଥିଲା ଓ ଏହାର ଉଚ୍ଚତା ପ୍ରାୟ ୨୨ରୁ ୨୫ଫୁଟ୍, ଲମ୍ବ ପ୍ରାୟ ୪୦ଫୁଟ୍ ରହିଥିଲା। ଏହା ଏହି ଅଞ୍ଚଳରେ ମହାଶିବରାତ୍ରୀ ଅବସରରେ ତିଆରି ହୋଇଥିବା ସବୁଠାରୁ ବଡ଼ ବାଲୁକା ଶିଳ୍ପମାନଙ୍କ ମଧ୍ୟରୁ ଗୋଟିଏ। ଏହି କଳାକୃତି ଭକ୍ତି, ଆସ୍ଥା ଓ ଆଧାତ୍ମିକ ଶକ୍ତିର ପ୍ରତୀକ। ଏହି କଳାକୃତି ଦେଖିବାକୁ ବହୁ ସଂଖ୍ୟକ ଭକ୍ତ, ସ୍ଥାନୀୟ ଲୋକ ଓ ପର୍ଯ୍ୟଟକ ଆସିଥିଲେ। ଏହି ଅବସରରେ ସୁଦାମ ପ୍ରଧାନ କହିଛନ୍ତି, 'ଏହି ବାଲୁକା ଶିଳ୍ପ ଭଗବାନ ଶିବଙ୍କ ପାଇଁ ମୋର ଏକ ନମ୍ର ନିବେଦନ। ମୋ କଳା ମାଧ୍ୟମରେ ମୁଁ ଶାନ୍ତି, ସକାରାତ୍ମକତା ଓ ଭକ୍ତି ପ୍ରସାର କରିବାକୁ ଚାହୁଁଛି।'

## କିଡ୍ସ ହୋମ୍ ସ୍କୁଲ୍‌ର ୨୪ତମ ବାର୍ଷିକ ଉତ୍ସବ

**ପୁରୀ,୧୮।୨/ଏନ୍‌ଏନ୍‌ଏସ୍:** ଶିଶୁ ଶିକ୍ଷାନୁଷ୍ଠାନ 'କିଡ୍ସ ହୋମ ପ୍ରୀ ସ୍କୁଲ୍' ର ଚବିଶ ତମ ବାର୍ଷିକ ଉତ୍ସବ-୨୦୨୬ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ସେବାୟତ ଭଗବାନ ସୁଆର ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ କ୍ରୀଷ୍ଣା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉଦ୍ ବୋଧନ ପ୍ରଦାନ କରିଥିଲେ। ବିଦ୍ୟା ହେଉଛି ଦୁନିଆର ଶ୍ରେଷ୍ଠ ବିଭୂତି। ଏହି ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ତାଙ୍କର ଆଗାମୀ ଭବିଷ୍ୟତ ଗଢ଼ି ତୋଳିବେ। ଅଭିଭାବକ ମାନେ ଶିଶୁଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ଏବଂ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷା ରୂପାଲି ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ ସହ ବାର୍ଷିକ



ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ସୌରଭ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ସହିତ ସାମାଜିକ ଅନୁଷ୍ଠାନ 'ବଡ଼ଦାଣ୍ଡ ସେବା' କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସମବେତ ସ୍ୱାଗତ ସଙ୍ଗୀତ, ସଙ୍ଗୀତ ରୂପକ ଏକଲବ୍ୟ, ଓଡ଼ିଆ ଓ ହିନ୍ଦୀ ଭଜନ ନୃତ୍ୟ ଏବଂ ପରିଶେଷରେ ଦେଶାତ୍ମବୋଧକ ନୃତ୍ୟ ରୂପକ ଅପରେସନ ସିନ୍ଦୂର ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବ ପରିଚାଳନାରେ ମୋନିକା ବାନାର୍ଜୀ, ସସ୍ମିତା ସାହୁ, ଝରଣା ଦାସ, ମୋନାଲିସା ଦାସ, କାବେରୀ ବାରିକ ସହଯୋଗ କରିଥିଲେ।

## ଗୋ ମାଂସ ଜବତ, ଦୁଇ ଅଟକ

**ଦଶପଲ୍ଲା,୧୮।୨/ଏନ୍‌ଏନ୍‌ଏସ୍:** ବୁଧବାର ଦିନ ଦଶପଲ୍ଲା ପୋଲିସ ଗୋ ମାଂସ ରଖିବା ଓ ଖାଇବା ଅଭିଯୋଗ ରେ ଦଶପଲ୍ଲା ଥାନାରେ ଦୁଇଜଣଙ୍କୁ ଅଟକ ରଖିଛି। ଅଟକ ଦୁଇଜଣ ହେଉଛନ୍ତି ସୁରେଶ ମେହେର ଓ ନିମେଇ ମେହେର। ଉଭୟଙ୍କ ଘର ସ୍ଥାନୀୟ ଦୁର୍ଗାବଜ଼ାର ମୋଚିସାହି ଗ୍ରାମରେ। ଉଭୟ ଙ୍କୁ ପୋଲିସ ଅଟକ ରଖି ଏହି ଘଟଣା ସମ୍ପର୍କ ରେ ପଚରା ଉଚରା କରୁଛି। ସୂଚନା ଯୋଗ୍ୟଯେ, ରାଜରାକୁଡା ଅମଳରୁ ଦୁର୍ଗାବଜ଼ାର ଠାରେ ଏକ ମୋଚିସାହି ଗଢି ଉଠିଛି। ଏହି ମୋଚି ସାହି ରେ ମୋଚି ସମ୍ପ୍ରଦାୟ ର ଲୋକ ବସବାସ କରନ୍ତି। ବିଭିନ୍ନ ସମୟ ରେ ଏହି ମୋଚିମାନେ ଗାଈ ଛେଳି ଭଳି ଯିବ ଜନ୍ତୁ ଙ୍କ ଚମଡା ଆଣି ତାକୁ ଶୁଖାଇ ଚପଲ କରି ବିକ୍ରୟ କରନ୍ତି। ଗତ ଦୁଇଦିନ ତଳେ ଓଡସର ଠାରେ ଏକ ଗାଈ ର ମୃତ ହୋଇଥିବା ବେଳେ ତାକୁ ଏକ ସ୍ଥାନ ରେ ପକାଯାଇଥିଲା। ଏହା ଜଣାପଡିବା ପରେ ସେହି ଗ୍ରାମର ଦୁଇଜଣ ଯାଇ ଚମଡା କାଟି ଆଣିବା ସହ କିଛି ଗୋରୁ ମାଂସ ଖାଇବା ପାଇଁ ସାଥିରେ ଧରି ଆସିଥିଲେ। ବୁଧବାର ଦିନ ଭଗ୍ନ ଅବସ୍ଥାରେ ଥିବା ପୁରୁଣା ମୋଚିଶିଳ୍ପ କାରଖାନା ମଧ୍ୟରେ ରହୁଥିବା ସୁରେଶ ମେହେରଙ୍କ ସ୍ତ୍ରୀ ଲକ୍ଷ୍ମୀ ମେହେର ଏହି ମାଂସକୁ ରୋଷେଇ କରୁଥିବା ବେଳେ ବାସ୍ନା ହୋଇଥିଲା। ଖବରପାଇ ବଜରଙ୍ଗୀ ଦଳର କିଛି ସଦସ୍ୟ ସେଠାରେ ପହଞ୍ଚ କଡେଇରେ ଗୋ ମାଂସ ରନ୍ଧା ହେଉଥିବା ଦେଖିବାକୁ ପାଇଥିଲେ। ଏହାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜବତ କରିବା ସହ ଏଥିରେ ସମ୍ପୃକ୍ତ ସୁରେଶ ମେହେର ଏବଂ ଲକ୍ଷ୍ମୀ ମେହେରଙ୍କୁ ଥାନାକୁ ଆଣି ପଚରା ଉଚରା କରୁଛି।

## ନିର୍ମାଣାଧୀନ ଲାଇବ୍ରେରୀ ଘରକୁ ଦୁର୍ବୃତ୍ତ ଭାଙ୍ଗିଦେବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**ଖୋର୍ଦ୍ଧା,୧୮।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ମଲ୍ଲିପୁର ଗ୍ରାମ ପଞ୍ଚାୟତର ବିଂକୁଡ଼ିଆ ଗ୍ରାମରେ ନିର୍ମାଣାଧୀନ ସର୍ବସାଧାରଣ ଲାଇବ୍ରେରୀ ଘରକୁ ଗତ ମଙ୍ଗଳବାର ରାତିରେ କିଛି ଦୁର୍ବୃତ୍ତ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ମଲ୍ଲିପୁର ଗ୍ରାମ ପଞ୍ଚାୟତର ବିଂକୁଡ଼ିଆ ଗ୍ରାମରେ ଖୋର୍ଦ୍ଧା ତହସିଲଦାର, ବିଡ଼ିଓ ଓ ସମସ୍ତ ଗ୍ରାମବାସୀ ମିଶି ସର୍ବସାଧାରଣ ଲାଇବ୍ରେରୀ ଘର ପାଇଁ ଜାଗା ସ୍ଥିରୀକୃତ କରାଯାଇଥିଲା। ଗତ ୮ ମଇ ୨୦୨୫ରେ କାର୍ଯ୍ୟାଦେଶ ପାଇ ବ୍ଲକ୍ ଜେଇଙ୍କ ଉପସ୍ଥିତିରେ ଲାଇବ୍ରେରୀ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତା'ର କିଛି ଦିନ ପରେ ବିଂକୁଡ଼ିଆ ଗ୍ରାମର ରବୀନ୍ଦ୍ର ଦଳବେହେରା, ରଘୁନାଥ ମଙ୍ଗରାଜ ଦୁଇଜଣ ମିଶି ଲାଇବ୍ରେରୀ ଘର ନିର୍ମାଣ କାର୍ଯ୍ୟ କରୁଥିବା ବନ୍ତଳ ଗ୍ରାମର ହେମନ୍ତ ମାନସିଂଙ୍କୁ ଟଙ୍କା ମାଗିବା, ମରଣାନ୍ତକ ଆକ୍ରମଣ ଧମକ ଦେବା ଏବଂ ନିର୍ମାଣ ହେଉଥିବା ଲାଇବ୍ରେରୀ ଘରକୁ ଭାଙ୍ଗିଦେବା ଧମକ ଦେଇଥିଲେ। ଏ ନେଇ ହେମନ୍ତ ମାନସିଂ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ତେବେ ମଙ୍ଗଳବାର ରାତ୍ରୀ ପ୍ରାୟ ୧୧ଟା ୪୫ ସମୟରେ ବିଂକୁଡ଼ିଆ ଗ୍ରାମର କୈଳାଶ ପଟ୍ଟନାୟକ, ରବୀନ୍ଦ୍ର ଦଳବେହେରା ଓ ରଘୁନାଥ ମଙ୍ଗରାଜ ମିଶି ଏକ ଜେସିବି ନେଇ ସେହି ନିର୍ମାଣଧୀନ ଲାଇବ୍ରେରୀ ଘରକୁ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବରପାଇ ହେମନ୍ତ ମାନସିଂ ଓ ତାଙ୍କ ସହଯୋଗୀ ମାନସ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଜେସିବି ଦ୍ୱାରା ସେହି ନିର୍ମାଣାଧୀନ ଘରକୁ ମାଟିରେ ମିଶାଇ ଦେଇଛନ୍ତି। ଏ ନେଇ ହେମନ୍ତ ମାନସିଂ, ମଣ୍ଡଳ ପ୍ରତିନିଧି ସଂଗ୍ରାମ କେଶରୀ ସମାନ୍ତସିଂହାର, ମଣ୍ଡଳ ସଭାପତି ମନୋରଞ୍ଜନ ବଡ଼ଜେନା, ପ୍ରତାପ ମହାପାତ୍ର(ଏମ୍‌ପି ପ୍ରତିନିଧି) ଓ କିଛି ଗ୍ରାମବାସୀ ଖୋର୍ଦ୍ଧା ଜିଲ୍ଲାପାଳ, ଖୋର୍ଦ୍ଧା ଏସ୍‌ପି ଓ ଶିଳ୍ପାଞ୍ଚଳ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି।

### ବିରୋଧୀଙ୍କ ହଟ୍ଟଗୋଳ...

ପ୍ରତାପ ସ୍ୱାଇଁ ଉଭୟ ଏହାକୁ ହାତରେ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ଦଳର ଅନ୍ୟ ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ତଳେ ସରକାର ବିରୋଧୀ ସ୍ଲୋଗାନମାନ ଦେଇଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ଧାନର ଅଭାବୀ ବିକ୍ରି ଅଭିଯୋଗ କରି ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗରେ ବିରୋଧ ପ୍ରଦର୍ଶନ କରିଥିଲେ। 'ନକଲି କହି ଚାଷୀଙ୍କ କଲ ଅପମାନ, ଚାଷୀ ସମସ୍ୟାର ଏ କି ସମାଧାନ', 'ଡବଲ ଇଞ୍ଜିନ, ଡବଲ କଟନୀ ଛଟନୀ, ଡବଲ ଧୋକା', 'ମା କାନ୍ଦୁଛି, ଚାଷୀ କାନ୍ଦୁଛି, ବିଜେପି ସରକାର ଛି ଛି', ମୋହନ ସରକାର ଏହା କଲ, ଚାଷୀମାନଙ୍କୁ ଧୋକା ଦେଲ', କାନ୍ଦୁଛି ଚାଷୀ କାନ୍ଦେ ଜନତା,କୁଆଡ଼େ ଗଲା ତମ ଓଡ଼ିଆ ଅସ୍ମିତା', ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ପ୍ରଭୃତି ଆଦି ସ୍ଲୋଗାନ ଲେଖା ଥିବା ପ୍ଲାକାର୍ଡଗୁଡ଼ିକୁ ବିଜେଡି ବିଧାୟକମାନେ ହାତରେ ଧରି ପ୍ରଦର୍ଶନ କରିବା ସହ ନାରାବାଜି କରିଥିଲେ। ଯଦିଓ ଗୃହରେ ପ୍ରଶ୍ନକାଳ ଆରମ୍ଭ ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅନୁମତି ଦେଇଥିଲେ କିନ୍ତୁ ବିରୋଧୀ ଦଳ ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁ ଗୃହକୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଗୃହ ମାତ୍ର ୩ମିନିଟ୍ ଚାଲିପାରିଥିଲା। ପରେ ସାଢ଼େ ୧୧ଟାରେ ଅନୁରୂପ ସ୍ଥିତି ଲାଗି ରହିବାରୁ ମାତ୍ର ୨ମିନିଟ୍ ପରେ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଅପରାହ୍ଣ ଅଧିବେଶନ ଆରମ୍ଭ ହେବା ପରେ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ବିରୋଧୀ କଂଗ୍ରେସ ଓ ବିଜେଡି ସଭ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ ସହ ନାରାବାଜି କରିଥିଲେ। ହଟ୍ଟଗୋଳ ଯୋଗୁଁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅପରାହ୍ଣ ୪ଟା୨ରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ଆଜି ଗୃହରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ସମ୍ଭବପର ହୋଇପାରିନାହିଁ। ଅନ୍ୟପକ୍ଷରେ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ଉତ୍ତରକୁ ନେଇ ବିରୋଧୀ ଦଳ ଆଜି ସରକାରଙ୍କୁ ଘେରିଛି। ଗୃହ ବାହାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ଇନପୁଟ ସହାୟତା ଦେବେ ବୋଲି ସରକାର ଘୋଷଣା କରିଥିଲେ। କିନ୍ତୁ ବାସ୍ତବରେ ମାତ୍ର ୭୩୧ଟଙ୍କା ଦେଉଛନ୍ତି। କେନ୍ଦ୍ର ସରକାରଙ୍କ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୨୩୬୯ଟଙ୍କା ଓ ରାଜ୍ୟ ସରକାର ୮୦୦ଟଙ୍କା ସବ୍‌ସିଡିକୁ ମିଶାଇଲେ ଚାଷୀ ମୋଟ କ୍ୱିଣ୍ଟାଲ ପିଛା ୩୧୬୯ଟଙ୍କା ପାଇବା କଥା। ମାତ୍ର ସରକାର ୩୧୦୦ଟଙ୍କା ଦେଇ ଚାଷୀଙ୍କୁ ୬୯ଟଙ୍କାରୁ ବଞ୍ଚିତ କରୁଛନ୍ତି ବୋଲି ସେ କହିଛନ୍ତି। ସେଥିପାଇଁ ଚାଷୀ ଆନ୍ଦୋଳନ ଡେକୁଛି ବୋଲି ବିଜେଡି କହିଛି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ, କୌଣସି ଚାଷୀର ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ଉଠିବ ନାହିଁ ବୋଲି ସରକାର କହୁଛନ୍ତି। ମାତ୍ର ଗତକାଲି ରାଜ୍ୟପାଳଙ୍କ ମୁହଁରେ ସରକାର କୁହାଇ ଦେଲେ ଯେ ୩୧୦୦ ଟଙ୍କାରେ ସବୁ ଧାନ ଉଠିବ। ଚାଷୀ ଋଣ କରି ଫସଲ ଅମଳ କରିଛି, ହେଲେ ଧାନ ଉଠୁନି । ଡବଲ ଇଞ୍ଜିନ ସରକାର ଚାଷୀ ସୁରକ୍ଷା କହି ଆସିଥିଲେ, ହେଲେ ଚାଷୀ ହଇରାଣ ହେଉଛନ୍ତି। ଯେତେବେଳ ଯାଏଁ ଚାଷୀ ସମସ୍ୟାର ସମାଧାନ ହେବନି, ଗୃହକୁ କଂଗ୍ରେସ ଚଳାଇ ଦେବ ନାହିଁ ବୋଲି କାଡ଼ାମ କହିଛନ୍ତି। ବିରୋଧୀଙ୍କ ଅଭିଯୋଗ ଉପରେ ବିଜେପି ପାଲଟା ଜବାବ ରଖିଛି । ବିଜେପି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି ଯେ, ଯେଉଁମାନେ ପୂର୍ବରୁ ୧୦୦ ଟଙ୍କା ଦେବେ ବୋଲି କହି ଦେଇନଥିଲେ, ସେମାନଙ୍କ ମୁହଁରେ ୮୦୦ ଟଙ୍କା କଥା କହିବା ଶୋଭା ପାଉନାହିଁ। ଆମେ ନିର୍ବାଚନ ସମୟରେ ୩୧୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲୁ ଓ ଏବେ ତାହା ଦେଉଛୁ। ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ରେ ସବୁ ଧାନ ଉଠିଛି ଓ ଚାଷୀମାନେ ବହୁତ ଖୁସି ଅଛନ୍ତି। ବିରୋଧୀ କେବଳ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ରାଜନୀତି କରୁଛନ୍ତି। ୧୫୦ କ୍ୱିଣ୍ଟାଲ ପରେ ମଧ୍ୟ ଅଧିକ ଧାନ ଉଠାଇବା ପାଇଁ ଟୋକନ ବ୍ୟବସ୍ଥା କରାଯାଇଛି ଓ କୌଣସି ଚାଷୀ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଆଜି ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ଚଳିତ ଖରିଫ ଋତୁ ୨୦୨୫-୨୬ରେ ପଞ୍ଜିକୃତ ଯୋଗ୍ୟ ବିବେଚିତ ଚାଷୀଙ୍କଠୁ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ( ସର୍ବନିମ୍ନ ସହାୟକ ମୂଲ୍ୟ-୨୩୬୯ଟଙ୍କା ଓ ଇନପୁଟ ସହାୟତା ରାଶି-୭୩୧ )ରେ ଧାନ କ୍ରୟ କରାଯାଉଛି।

## ବିଡିଓଙ୍କ ମନମୁଖି କାର୍ଯ୍ୟ ପ୍ରତିବାଦରେ ଅହୋରାତ୍ର ଧାରଣା



**କଣ୍ଟାପଡ଼ା,୧୮।୨/ଏନ୍‌ଏନ୍‌ଏସ୍:** ବ୍ଲକ କାର୍ଯ୍ୟାଳୟକୁ ନିର୍ବାଚିତ ପ୍ରତିନିଧିଙ୍କ ପ୍ରବେଶ ନିଷେଧ କରିଥିଲା ବ୍ଲକ ପ୍ରଶାସନ। ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲା ଓ ଭର୍‌ଚୁଆଲ ମିଟିଙ୍ଗ ଆଳରେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରକୋଷ୍ଠ ଭିତରେ ଲୁଚି ବସିଲା ପ୍ରଶାସନ। ପଞ୍ଚାୟତ ସମିତି ନିଷ୍ପତ୍ତିକୁ ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ଓ କଣ୍ଟାପଡା ବିଡିଓଙ୍କ ମନମୁଖି କାର୍ଯ୍ୟର ପ୍ରତିବାଦରେ ଆଜିଠାରୁ ଅହୋରାତ୍ର ଧାରଣା ଦେଇଛନ୍ତି ନିର୍ବାଚିତ ଜନ ପ୍ରତିନିଧି। ଖବର ମୁତାବକ କଣ୍ଟାପଡା ବ୍ଲକର ସମସ୍ତ ଉନ୍ନୟନ ଓ ଜନକଲ୍ୟାଣକାରୀ କାର୍ଯ୍ୟ ପଞ୍ଚାୟତ ସମିତି ଅଧ୍ୟକ୍ଷ୍ୟା ଓ ଉପାଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ କରାଯିବାକୁ ସମିତିର ୬ଷ୍ଠ ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଥିଲା। ପୁନରାୟ ଏହି ନିଷ୍ପତ୍ତି ସମିତିର ଅଷ୍ଟମ ବୈଠକରେ ସର୍ବସମ୍ମତି କ୍ରମେ ଦୃଢ଼ୀ କରଣ କରାଯାଇଥିଲା। ଏ ସମ୍ପର୍କରେ ବାରମ୍ବାର ଆଲୋଚନା ପରେ କୌଣସି କାର୍ଯ୍ୟକ୍ରମ କରାନଯିବାରୁ ଗତ ୧୦ ତାରିଖରେ ବ୍ଲକର ନିର୍ବାଚିତ ଜନ ପ୍ରତିନିଧି ଲିଖିତ ଭାବେ ବିଡିଓଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏହାର ୭ଦିନ ପରେ ଆଜି ନିର୍ବାଚିତ ପ୍ରତିନିଧିମାନେ ଆଲୋଚନା ପାଇଁ ବ୍ଲକ ଅଫିସ ଆସିଥିବା ସମୟରେ କାର୍ଯ୍ୟାଳୟରେ ପ୍ରଶାସନ ତାଲା ପକାଇ ବ୍ୟାପକ ପୋଲିସ ସୁରକ୍ଷାରେ ଥିବା ଦେଖିଥିଲେ। ଏଣୁ ପ୍ରଶାସନର ଏପରି ପଦକ୍ଷେପର ପ୍ରତିବାଦ କରି ସେମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ଜିଲ୍ଲାପାଳ ଆନ୍ଦୋଳନ ସ୍ଥଳକୁ ଆସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଛନ୍ତି ସେ ପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରି ମାନେ କହିଛନ୍ତି। ଆଜିର ଏହି ଧାରଣାରେ ବ୍ଲକ ଅଧ୍ୟକ୍ଷ୍ୟା ସୁଶ୍ରୀ ଜୀନା ଭୋଇ, ଉପାଧକ୍ଷ ଯତିନ୍ଦ୍ର ନାଥ ବରାଳ, ଜିଲ୍ଲା ପରିଷଦ ସଦସ୍ୟ ପିୟୁଷ ମିଶ୍ର, କ୍ରିଷ୍ଣାରାଣୀ ବେହେରା, ସମିତି ସଦସ୍ୟ ବୁଧ ନାଥ ବେହେରା, ପ୍ରଶାନ୍ତ କୁମାର ପାଢ଼ୀ, ପ୍ରିୟବ୍ରତ ବେହେରା, ସୌଦାମିନୀ ରାଉତ, ସସ୍ମିତା ଦାସ, ସୁମିତ୍ରା ଚାତର, ପୁଷ୍ପାଞ୍ଜଳି ବିଶ୍ୱାଳ, ସରପଞ୍ଚ ସୁମିତ୍ରା ପାଢ଼ୀ, ତୃପ୍ତିମୟୀ ରାଉତ, ସଞ୍ଜୟ ରାଉତରାୟ, ସୁବ୍ରତ ଦାସ, ମାନୁଶ୍ରୀ ମଲ୍ଲିକ, ସସ୍ମିତା ଶାସେନୀ, ସୁପ୍ରିୟା ଭୋଇ ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।

### ବିଶ୍ୱନେତାଙ୍କ ସହ...

ସହଯୋଗକୁ କିପରି ମଜବୁତ କରିପାରିବ ସେସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଏଆଇରେ ଏକ ଉଦୀୟମାନ ନବସୃଜନ ଖେଳାଳି ଭାବରେ ଫିନଲ୍ୟାଣ୍ଡର ପ୍ରୟାସକୁ ପ୍ରଶଂସା କରିଥିଲେ। ଦୁଇ ନେତା ଦାୟିତ୍ୱପୂର୍ଣ୍ଣ, ପ୍ରତିଭା-ଚାଳିତ ଏଆଇକୁ ଆଗକୁ ବଢାଇବା ଏବଂ ଏକ ନିରନ୍ତର ଭବିଷ୍ୟତ ପାଇଁ ପ୍ରଯୁକ୍ତି-ସକ୍ଷମ ସମାଧାନ ବ୍ୟବହାର କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ଏବଂ ଫିନଲ୍ୟାଣ୍ଡ ବାଣିଜ୍ୟକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ଫଳରେ ଅର୍ଥନୈତିକ ସମ୍ପର୍କକୁ ଏକ ଦୃଢ଼ ପ୍ରୋତ୍ସାହନ ମିଳିବ। ସେମାନେ ୬ଜି, ନବସୃଜନ, ସ୍ୱଚ୍ଛ ଶକ୍ତି, ଜୈବ ଇନ୍ଧନ ଏବଂ ବୃତ୍ତାକାର ଅର୍ଥନୀତି ଭଳି ଭବିଷ୍ୟତ ପ୍ରଯୁକ୍ତିବିଦ୍ୟାରେ ସହଯୋଗ ବୃଦ୍ଧି କରିବା ବିଷୟରେ ମଧ୍ୟ କଥା ହୋଇଥିଲେ। ପରେ ସର୍ବିଆର ରାଷ୍ଟ୍ରପତି ଆଲେକଜାଣ୍ଡର ଭୁସିକଙ୍କ ସହିତ ମଧ୍ୟ ମୋଦୀ ଆଲୋଚନା କରିଥିଲେ। ବାଣିଜ୍ୟ ଏବଂ ନିବେଶ, ଏଆଇ, ଫିନ୍‌ଟେକ୍, ଶିକ୍ଷା, କୃଷି, ପର୍ଯ୍ୟଟନ ଏବଂ ଲୋକ-ଲୋକଙ୍କ ମଧ୍ୟରେ ଆଦାନପ୍ରଦାନରେ ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବା ପାଇଁ ଦୁଇ ନେତା ଆଲୋଚନା କରିଥିଲେ। ସେମାନେ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଭାରତ ଏବଂ ସର୍ବିଆ ଦୀର୍ଘକାଳୀନ ବନ୍ଧୁ ଏବଂ ଏହି ସମ୍ପର୍କ ଲୋକଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଦ୍ୱାରା ପ୍ରତିଷ୍ଠିତ। ଏମାନଙ୍କ ବ୍ୟତୀତ ମୋଦୀ ଆଜି ଦିନରେ କ୍ରୋଏସିଆ ପ୍ରଧାନମନ୍ତ୍ରୀ ଆଣ୍ଡ୍ରେଜ୍ ପ୍ଲେଙ୍କୋଭିକ୍, ଏଷ୍ଟୋନିଆ ରାଷ୍ଟ୍ରପତି ଆଲାର କାରିସ୍, କାଜାକସ୍ତାନ ପ୍ରଧାନମନ୍ତ୍ରୀ ଓଲିଜାସ ବେକ୍‌ଟେନୋଭ, ଭୁଟାନ ପ୍ରଧାନମନ୍ତ୍ରୀ ସେରିଂ ଟୋବଗେଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ବିଶ୍ୱସ୍ତରୀୟ ନେତାମାନେ ଭାରତ ସହ ସେମାନଙ୍କ ସମ୍ପର୍କର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିବା ସହ ଡିଜିଟାଲ ପ୍ରଯୁକ୍ତିବିଦ୍ୟାରେ ଆହୁରି ସହଯୋଗ ଏବଂ ବିକାଶ ସହଭାଗୀତା ତଥା ଲୋକ-ଲୋକ ସମ୍ପର୍କକୁ ଗଭୀର କରିବାର ସମ୍ଭାବନାକୁ ଗୁରୁତ୍ୱ ଦେଇଛନ୍ତି। ନିଯୁକ୍ତି ସୁଯୋଗ, ଆର୍ଥିକ ଲାଭ, ବ୍ୟବସାୟିକ, ପ୍ରତିରକ୍ଷା-ସୁରକ୍ଷା, ପର୍ଯ୍ୟଟନ-ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ, ସଂଯୋଗୀକରଣ, ଶକ୍ତି ଆଦି ବିଭିନ୍ନ ଦିଗ ଉପରେ ପାରସ୍ପରିକ ସହଯୋଗ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ମୋଦୀଙ୍କ ସହ ଆଲୋଚନା କାଳରେ ସମସ୍ତ ରାଷ୍ଟ୍ରମୁଖ୍ୟମାନେ ଭାରତ ସହ ସମସ୍ତ କ୍ଷେତ୍ରରେ ରଣନୈତିକ ସହଭାଗୀତାକୁ ମଜବୁତ କରିବା ଏବଂ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ଉପାୟ ଉପରେ ଆଲୋଚନା କରିଥିବା ସୂଚନା ମିଳିଛି। ଅନ୍ୟ ଏକ ରିପୋର୍ଟ ଅନୁସାରେ ଆଜି ସକାଳେ ପ୍ରଧାନମନ୍ତ୍ରୀ ମୋଦୀ ଗୁଗଲ୍ ସିଇଓ ସୁନ୍ଦର ପିଚାଇଙ୍କୁ ମଧ୍ୟ ଭେଟିଥିଲେ, ଯିଏ ଭାରତ ଏଆଇ ପ୍ରଭାବ ସମ୍ମିଳନୀରେ ଯୋଗଦେବା ପାଇଁ ମଧ୍ୟ ନୂଆଦିଲ୍ଲୀରେ ଏବେ ଡେରା ପକାଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ, ଶ୍ରୀ ମୋଦୀ କହିଛନ୍ତି ଯେ ସେମାନେ ଏଆଇରେ ଭାରତ କରୁଥିବା କାର୍ଯ୍ୟ ଏବଂ ଏହି କ୍ଷେତ୍ରରେ ଭାରତର ପ୍ରତିଭାବାନ ଛାତ୍ର ଏବଂ ବୃତ୍ତିଗତମାନଙ୍କ ସହିତ ଗୁଗୁଲ୍ କିପରି କାମ କରିପାରିବ ସେସମ୍ପର୍କରେ କଥା ହୋଇଥିଲେ।

# ଗୌରୀ ଖାନ



**ଏହା କହିବା ଭୁଲ୍ ହେବ ନାହିଁ ଯେ ଯୁବପିଢ଼ି ସେଲିବ୍ରିଟି ଡିଜାଇନର୍ ଓ ତାଙ୍କର ଜୀବନଶୈଳୀ ଦ୍ୱାରା ଦ୍ରୁତଗତିରେ ପ୍ରଭାବିତ ହେଉଛନ୍ତି। ଅନେକ ପ୍ରସିଦ୍ଧ ହସ୍ତୀଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଗୌରୀ ଖାନ ଯିଏ ସୁରୁଚିପୂର୍ଣ୍ଣ ଓ ଆରାମଦାୟକ ଘରଗୁଡ଼ିକୁ ଡିଜାଇନ୍ କରିବାରେ ମହାରଥ ହାସଲ କରିଛନ୍ତି। ଆଜି ତାଙ୍କର ଇଣ୍ଟେରିୟର୍ ଡିଜାଇନ୍‌ର ସେହି ବିଚାରଗୁଡ଼ିକ ବିଷୟରେ ଜାଣିବା ଯେଉଁଗୁଡ଼ିକ ଭାରତୀୟ ଇଣ୍ଟେରିୟର୍ ପ୍ରତି ତାଙ୍କର ଦୃଷ୍ଟିକୋଣକୁ ଦର୍ଶାଇଥାଏ। ତେଣୁ ଷ୍ଟାଇଲିଶ୍ ଓ କାର୍ଯ୍ୟାତ୍ମକ ଘର ଡିଜାଇନ୍ କରିବା ପାଇଁ ଇଚ୍ଛୁକ ଯୁବପିଢ଼ିଙ୍କ ପାଇଁ ତାଙ୍କର ପରାମର୍ଶ ବ୍ୟବହାରିକ ପ୍ରେରଣା ପ୍ରଦାନ କରିପାରେ।**

**ତାଙ୍କର ବିଚାର-ଆରାମ ହେଉଛି ଖୁବ୍ ଭଲ ଡିଜାଇନ୍‌ର ମୂଳଦୁଆ, ସମକାଳୀନ ଓ କ୍ଲାସିକ୍ ଶୈଳୀର ମିଶ୍ରଣ, ଷ୍ଟେଟ୍‌ମେଣ୍ଟ ଫର୍ଣ୍ଣିଚରକୁ ଘରର ପରିଚୟ ଭାବରେ ଗ୍ରହଣ କରନ୍ତୁ। ଖୁବ୍ ଭଲ ଗୁଣବତ୍ତାର ସାମଗ୍ରୀ ଓ ନିର୍ମାଣର ଉପଯୋଗ, ଲାଇଟିଂ, ନ୍ୟୁଟ୍ରାଲ୍ ରଙ୍ଗର ବ୍ୟବହାର, ବ୍ୟକ୍ତିଗତ ସାମଗ୍ରୀର ଉପଯୋଗ, କ୍ୱାଲିଟି ଉପରେ ଧ୍ୟାନ, ଚଳନରେ ରହୁଥିବା ଘରର ନିର୍ମାଣ ଆଦିର ଆବଶ୍ୟକତା ରହିଛି।**

କୌଣସି ଭବନ, ଘର ବା ଅଫିସ୍‌ର ଆଭ୍ୟନ୍ତରୀଣ ଭାଗକୁ ଆକର୍ଷକ, କାର୍ଯ୍ୟାତ୍ମକ ଓ ସୁରକ୍ଷିତ କରି ତିଆରି କରିବାର ଏକ ରଚନାତ୍ମକ କଳା ଓ ବିଜ୍ଞାନକୁ ଇଣ୍ଟେରିୟର୍ ଡିଜାଇନିଂ କୁହାଯାଏ। ଇଣ୍ଟେରିୟର ଡିଜାଇନର୍‌ର କାମ ଗ୍ରାହକମାନଙ୍କ ଆବଶ୍ୟକତା ଓ ପସନ୍ଦ ଅନୁସାରେ ଆଭ୍ୟନ୍ତରୀଣ ସ୍ଥାନଗୁଡ଼ିକର ଯୋଜନା ତିଆରି କରି ସେଗୁଡ଼ିକୁ ଡିଜାଇନ୍ କରିବା। ଏହି କ୍ରମରେ ଜାଣିବା ଇଣ୍ଟେରିୟର୍ ଡିଜାଇନର ଗୌରୀ ଖାନଙ୍କ ବିଷୟରେ। ରେଡ୍ ଚିଲିଜ ଏଣ୍ଟରଟେନମେଣ୍ଟ୍‌ର ସେ ହେଉଛନ୍ତି ସହ-ସଂସ୍ଥାପିକା ଓ ବଲିଉଡ୍‌ର କିଙ୍ଗ ଶାହାରୁଖ ଖାନଙ୍କ ପତ୍ନୀ ଭାବରେ ତାଙ୍କର ପରିଚୟ ରହିଛି। ସେ ନିଜର ଉପଲବ୍ଧିଗୁଡ଼ିକୁ ନେଇ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

୮ ଅକ୍ଟୋବର, ୧୯୭୦ରେ ଏକ ପଞ୍ଜାବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ଗୌରୀ ଖାନ। ଶିକ୍ଷା ସମାପ୍ତ ପରେ ସେ ଛଅ ମାସର ଫ୍ୟାସନ୍ ଡିଜାଇନିଂର ଏକ କୋର୍ସ କରିଥିଲେ। କିନ୍ତୁ ଏହି କ୍ଷେତ୍ରରୁ ସେ ଇଣ୍ଟେରିୟର୍ ଡିଜାଇନିଂର ଫିଲ୍ଡ ଆଡ଼କୁ କିପରି ଆଗକୁ ବଢ଼ିଥିଲେ ଏହାର କାହାଣୀ ବେଶ୍ ରୋଚକପୂର୍ଣ୍ଣ। ୧୯୯୧ରେ ଗୌରୀ ଛିବ୍ବର ଶାହାରୁଖ ଖାନଙ୍କୁ ବିବାହ କରି ମୁମ୍ବାଇକୁ ଆସିଥିଲେ। ଏଠାରେ ଶାହାରୁଖଙ୍କ ସହିତ ମିଶି ସେ ରେଡ୍ ଚିଲିଜ ଏଣ୍ଟରଟେନ୍‌ମେଣ୍ଟର ସ୍ଥାପନା କରି ଜଣେ ପ୍ରଡ୍ୟୁସର ଭାବରେ ଫିଲ୍ମ 'ମେ ହୁଁ ନା' ଜରିଆରେ ବଲିଉଡ୍‌ରେ ପ୍ରବେଶ କରିଥିଲେ। ଏହାପରେ ସେ ଜଣେ ଇଣ୍ଟେରିୟର୍ ଡିଜାଇନର୍ ଭାବରେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ। ଏହି ଡିଜାଇନିଂର ଆରମ୍ଭ ସେ କରିଥିଲେ ନିଜ ଘର 'ମନ୍ନତ'ରୁ। ଗୌରୀ ନିଜର ସୃଜନଶୀଳତାର ପରିଚୟ ଦେଇ ଛଅ ମହଲାବିଶିଷ୍ଟ 'ମନ୍ନତ'କୁ ଏକ ନୂଆ ରୂପ ଦେଇଥିଲେ ଯେଉଁଟି ଆଜି ଏକ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଛି। ଏହାର ସଫଳତା ପରେ ନିଜର ସଉକକୁ ପେସା ଭାବରେ ଆଗକୁ ବଢ଼ାଇବା ପାଇଁ ଚିନ୍ତା କରିଥିଲେ ଗୌରୀ ଓ ସାଙ୍ଗ ସୁଜେନ ଖାନଙ୍କ ସହିତ ମିଶି ଏକ ଇଣ୍ଟେରିୟର୍ ପ୍ରୋଜେକ୍ଟ ଉପରେ କାମ ଆରମ୍ଭ କରିଥିଲେ। ଦୁଇ ଜଣ ମିଶି ଆରମ୍ଭ କରିଥିଲେ ଦି ଚାରକୋଲ୍ ପ୍ରୋଜେକ୍ଟ ଫାଉଣ୍ଡେସନ୍। ୨୦୧୪ରେ ମୁମ୍ବାଇ ଠାରେ 'ଦି ଡିଜାଇନ୍ ସେଲ୍' ନାମକ ନିଜର ପ୍ରଥମ କନ୍‌ସର୍ଟ ଷ୍ଟୋର୍ ସେ ଲଞ୍ଚ କଲେ। ଏହାର ତିନି ବର୍ଷ ପରେ ଗୌରୀ ଖାନ ଡିଜାଇନ୍ସ ନାମକ ଏକ ଡିଜାଇନ୍ ଷ୍ଟୁଡିଓ ଲଞ୍ଚ କଲେ। ବର୍ତ୍ତମାନ ପର୍ଯ୍ୟନ୍ତ ବଲିଉଡ୍‌ର ଅନେକ କଳାକାରଙ୍କ ଘରକୁ ସେ ନୂଆ ରୂପ ଦେଇସାରିଛନ୍ତି ଯେଉଁ ସୂଚୀରେ ରହିଛି ମୁକେଶ ଓ ନୀତା ଅମ୍ବାନୀଙ୍କ ଘର ଏଣ୍ଟିଲିୟା, କରଣ ଜୋହରଙ୍କ ବଙ୍ଗଳା, ଆଲିଆଙ୍କ ଭ୍ୟାନିଟି ଭ୍ୟାନ୍ ଓ ସିଦ୍ଧାର୍ଥ ମାଲହୋତ୍ରାଙ୍କ ଘର। ୧୫୦ କୋଟିର ଏକ ଷ୍ଟୋରର ମାଲିକାଣୀ ଗୌରୀ ଖାନ ଆଜି ବଲିଉଡ୍‌ର ଜଣେ ଧନୀ ଷ୍ଟାର୍ ୱାଇଫ୍। ଖବର ଅନୁସାରେ ଗୌରୀ ଖାନଙ୍କ ସମୁଦାୟ ସମ୍ପତ୍ତିର ମୂଲ୍ୟ ୧୬୦୦ କୋଟି। ମୁମ୍ବାଇ ଠାରୁ ଆରମ୍ଭ କରି ଦିଲ୍ଲୀ, ଅଲିବାଗ, ଲଣ୍ଡନ, ଦୁବାଇ ଓ ଲସ୍ ଆଞ୍ଜେଲସ୍ ପର୍ଯ୍ୟନ୍ତ ତାଙ୍କର କୋଟି କୋଟି ଟଙ୍କାର ଘର ରହିଛି। ଫ୍ୟାସନ୍ ଓ ପର୍ସନାଲିଟି କଥା ଆସିଲେ ଗୌରୀ ଖାନଙ୍କ ଲୁକ୍ ସବୁବେଳେ ଚର୍ଚ୍ଚାରେ ଥାଏ। ଫିଲ୍ମ ପାର୍ଟି ହେଉ ଅବା କୌଣସି ଇଭେଣ୍ଟରେ ତାଙ୍କର ଡ୍ୟାସିଂ ଷ୍ଟାଇଲ୍ ସବୁବେଳେ ଥାଏ ଟ୍ରେଣ୍ଡରେ। ଭାରତୀୟ ହେଉ କିମ୍ବା ପାଶ୍ଚାତ୍ୟ ଆଉଟ୍‌ଫିଟ୍ ସହିତ ପ୍ରତି ଜିନିଷରେ ତାଙ୍କର ଶାଳୀନତା ଓ ଆତ୍ମବିଶ୍ୱାସ ନଜର ଆସେ ଓ ମହିଳାମାନେ ତାଙ୍କୁ ଫ୍ୟାସନ୍ ଗୋଲ୍ ଭାବରେ ଗ୍ରହଣ କରନ୍ତି। ଏହି କାରଣରୁ ଗୌରୀ ଖାନ ଶୀର୍ଷ ଫ୍ୟାସନିଷ୍ଟଙ୍କ ମଧ୍ୟରେ ସାମିଲ ଥାଆନ୍ତି। ତାଙ୍କର କାଜୁଆଲ୍ ଷ୍ଟାଇଲ୍ ମଧ୍ୟ ଖୁବ୍ ଶାନ୍‌ଦାର। ଏୟାର୍‌ପୋର୍ଟ ଲୁକ୍‌ରେ ମଧ୍ୟ ସେ ସେତିକି ଷ୍ଟାଇଲିଶ ନଜର ଆସନ୍ତି। ଫ୍ୟାସନ୍ ସହିତ ଇଣ୍ଟେରିୟର୍ ଡିଜାଇନିଂରେ ଖୁବ୍ ଲୋକପ୍ରିୟତା ହାସଲ କରିଥିବା ଗୌରୀ ଖାନ ପ୍ରମାଣିତ କରିଛନ୍ତି ଯେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ହେଲେ କେବଳ ଫିଲ୍ମରେ କାମ କରିବାର ଆବଶ୍ୟକ ନଥାଏ। ଅଭିନୟ ଜଗତରେ ପ୍ରବେଶ ନକରି ମଧ୍ୟ ସେ ମହାକ୍ୱିନ୍ ନାମରେ ପରିଚିତ। ତାଙ୍କର ଆତ୍ମବିଶ୍ୱାସ, ମନୋବୃତ୍ତି ଓ ଫ୍ୟାସନ୍ ସେନ୍ସ ତାଙ୍କୁ ଶାହାରୁଖଙ୍କ ପତ୍ନୀ ଭାବରେ ନୁହେଁ ଏକ ଷ୍ଟାଇଲ୍ ଆଇକନ୍ ଓ ସଫଳ ମହିଳା ଭାବରେ ପ୍ରମାଣିତ କରିଛି।







ଇଣ୍ଟେରିୟର୍ ଡିଜାଇନିଂ କ୍ଷେତ୍ରରେ ତାଙ୍କର ସଫଳତା ଯୋଗୁ ୨୦୧୮ରେ ୫୦ ଜଣ ସବୁଠାରୁ ଶକ୍ତିଶାଳୀ ମହିଳାଙ୍କ ସୂଚୀରେ ସେ ସାମିଲ ହୋଇଥିଲେ। ଏହା ବ୍ୟତୀତ ଅନେକ ଛୋଟ ବଡ଼ ପୁରସ୍କାର ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି ଯେଉଁଗୁଡ଼ିକ ମଧ୍ୟରେ ୨୦୨୪ରେ ବେଷ୍ଟ ଇଣ୍ଟେରିୟର୍ ଡିଜାଇନର୍ ପୁରସ୍କାର ରହିଛି। ସେ ମହିଳାମାନଙ୍କୁ ପ୍ରେରିତ କରିବା ପାଇଁ କହନ୍ତି ବୟସ କେବେ ମଧ୍ୟ ନିଜର ସ୍ୱପ୍ନକୁ ସାକାର କରିବା ଦିଗରେ ବାଧକ ସାଜିବା ଉଚିତ ନୁହେଁ। କାରଣ ତାଙ୍କର ଡିଜାଇନିଂର ଯାତ୍ରା ସେ ୪୦ ବର୍ଷରେ ଆରମ୍ଭ କରିଥିଲେ। ତେଣୁ ବୟସ କାରଣରୁ କୌଣସି କାମ ଅଟକିଯିବା ଉଚିତ ନୁହେଁ। ଯଦି ବ୍ୟବସାୟ ଆରମ୍ଭ କରିବାର ସ୍ୱପ୍ନ ଦେଖୁଛନ୍ତି ତେବେ ତାକୁ ହାସଲ କରିପାରିବେ। ଏହା ହେଉଛି ମୋର ସଫଳତାର ମନ୍ତ୍ର।

ନୂଆ ଇଣ୍ଟେରିୟର୍ ଡିଜାଇନରଙ୍କୁ ଗୌରୀ ଖାନ କିଛି ଟିପ୍‌ସ ଦେଇଛନ୍ତି। ସେମାନଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି- ନିଜର ଚିନ୍ତାଧାରା ଓ କାମକୁ ନେଇ ସଚ୍ଚୋଟ ରହିବା ଉଚିତ। ନୂଆ ଟ୍ରେଣ୍ଡ୍‌ସ ମଧ୍ୟରେ ନିଜକୁ ହଜାଇ ଦିଅନ୍ତୁ ନାହିଁ। ଖୁବ୍ ଭଲ ଡିଜାଇନ୍ ସବୁବେଳ ପାଇଁ ଚର୍ଚ୍ଚାରେ ରହେ ଓ ଏହା ସମୟ ସହିତ ଚାଲିଥାଏ। ନିଜର ବିଶେଷତା ହିଁ ନିଜର ସବୁଠାରୁ ବଡ଼ ଶକ୍ତି ବୋଲି ମନେରଖିବା ଉଚିତ।

# ଏକ ଦିବ୍ୟ ଯାତ୍ରା

**ଜନ୍ମତିଥି ଅବସରରେ**



ଜଣେ ସାମାନ୍ୟ ଓ ସାଧାରଣ ମନୁଷ୍ୟ ଭଳି ଜନ୍ମ ନେଇଥିବା ବ୍ୟକ୍ତି ନିଜର ମହାନ କାର୍ଯ୍ୟ ଦ୍ୱାରା ଜଣେ ଅବତାରୀ ପୁରୁଷ ହୋଇପାରନ୍ତି। ଚମତ୍କାରର ଶକ୍ତି କାହା ପାଖରେ ବି ଥାଉ ନା କାହିଁକି ସେହି କାର୍ଯ୍ୟର ସମ୍ପାଦନା କରିବା ସେତିକି ମହାନ କାର୍ଯ୍ୟ ହୋଇନଥାଏ ଯେତିକି ଜଣେ ଆକସ୍ମିକ ପରିସ୍ଥିତି ଓ ପ୍ରତିକୂଳତାଗୁଡ଼ିକ ସହିତ ଲଢ଼ି ଲୋକ-ହିତକର କାର୍ଯ୍ୟର ସମ୍ପାଦନା କରିଥାନ୍ତି। ଶ୍ରୀ ରାମକୃଷ୍ଣ ପରମହଂସ ଜଣେ ଏପରି ବ୍ୟକ୍ତି ଥିଲେ ଯିଏ ନିଜ କର୍ତ୍ତବ୍ୟର ମହାନତା ଦ୍ୱାରା ଅବତାର ପଦ ପ୍ରାପ୍ତ କରିଥିଲେ। ମାତ୍ର ଛଅ ବର୍ଷ ବୟସରେ ସେ ପ୍ରାପ୍ତ କରିସାରିଥିଲେ ଭଗବଦାନୁଭୂତି। ନିଃସନ୍ଦେହ କୌଣସି ବଡ଼ ଉପଲବ୍ଧିରେ ଭଗବତ୍ କୃପା ପ୍ରାପ୍ତ କରିବା ଏକ ଜନ୍ମ-ଜନ୍ମାନ୍ତରର ଶୃଙ୍ଖଳା ହୋଇପାରେ। ଜଗନ୍ମାତାଙ୍କ ଡ଼ାକର ଉତ୍ତରରେ ସେ ବଂଶପରମ୍ପରାଗତ ଗୃହକୁ ପରିତ୍ୟାଗ କରି ମାତ୍ର ୧୭ ବର୍ଷ ଆୟୁରେ କଲିକତାକୁ ଯାଇ ବଡ଼ ଭାଇଙ୍କ ପାଖରେ ରହିଲେ ଓ କିଛି ଦିନ ପରେ ଦକ୍ଷିଣେଶ୍ୱର ମନ୍ଦିରରେ ପୂଜାରୀ ଭାବରେ ନିଯୁକ୍ତ ହେଲେ। ସେଠାରେ ମା' ମହାକାଳୀଙ୍କ ଚରଣରେ ନିଜକୁ ଉତ୍ସର୍ଗ କରି ଭାବରେ ଏତେ ତନ୍ମୟ ରହିବାକୁ ଲାଗିଲେ ଯେ ଲୋକମାନେ ତାଙ୍କୁ ପାଗଳ ବୋଲି ଭାବିବାକୁ ଲାଗିଲେ। ଜଗଜ୍ଜନନୀଙ୍କ ଗହନ ଚିନ୍ତନରେ ସେ ମାନବ ଜୀବନର ପ୍ରତ୍ୟେକ ସଂସର୍ଗକୁ ପୂର୍ଣ୍ଣ ରୂପରେ ଭୁଲିଗଲେ। ଶେଷରେ ତାଙ୍କ ପ୍ରାର୍ଥନା ସ୍ୱୀକାର ହେଲା ଓ ଜଗନ୍ମାତାଙ୍କ ଦର୍ଶନ ପାଇ ସେ କୃତକାର୍ଯ୍ୟ ହେଲେ। କିନ୍ତୁ ଏହି ସଫଳତା ତାଙ୍କ ପାଇଁ କେବଳ ଏକ ସଂକେତ ମାତ୍ର ଥିଲା। ଶେଷରେ ସେ ଆଧ୍ୟାତ୍ମିକ ଚେତନାର ସେହି ଅବସ୍ଥାରେ ପହଞ୍ଚିଗଲେ ଯେଉଁଠାରେ ସେ ସଂସାରର ଧାର୍ମିକ ବିଶ୍ୱାସର ସମସ୍ତ ସ୍ୱରୂପଗୁଡ଼ିକୁ ପ୍ରେମ ଏବଂ ସହାନୁଭୂତି ଦୃଷ୍ଟିରେ ଦେଖିପାରୁଥିଲେ। ପବିତ୍ର ମାତା ନାମରେ ପ୍ରେମପୂର୍ବକ ବିଖ୍ୟାତ, ଶ୍ରୀ ରାମକୃଷ୍ଣଙ୍କ ଆଧ୍ୟାତ୍ମିକ ସଙ୍ଗିନୀ ଥିଲେ ମା' ସାରଦା ଦେବୀ। ଶ୍ରୀ ରାମକୃଷ୍ଣ ତାଙ୍କୁ ବ୍ରହ୍ମାଣ୍ଡର ଏକ ବିଶେଷ ସ୍ୱରୂପ ଭାବରେ ମାନି ୧୮୭୨ରେ ଫଳାହାରିଣୀ କାଳୀ ପୂଜା ରାତିରେ ବିଧିପୂର୍ବକ ଦିବ୍ୟମାତା ରୂପରେ ପୂଜା କରିଥିଲେ।

ଶ୍ରୀ ରାମକୃଷ୍ଣଙ୍କ ଜୀବନ ଥିଲା ଏକ ଦିବ୍ୟ ଯାତ୍ରା। ପରମ ସତ୍ୟର ଅନ୍ୱେଷଣରେ ଆତ୍ମାର ନିରନ୍ତର ପ୍ରୟାସର ସେ ଥିଲେ ଏକ ଜୀବନ୍ତ ଉଦାହରଣ। ଦକ୍ଷିଣେଶ୍ୱରରେ ଜଣେ ଯୁବ ପୂଜାରୀ ଭାବରେ ତାଙ୍କର ଭକ୍ତି ଏକ ପ୍ରଜ୍ୱଳିତ ଅଗ୍ନି ସମାନ ଥିଲା। ତାଙ୍କ ହୃଦୟରେ ଏହି ଜ୍ଞାନ ଥିଲା ଯେ ସବୁ ଧର୍ମର ସାର ଗୋଟିଏ। ଏଥିପାଇଁ ଆବଶ୍ୟକ କ୍ଷୁଧା, ସତ୍ୟର ଅନ୍ୱେଷଣ। ଜୀବନର ଅନ୍ତିମ ଦିନଗୁଡ଼ିକରେ ତାଙ୍କ ଶରୀର ଦୁର୍ବଳ ହୋଇଗଲା ଓ ଶାରୀରିକ ପୀଡ଼ା ବୃଦ୍ଧି ପାଇଥିଲେ ମଧ୍ୟ ସେ ଅବିଚଳିତ ରହୁଥିଲେ। ତାଙ୍କ ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ସ୍ରୋତ ଥିଲା କାରଣ ସେ ଈଶ୍ୱରଙ୍କ ପ୍ରେମ ଓ ସତ୍ୟର ସାକ୍ଷାତ ସ୍ୱରୂପ ଥିଲେ। ଏହି ଭୌତିକ ସଂସାରରୁ ତାଙ୍କର ପ୍ରସ୍ଥାନ ଏକ ଯୁଗର ଅନ୍ତ ନୁହେଁ, ଏକ ଦିବ୍ୟ ହୃଦୟର ଶାଶ୍ୱତ ଯାତ୍ରା ଥିଲା। ସଂସାରକୁ ତ୍ୟାଗ କରିବା ବା ଜୀବନରୁ ଦୂରକୁ ଚାଲିଯିବା ସଚ୍ଚା ଆଧ୍ୟାତ୍ମିକତା ନୁହେଁ, ଜୀବନ ମଝିରେ ରହି ଈଶ୍ୱରଙ୍କୁ ଅନୁସରଣ କରିବା ପାଇଁ ସେ ମାନବ ଜାତିକୁ ସନ୍ଦେଶ ଦେଇ ଯାଇଛନ୍ତି।

ଫ୍ୟାସନ୍

# ବାଘ୍ ପ୍ରିଣ୍ଟ୍‌ସ

**ଦେଶର ସାଂସ୍କୃତିକ ଐତିହ୍ୟଗୁଡ଼ିକର ଅଦ୍ଭୁତ କେନ୍ଦ୍ରସ୍ଥଳୀ ମଧ୍ୟପ୍ରଦେଶ। ଏହା କେବଳ ବିଶାଳ କିଲ୍ଲା ଓ ପ୍ରାଚୀନ ମନ୍ଦିରଗୁଡ଼ିକ ଠାରୁ କେତେ ଅଧିକ ପ୍ରସିଦ୍ଧ ଏହାର ଇତିହାସ ଓ ପ୍ରକୃତି ପାଇଁ, ସେଠିକାର ଅଗଣିତ କଳା ଓ କାହାଣୀଗୁଡ଼ିକ ପ୍ରତି ପର୍ଯ୍ୟଟକଙ୍କ ମନ ମୋହିନିଏ। ଏସବୁ ମଧ୍ୟରେ ମଧ୍ୟପ୍ରଦେଶକୁ ଯାହା ପୂରା ଦେଶଠାରୁ ଅଲଗା କରି ରଖିଛି ତାହା ହେଉଛି ବାଘ୍ ପ୍ରିଣ୍ଟ୍‌ସ। ବାଘ୍ ପ୍ରିଣ୍ଟ୍‌ର କାହାଣୀ ଆରମ୍ଭ ହୁଏ ଧାର୍ ଜିଲ୍ଲାର ଏକ ଛୋଟ ଗ୍ରାମ ବାଘରୁ ଯେଉଁଟି ଏକ ନଦୀ କୂଳରେ ଅବସ୍ଥିତ। ଏହି ନଦୀ ଦ୍ୱାରା ପ୍ରେରିତ ହୋଇ ଏହି ଗ୍ରାମର ନାମ ଓ ଏହାର କଳାକୁ ପରିଚୟ ମିଳିଛି।**



**ଇତିହାସ**-ବାଘ୍ କଳା ଆରମ୍ଭ ହୋଇଥିଲା ୪୦୦ ବର୍ଷ ପୂର୍ବରୁ ଯେତେବେଳେ ସିନ୍ଧ୍‌ର ଖତ୍ରୀ ସମୁଦାୟର ଲୋକମାନେ ଏହି ଗ୍ରାମରେ ଆସି ବସବାସ କରିଥିଲେ। ବାଘ୍ ପ୍ରିଣ୍ଟ୍‌ର ବିଶେଷତା ହେଉଛି ଏହାକୁ କାଠର କାରୁକାର୍ଯ୍ୟ ହୋଇଥିବା ବ୍ଲକ୍ସ ସାହାଯ୍ୟରେ ହାତରେ ଛପାଯାଏ ଓ ଏଥିରେ ପ୍ରଯୁକ୍ତ ରଙ୍ଗ ମଧ୍ୟ ପ୍ରାକୃତିକ ହୋଇଥାଏ। ଖାସ୍ କରି କଳା ଓ ଲାଲ୍ ରଙ୍ଗକୁ ଧଳା କପଡ଼ା ଉପରେ ଛପାଯାଏ। ଏହି ରଙ୍ଗଗୁଡ଼ିକର ରହିଛି ସାଂସ୍କୃତିକ ମହତ୍ତ୍ୱ ବିଶେଷ କରି ଧାର୍ ଜିଲ୍ଲାର ଜନଜାତିଙ୍କ ମଧ୍ୟରେ। ବାଘ୍ ପ୍ରିଣ୍ଟ ପ୍ରାକୃତିକ ରଙ୍ଗ ଓ ପାରମ୍ପରିକ ଡିଜାଇନ୍ ଦ୍ୱାରା ତିଆରି ହୁଏ ଯେଉଁଗୁଡ଼ିକ ସାଧାରଣତଃ ଫୁଲ, ପତ୍ର, ପଶୁ-ପକ୍ଷୀ ଓ ଐତିହାସିକ ସ୍ଥଳୀଗୁଡ଼ିକ ଦ୍ୱାରା ପ୍ରେରିତ ହୋଇଥାନ୍ତି। ଏଥିରେ ଗେଣ୍ଡୁ ଫୁଲ ଓ ନଡ଼ିଆ ଜାଲ ପରି ଡିଜାଇନ୍‌ଗୁଡ଼ିକ ଖୁବ୍ ଲୋକପ୍ରିୟ। ରଙ୍ଗଗୁଡ଼ିକୁ ତିଆରି କରିବା ପାଇଁ ଫଳ, ଫୁଲ ଓ ଲୁହା କଣ୍ଟାର ବ୍ୟବହାର କରାଯାଏ।

**ପର୍ଯ୍ୟାବରଣ ଉପରେ ଧ୍ୟାନ**-ବାଘ୍ ପ୍ରିଣ୍ଟ୍ କେବଳ ଏକ କଳା ନୁହେଁ, ଏକ ସଷ୍ଟେନେବଲ୍ ଫ୍ୟାସନ୍‌ର ଉଦାହରଣ। ଏଥିରେ ନା କୌଣସି ରସାୟନର ଆବଶ୍ୟକ ହୁଏ ନା କୌଣସି ମେସିନ୍‌ର। ଏହାର ପୂରା କାମ ହାତ ଦ୍ୱାରା କରାଯାଏ ଯାହା ପର୍ଯ୍ୟାବରଣ ଅନୁକୂଳ ହେବା ସହିତ କାରିଗରଙ୍କ ପାଇଁ ସମ୍ମାନଜନକ ଆଜୀବିକାର ସାଧନ ମଧ୍ୟ ହୋଇଥାଏ।

**ପର୍ଯ୍ୟଟକଙ୍କ ପାଇଁ-** ଯେଉଁ ପର୍ଯ୍ୟଟକମାନେ ମଧ୍ୟପ୍ରଦେଶକୁ ଭ୍ରମଣ କରିବା ପାଇଁ ଯାଆନ୍ତି ସେମାନେ ଏହି ବାଘ୍ ପ୍ରିଣ୍ଟ ସହିତ ପରିଚିତ ହେବା ବହୁତ ଜରୁରୀ। ୨୦୦୮ରେ ଏହି ପ୍ରିଣ୍ଟ୍‌କୁ ଜିଓଗ୍ରାଫିକାଲ୍ ଇଣ୍ଡିକେସନ୍ ବା ଜିଆଇ ଟ୍ୟାଗ୍ ମଧ୍ୟ ମିଳିଥିଲା। ଏହା ବାଘ୍ ପ୍ରିଣ୍ଟ୍‌ର ବିଶିଷ୍ଟତା ଓ ପରମ୍ପରାକୁ ମାନ୍ୟତା ଦେଇଥାଏ। ତେଣୁ ନିଜ ପାଇଁ କୌଣସି ଶାଢ଼ି, ଦୁପଟ୍ଟା, ଷ୍ଟୋଲ୍, ବେଡ୍‌ସିଟ୍ ବା କୁସନ୍ କଭର ନେବାକୁ ଯଦି ଚାହୁଁଥାନ୍ତି ବା କାହାକୁ ଖାସ୍ ଉପହାର ଦେବାକୁ ଚାହୁଁଥାନ୍ତି ସେମାନଙ୍କ ପାଇଁ ବାଘ୍ ପ୍ରିଣ୍ଟ୍ ଏକ ବିକଳ୍ପ ହୋଇପାରେ।

ବାଘ୍ ପ୍ରିଣ୍ଟ୍ କେବଳ ଏକ କପଡ଼ା ନୁହେଁ, ଏକ ସଂସ୍କୃତି ଯାହା ମଧ୍ୟପ୍ରଦେଶରୁ ବାହାରି ପୂରା ଦୁନିଆରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଥିରୁ ଜଣାପଡ଼େ ଯେ ପରମ୍ପରା ଓ ପ୍ରକୃତି ସହିତ ଜଡ଼ିତ ରହି ଫ୍ୟାସନ୍‌ରେ ଅନୋଖାପଣ ଅଣାଯାଇପାରିବ।

ଷଡ଼ରସ

# ତନ୍ଦୁରୀ ଛଣାଆଳୁ

ଢ଼ାବା ଖାଦ୍ୟ ଦେଖିଲେ ଆପଣଙ୍କୁ ମଧ୍ୟ ଖାଇବାକୁ ଇଚ୍ଛା ହୁଏ କି, ବିଶେଷ କରି ମସଲାଦାର ଓ ତନ୍ଦୁରୀ ଆଳୁ ଯାହା ବାହାରୁ କୁର୍‌କୁରା ହୋଇଥାଏ ଓ ଭିତରୁ ନରମ ହୋଇଥାଏ। ଆପଣ ଭାବୁଥିବେ ତନ୍ଦୁରୀ ଆଳୁ ତିଆରି କରିବା ପାଇଁ ବୋଧହୁଏ ତନ୍ଦୁରୀର ଆବଶ୍ୟକ ହେଉଥିବ କିନ୍ତୁ ସେପରି ନୁହେଁ। ଏହାକୁ ସାଧାରଣ କଡ଼େଇରେ ଢ଼ାବା ଷ୍ଟାଇଲ୍‌ରେ ତିଆରି କରିପାରିବେ।

**ଆବଶ୍ୟକ ସାମଗ୍ରୀ**-ଛୋଟ ଆକାରର ଆଳୁ-୧୦-୧୨ଟି, କଦ୍ଦୁକଷ ହୋଇଥିବା ପନିର୍-୧ କପ୍, ସିଝାଆଳୁ ଚକଟା-ଅଧା କପ୍, କଟାଯାଇଥିବା ପିଆଜ-୧ଟି, କଟା କଞ୍ଚା ଲଙ୍କା-୨ଟି, ଅଦା-ରସୁଣ ପେଷ୍ଟ-୨ ଚାମଚ, ଗରମ ମସଲା-ଅଧା ଚାମଚ, ଆମଚୂର ପାଉଡର୍-ଅଧା ଚାମଚ, ଲୁଣ-ସ୍ୱାଦାନୁସାରେ, ଛାଣିବା ପାଇଁ ତେଲ, ବହଳିଆ ଦହି-ଅଧା କପ୍, ବେସନ-୨ ଚାମଚ, ଲାଲ୍ ଲଙ୍କା ପାଉଡର୍, ଧଣିଆ ପାଉଡର୍, କସୁରୀ ମେଥି-୧ ଚାମଚ ଲେଖାଏଁ, ହଳଦୀ, ଜିରା ପାଉଡର୍, ଗରମ ମସଲା, ଚାଟ୍ ମସଲା-ଅଧା ଚାମଚ ଲେଖାଏଁ, ସୋରିଷ ତେଲ-୧ ଚାମଚ।



**ପ୍ରଣାଳୀ**-ପ୍ରଥମେ ଛୋଟ ଆଳୁଗୁଡ଼ିକୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ସିଝେଇଦେବେ। ଥଣ୍ଡା ହେଲେ ଏହାର ଚୋପା ଛଡ଼େଇ ମଝିରୁ ଚାମଚ ସାହାଯ୍ୟରେ କିଛି ଆଳୁ ବାହାର କରିଦିଅନ୍ତୁ ଯେପରି ଷ୍ଟଫିଙ୍ଗ୍ ପାଇଁ ସ୍ଥାନ ମିଳିବ। ଏବେ ଏକ ପାତ୍ରରେ ପନିର, ଆଳୁ ଚକଟା, ପିଆଜ, କଞ୍ଚା ଲଙ୍କା, ଅଦା-ରସୁଣ ପେଷ୍ଟ, ଗରମ ମସଲା ଓ ଲୁଣ ପକାଇ ମିଶେଇଦେବେ। ଏହି ମିଶ୍ରଣକୁ ଆଳୁ ଭିତରେ ଭଲ ଭାବରେ ଭରି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଦହି, ବେସନ, ଅଦା-ରସୁଣ ପେଷ୍ଟ ଓ ଅନ୍ୟ ମସଲାଗୁଣ୍ଡ, କସୁରୀ ମେଥି, ଗରମ ସୋରିଷ ତେଲ ଓ ଲୁଣ ପକାଇ ଫେଣ୍ଟିଦେବେ। ଏବେ ଭରିଥିବା ଆଳୁଗୁଡ଼ିକୁ ଏହି ମିଶ୍ରଣରେ ବୁଡ଼ାଇ ଚାରିଆଡୁ କୋଟ୍ କରିଦିଅନ୍ତୁ। ଏହାକୁ ୩୦ ମିନିଟ୍ ପାଇଁ ଫ୍ରିଜ୍‌ରେ ରଖିଦେବେ ଯେପରି ମସଲା ଆଳୁଗୁଡ଼ିକ ଭିତରକୁ ଚାଲିଯିବ। ଏକ କଡ଼େଇରେ ତେଲ ବା ଘିଅ ପକାଇ ଗରମ କରନ୍ତୁ। ଧିମା ଆଞ୍ଚରେ ମ୍ୟାରିନେଟ୍ କରାଯାଇଥିବା ଆଳୁଗୁଡ଼ିକର ଦୁଇ ପାର୍ଶ୍ୱକୁ ଭାଜିବେ। ସୁନେଲି ରଙ୍ଗର ହୋଇଗଲେ ତନ୍ଦୁରୀ ଆଳୁଗୁଡ଼ିକୁ ଏକ ପ୍ଲେଟ୍‌ରେ ବାହାର କରିଦିଅନ୍ତୁ। ଏହା ଉପରେ ଚାଟ୍ ମସଲା ଓ କଟାଯାଇଥିବା ଧଣିଆପତ୍ର ପକାଇ ପରଷି ଦିଅନ୍ତୁ। ଏହା ସହିତ ଚଟଣି ଓ କଟା ପିଆଜ ଦେବେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଆର୍ଥିକ ସ୍ତରରେ ଦିନଟି ଉତ୍ତମ। ନିକଟ ବନ୍ଧୁଙ୍କ ସାହାଯ୍ୟରେ କିଛି ବ୍ୟାପାରୀ ଧନ ଲାଭ କରିବେ। ସନ୍ଧ୍ୟା ସମୟରେ ଶୁଭ ସମାଚାର ପାଇବେ। ରଚନାତ୍ମକ କ୍ଷେତ୍ରର ଲୋକମାନେ ସଫଳତା ପ୍ରାପ୍ତ କରିବେ।

**ବୃଷ** - ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁ ନାହିଁ। ପ୍ରୋଜେକ୍ଟରୁ ସଫଳତା ପାଇବେ। ରୋମାଣ୍ଟିକ ଜୀବନ ଖୁବ୍ ରହିବ। ପରିବାରର ସଦସ୍ୟଙ୍କ ସହିତ ଖୁବ୍ ଭଲ ସମୟ ବିତେଇବେ। କଲିଗ୍ କାମକୁ ପ୍ରଶଂସା କରିବେ।

**ମିଥୁନ** - ଖାଦ୍ୟପେୟ ପ୍ରତି ଅବହେଳା କରନ୍ତୁ ନାହିଁ। କୌଣସି ପେଣ୍ଡିଂ ପେମେଣ୍ଟ କରିପାରନ୍ତି। ଆର୍ଥିକ ଲାଭ ଯୋଗୁ ଧନର ସ୍ଥିତିରେ ସୁଧାର ହେବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ।

**କର୍କଟ** - କରଜ ଶୁଝିବାରେ ସଫଳ ହେବେ। କାର୍ଯ୍ୟସ୍ଥଳରେ ନୂଆ ଭୂମିକା ଗ୍ରହଣ କରିବେ। ଉଚ୍ଚ ଅଧିକାରୀଙ୍କ ସହଯୋଗ ପାଇବେ। ପରିବାରକୁ ସମୟ ଦେବେ। ବାଣୀ ଉପରେ ସଂଯମ ରଖନ୍ତୁ।

**ସିଂହ** - ଗର୍ଭବତୀ ମହିଳାମାନେ ଖାସ୍ ଧ୍ୟାନ ଦେବେ। କାରୋବାରୀ ସ୍ଥିତି ମଜଭୁତ ରହିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବିବାହିତ ଲୋକମାନଙ୍କ ପ୍ରେମ ଜୀବନ ଶାନ୍‌ଦାର ରହିବ।

**କନ୍ୟା** - ମନ ଆଜି ପ୍ରସନ୍ନ ରହିବ। ଶୈକ୍ଷିକ କାମରେ ସଫଳତା ମିଳିବ। ସନ୍ତାନ ତରଫରୁ ସୁଖଦ ସମାଚାର ପାଇବେ। ମାତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଅତିବାଦୀ ନହେଲେ ଭଲ। ଆର୍ଥିକ ଲାଭ ହୋଇପାରେ।

**ତୁଳା** - ଶାରୀରିକ ଭାବରେ ଫିଟ୍ ରହିବା ପାଇଁ ବ୍ୟାୟାମ କରନ୍ତୁ। ନିବେଶର ଅବସର ପାଇବେ। ଧନର ସ୍ଥିତିରେ ସୁଧାର ହେବ। ନୂଆ ଗ୍ରାହକମାନଙ୍କ ପାଇଁ ଶାନ୍‌ଦାର ଦିନଟିଏ। ଯାତ୍ରା ଲାଭକାରୀ ରହିବ।

**ବିଛା** - ମନରେ ଶାନ୍ତି ଓ ପ୍ରସନ୍ନ ଭାବ ରହିବ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରରେ ସୁଖ-ଶାନ୍ତି ରହିବ। ସୁଖଦ ସମାଚାର ମିଳିପାରେ। ଆୟ ବୃଦ୍ଧି ହେବ। ଭୂମି, ବାହନ କିଣିବା ସମ୍ଭବ।

**ଧନୁ** - ଆଜି ମଉଜ-ମସ୍ତି କରିବେ। ଧନ ଲାଭର ସମ୍ଭାବନା ରହିଛି। ବ୍ୟାପାରୀ ବ୍ୟବସାୟର ବିସ୍ତାର କରିପାରନ୍ତି। ଜୀବନସାଥି ଆବଶ୍ୟକତା ପୂରଣ କରିବେ। ପରିବାର ସହିତ ଧାର୍ମିକ ଯାତ୍ରା ସମ୍ଭବ।

**ମକର** - ଆତ୍ମବିଶ୍ୱାସରେ ବୃଦ୍ଧି ହେବ। ଅଧିକ ବ୍ୟୟ ହେବା ଯୋଗୁ ମନ ଚିନ୍ତିତ ରହିବ। ମାତାଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ। କୌଣସି ମିତ୍ରଙ୍କ ସହଯୋଗରେ ପରିବର୍ତ୍ତନ ଆସିବ। ଯାତ୍ରାରୁ ଲାଭ ମିଳିପାରେ।

**କୁମ୍ଭ** - ଆଜି ପ୍ରେମ ଓ ସନ୍ତାନରୁ ଲାଭ ମିଳିବ। ଜୀବନସାଥିଙ୍କ ସହଯୋଗ ପାଇବେ। କାମରେ ସିନିୟର୍ସଙ୍କ ସହଯୋଗ ମିଳିବ। ନୂଆ କାମର ଆରମ୍ଭ ସମ୍ଭବ। ସମ୍ପର୍କୀୟଙ୍କ କାରଣରୁ ମାନସିକ ଚାପ ମିଳିପାରେ।

**ମୀନ** - ଜୀବନସାଥିଙ୍କ ସହିତ ଯୁକ୍ତିତର୍କ ନକଲେ ଭଲ। ସମ୍ପର୍କରେ ଫାଟ ସୃଷ୍ଟି ହେବ। ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟିକ ଦୃଷ୍ଟିରୁ ଦିନଟି ଉତ୍ତମ।

## କିଡ୍‌ନୀ ରୋଗରେ ଘରର ରୋଜଗାରିଆ ପୁଅ

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ



**ସୋର,୧୮।୨/ଏନ୍‌ଏନ୍‌ଏସ୍:** କିଡ୍‌ନୀ ରୋଗରେ ପୀଡ଼ିତ ପରିବାରର ବଡ଼ ପୁଅ। ପୁଅକୁ ସୁସ୍ଥ କରିବା ପାଇଁ ସବୁକିଛି ହରାଇବା ପରେ ଏବେ ସାହାଯ୍ୟ ପାଇଁ ଆକୁଳ ନିବେଦନ କରୁଛନ୍ତି ପରିବାର ଲୋକେ। ପୁଅର କଷ୍ଟ ସହି ନପାରି ଶେଷରେ ନିଜର କିଡ୍‌ନୀ ଦେବା ପାଇଁ ଆଗକୁ ଆସିଛନ୍ତି ଜଣେ ମାଆ। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ପାଗଡ଼ାଶୋଳ ଗ୍ରାମରେ। ଗ୍ରାମର ପ୍ରଭାକର ପ୍ରଧାନଙ୍କ ପୁଅ ଜିତେନ୍ଦ୍ର ପ୍ରଧାନ ଆଜକୁ ପ୍ରାୟ ୫ ବର୍ଷ ହେବ କିଡ୍‌ନୀ ରୋଗରେ ପୀଡ଼ିତ ଅଛନ୍ତି। ଏବେ ତାଙ୍କର ନିୟମିତ ଡାଇଲେସିସ୍ ଚାଲିଥିବା ବେଳେ ଡାକ୍ତର କିଡ୍‌ନୀ ପ୍ରତିରୋପଣ ପାଇଁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରାୟ ୧୫ ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ। ଜିତେନ୍ଦ୍ରଙ୍କ ବାପା ଜଣେ ଦିନ ମଜୁରିଆ ହୋଇଥିବା ବେଳେ ଏତେ ବଡ଼ ଅର୍ଥରାଶି ଯୋଗାଡ଼ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ପୂର୍ବରୁ ଚିକିତ୍ସା ଖର୍ଚ୍ଚ ତୁଲାଇବା ପାଇଁ ପରିବାର ଲୋକେ ନିଜର ସମ୍ବଳ ଓ ସମ୍ପତ୍ତି ବିକ୍ରି କରି ସାରିଛନ୍ତି। ଜିତେନ୍ଦ୍ର ପରିବାରର ମୁଖ୍ୟ ରୋଜଗାରିଆ ବ୍ୟକ୍ତି ଥିଲେ, ମାତ୍ର ଏବେ ସେ ଶଯ୍ୟାଶାୟୀ। ସରକାରୀ ସହାୟତା କିମ୍ବା କୌଣସି ସହୃଦୟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ସଂଗଠନ ଆଗକୁ ଆସିଲେ ଜଣେ ଯୁବକଙ୍କ ଜୀବନ ବଞ୍ଚିପାରନ୍ତା ବୋଲି ସମାଜସେବୀ ମାନସ ଜେନା ଓ ପରିବାର ଲୋକେ ନିବେଦନ କରିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚାହୁଁଛନ୍ତି, ତେବେ ୭୮୯୪୫୫୧୧୪୨ ନମ୍ବରରେ ଯୋଗାଯୋଗ କରିପାରିବେ। ଆପଣଙ୍କର ସାମାନ୍ୟ ସହାୟତା ଏକ ପରିବାରର ହସ ଫେରାଇ ଆଣିପାରିବ।

## ଦୁର୍ଘଟଣାରେ ଗର୍ଭବତୀଙ୍କ ମୃତ୍ୟୁ, ସ୍ୱାମୀ ଗୁରୁତର

**ଯୋଡ଼ା,୧୮।୨/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସହି ସ୍ଥିତ ଭୁଶୁଙ୍ଗା ନିକଟରେ ବୁଧବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଟ୍ରକ ଧକ୍କାରେ ଜଣେ ଗର୍ଭବତୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ଚମ୍ପୁଆ ବ୍ଲକ ଭଣ୍ଡା ଅଞ୍ଚଳର ମଧୁସ୍ମିତା ମହାନ୍ତ। ସୂଚନା ଅନୁଯାୟୀ, ମଧୁସ୍ମିତା ଓ ତାଙ୍କ ସ୍ୱାମୀ ମନୋରଞ୍ଜନ ମହାନ୍ତ ନିୟମିତ ଗର୍ଭକାଳୀନ ଚିକିତ୍ସା ପାଇଁ ଯୋଡ଼ା ଡାକ୍ତରଖାନାକୁ ଯାଇଥିଲେ। ସେଠାରୁ ପରୀକ୍ଷା ସାରି ମୋଟରସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଭଦ୍ରାସାହି ନିକଟରେ ଏକ ଦ୍ରୁତଗାମୀ ଅଜଣା ବାହନ ସେମାନଙ୍କୁ ପଛପଟୁ ଜୋରଦାର ଧକ୍କା ଦେଇଥିଲା। ଧକ୍କା ଏତେ ପ୍ରବଳ ଥିଲା ଯେ ଉଭୟ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ମଧୁସ୍ମିତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବଡ଼ବିଲ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ମନୋରଞ୍ଜନଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ବାହନଟି ଫେରାର ଥିବା ବେଳେ ପୁଲିସ ନିକଟସ୍ଥ ସିସିଟିଭି ଫୁଟେଜ ଯାଞ୍ଚ କରି ଚାଳକଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ସଡ଼କରେ ଭାରି ଖଣିଜ ବାହନର ଅତ୍ୟଧିକ ଚଳାଚଳ ଓ ଦ୍ରୁତଗତି ଦୁର୍ଘଟଣାର ମୂଳ କାରଣ ସାଜିଛି। ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା ବ୍ୟବସ୍ଥା କଠୋର କରିବା ସହ ଗତି ନିୟନ୍ତ୍ରଣ ଓ ପୁଲିସ ପ୍ରହରା ବୃଦ୍ଧି ପାଇଁ ଦାବି ହୋଇଛି। ଏହି ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସୁନା ଦୋକାନରୁ ଚୋରି ବେଳେ ଧରାପଡ଼ିଲା ଚୋର

**ସୋର,୧୮।୨/ଏନ୍‌ଏନ୍‌ଏସ୍:** ସୋର ଥାନା ଅଡ଼ା ବଜାରରେ ଜଣେ ସୁନା ଦୋକାନୀଙ୍କ ସତର୍କତା ଯୋଗୁଁ ଚୋରି କରି ଖସି ପଳାଉଥିବା ଚୋର ଧରାପଡ଼ିଛି। ଧରାପଡ଼ିଥିବା ଚୋର ଜଣକ ହେଉଛନ୍ତି ସିମୁଳିଆ ଥାନା ବାଘୁଆ ଗ୍ରାମର ସନ୍ତୋଷ ବେହେରା। ସୂଚନା ଅନୁଯାୟୀ, ସନ୍ତୋଷ ଆଜି ଏକ ନକଲି ସୁନା ଚେନ୍ ଧରି ଅଡ଼ା ବଜାରର ଏକ ସୁନା ଦୋକାନକୁ ଆସିଥିଲେ। ସେ ଦୋକାନୀଙ୍କୁ ଅସଲି ସୁନା ଚେନ୍ ଦେଖାଇବାକୁ କହିଥିଲେ। ଦୋକାନୀ ଚେନ୍ ଦେଖାଉଥିବା ବେଳେ ଚୋର ଜଣକ ବେଶ୍ ଚତୁରତାର ସହ ନିଜ ପାଖରେ ଥିବା ନକଲି ଚେନ୍‌କୁ ଦୋକାନୀଙ୍କୁ ଫେରାଇ ଦେଇଥିଲେ ଏବଂ ଅସଲି ସୁନା ଚେନ୍‌କୁ ନିଜ ପକେଟରେ ପୁରାଇ ଦେଇଥିଲେ। ଦୋକାନୀଙ୍କର ସନ୍ଦେହ ହେବାରୁ ସେ ତୁରନ୍ତ ଉକ୍ତ ଚେନ୍‌ଟିକୁ ଓଜନ କରିଥିଲେ। ଓଜନରେ ତାରତମ୍ୟ ଥିବା ସହ ଚେନ୍‌ଟି ନକଲି ବୋଲି ଜାଣିବା ପରେ ସେ ଚୋର ପଛରେ ଗୋଡ଼ାଇଥିଲେ। ରାସ୍ତାରେ ଯାଉଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଚୋରକୁ କାବୁ କରାଯାଇଥିଲା। ପଚରାଉଚରା ପରେ ତାଙ୍କ ପକେଟରୁ ଅସଲି ସୁନା ଚେନ୍ ମିଳିଥିଲା। ଏହି ସମସ୍ତ ଚୋରିର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ପରେ ଉତ୍ତ୍ୟକ୍ତ ଲୋକେ ଚୋରକୁ ଧରି ପୁଲିସ ଜିମା ଦେଇଛନ୍ତି। ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଭଞ୍ଜସେନା ଠିକାଦାର ଶାଖା ଗଠିତ



**ବାରିପଦା,୧୮।୨/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲାର ଚାରିଟି ଉପଖଣ୍ଡର ସବୁ ବର୍ଗର ଠିକାଦାରମାନଙ୍କୁ ନେଇ ଭଞ୍ଜସେନା ଠିକାଦାର ଶାଖା ଗଠିତ ହୋଇଯାଇଛି। ସଂଗଠନର ଆହ୍ୱାନ କ୍ରମେ ଆଜି ବାରିପଦା ଷ୍ଟେସନ ବଜାରସ୍ଥିତ ଏକ ବିବାହ ମଣ୍ଡପଠାରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଏକ ଜିଲ୍ଲାସ୍ତରୀୟ ସଂଯୋଜନା କମିଟି ଗଠନ କରାଯିବା ସହ ସବୁ ଅଞ୍ଚଳରୁ ସଦସ୍ୟ ଚୟନ କରାଯାଇଛି। କମିଟିର ସଦସ୍ୟ ଭାବେ ଶୁଭେନ୍ଦୁ ସାହୁ, ମୀନକେତନ ବେହେରା, ଟୁଟୁ ଗିରି, ପ୍ରଭାସ ମହାନ୍ତ, ସପନ ପଣ୍ଡା, ସୁଜିତ ପ୍ରଧାନ, କିଶୋର ପଲେଇ, ଦିବ୍ୟକାନ୍ତ ଖୁଣ୍ଟିଆ, ଶ୍ରବଣ ଗୋପ, କପିଳ ଖଣ୍ଡେଲୱାଲ, ଅଞ୍ଜନ ବରାଳ, ଦାକ୍ଷିଣା ମହାନ୍ତ, କୁମୁଦ ମିଶ୍ର, ଶମ୍ଭୁନାଥ ମହାକୁଡ, ରାକେଶ ମହାନ୍ତି, ଯୋଗେଶ୍ୱର ପାଲବାବୁ, ଦୀପକ ସୁର, ଦଇପାନ ବେହେରା, ବନ୍ଟୁ ମହାନ୍ତି, ଏସ. କେ. ରାଜାଖାନ, ଯାଦବ ସେଠୀ ଓ ଜୟନ୍ତ କୁମାର ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଗଠନର ଅତିରିକ୍ତ ଅଧ୍ୟକ୍ଷ ଅଞ୍ଜନ ବରାଳ, ଉପାଧ୍ୟକ୍ଷ ଦାକ୍ଷିଣା ମହାନ୍ତ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଆବାହକ ରାକେଶ ବେହେରା ଓ ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଇଂ ରମଜାନ ବେଗ, ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସ. କେ. ରାଜାଖାନ, ପାଞ୍ଚପୀଢ଼ ଉପଖଣ୍ଡ ସଭାପତି ମାଇକେଲ ମହାନ୍ତ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ସାଫଲ୍ୟ ମିଶ୍ର ଏବଂ ଅଭିଷେକ ମହାପାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଠିକାଦାରମାନଙ୍କ ସମସ୍ୟା ଓ ଜିଲ୍ଲାର ବିକାଶମୂଳକ କାର୍ଯ୍ୟରେ ସଂଗଠନର ଭୂମିକାକୁ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

## 'ନିଶା ନିବାରଣ ଓ ସୁସ୍ଥ ସମାଜ' ପାଇଁ ସଚେତନତା ରାଲି



**ବୈଶିଙ୍ଗା,୧୮।୨/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ୍) ୟୁନିଟ୍ ପକ୍ଷରୁ ମଙ୍ଗଳବାର 'ନିଶା ନିବାରଣ ଓ ସୁସ୍ଥ ସମାଜ' ଶୀର୍ଷକ ଏକ ବ୍ୟାପକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଅବଗତ କରାଇ ଏକ ସୁସ୍ଥ ଓ ସଂସ୍କାରିତ ସମାଜ ଗଢ଼ିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା।

ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତ ଏହି ରାଲିକୁ ଶୁଭାରମ୍ଭ କରିଥିଲେ। ସେ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ନିଶା ସମାଜ ପାଇଁ ଏକ ଘାତକ ବ୍ୟାଧି। ଏହା ଯୁବଶକ୍ତିକୁ ଦୁର୍ବଳ କରିବା ସହ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରିଦେଇଥାଏ। ମନୋବିଜ୍ଞାନ ବିଭାଗର ମୁଖ୍ୟ କଳ୍ପଲତା ବେହେରା ନିଶାର ମାନସିକ ଓ ସାମାଜିକ କୁପ୍ରଭାବ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରି ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ପରାମର୍ଶ ଦେଇଥିଲେ। ଏନଏସଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଭିଜିତ ମହାନ୍ତିଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବକମାନେ ନିଶା ବିରୋଧୀ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। 'ନିଶା ଛାଡ଼, ଜୀବନ ଗଢ଼' ଏବଂ 'ମଦ ଓ ମାଦକ ଦ୍ରବ୍ୟକୁ ନା କୁହନ୍ତୁ' ଭଳି ସ୍ଲୋଗାନ ଦେଇ ସ୍ୱେଚ୍ଛାସେବକମାନେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ୟୁଥ୍ ରେଡକ୍ରସ୍ କାଉନସେଲର୍ ରାଜନ କୁମାର ମିଶ୍ର ଉପସ୍ଥିତ ରହି ଯୁବପିଢ଼ିଙ୍କୁ ସଂଯମୀ ଓ ନିଶାମୁକ୍ତ ଜୀବନ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ରାଲି ସ୍ଥାନୀୟ ଅଞ୍ଚଳରେ ନିଶା ବିରୋଧୀ ସନ୍ଦେଶ ପ୍ରସାରିତ କରିବାରେ ବେଶ୍ ସହାୟକ ହୋଇଛି।

## ବ୍ରହ୍ମ ମନ୍ଦିର ପରିଚାଳନା କମିଟିର ବୈଠକ

# ରଞ୍ଜନ ବାନାର୍ଜୀ ନୂତନ ସଭାପତି



**ବାରିପଦା,୧୮।୨/ଏନ୍‌ଏନ୍‌ଏସ୍:** ବାରିପଦା ଲାଲବଜାର ସ୍ଥିତ ବ୍ରହ୍ମ ମନ୍ଦିର ପରିସରରେ ବାର୍ଷିକ ସାଧାରଣ ପରିଷଦ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଟ୍ରଷ୍ଟି ରଞ୍ଜନ ବାନାର୍ଜୀ, ଚନ୍ଦନ ବାନାର୍ଜୀ ଓ ସୁନନ୍ଦନ ଭଞ୍ଜଦେଓଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଗତ ଡିସେମ୍ବର ମାସରେ ମନ୍ଦିରର ଶତ ବାର୍ଷିକୀ ପାଳନର ସଫଳତା ଏବଂ ଆୟ-ବ୍ୟୟ ଅଟକଳ ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ଡଃ ବିଜୟ କୁମାର ଅଗ୍ରୱାଲାଙ୍କ ଦ୍ୱାରା ଏକ ପାଠାଗାର (ଲାଇବ୍ରେରୀ) ଉଦଘାଟିତ ହୋଇଛି। ସେ ଏହି ପାଠାଗାରକୁ ଶିମିଳିପାଳ ଉପରେ ଆଧାରିତ ଏକ ପୁସ୍ତକ ମଧ୍ୟ ପ୍ରଦାନ କରିଛନ୍ତି। ଆସନ୍ତା ୨୦୨୮ ମସିହାରେ ବ୍ରହ୍ମ ସମାଜର ୨ ଶହ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହେବାକୁ ଥିବା ବେଳେ ଏହା ପୂର୍ବରୁ ସର୍ବସମ୍ମତି କ୍ରମେ ଏକ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ନୂତନ କମିଟିର ସଭାପତି ଭାବେ ରଞ୍ଜନ ବାନାର୍ଜୀ, କାର୍ଯ୍ୟକାରୀ ସଭାପତି କୃଷ୍ଣାନନ୍ଦ ମହାନ୍ତି, ଉପ-ସଭାପତି ପୂର୍ଣ୍ଣେନ୍ଦୁ କୁମାର ଦାସ, ସମ୍ପାଦକ ସୁନନ୍ଦନ ଭଞ୍ଜଦେଓ ଏବଂ ଯୁଗ୍ମ ସମ୍ପାଦକ ଭାବେ ବିଭୁଦତ୍ତ ଦାସ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ଗଣେଶ ଚନ୍ଦ୍ର ଦାସ, ଆଶିଷ କୁମାର ବସା, ତିମିର କୁମାର ଘୋଷ, ମୌସୁମୀ ବାନାର୍ଜୀ, ଶୁକ୍ଲା ବାନାର୍ଜୀ, ରିଙ୍କୁ ବାନାର୍ଜୀ, ସୁଶାନ୍ତ କୁମାର ଦାସ, କୌଶିକ ମୁଖାର୍ଜୀ ଓ ଅମିତାଭ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ସୋମନାଥ ସିଂହ ମୁଖ୍ୟ ଗଣମାଧ୍ୟମ ସଂଯୋଜକ ଏବଂ ସତ୍ୟବ୍ରତ ମହାନ୍ତି ଆଇନ ପରାମର୍ଶଦାତା ଭାବେ ରହିବେ। ଉପଦେଷ୍ଟା ମଣ୍ଡଳୀରେ ଡଃ ମୋହିତ କୁମାର ଷଡ଼ଙ୍ଗୀ, ଡଃ ବିଜୟ କୁମାର ଅଗ୍ରୱାଲା, ଡଃ ଅମିତାଭ ନନ୍ଦି, ପ୍ରଫେସର କିଶୋର ଚନ୍ଦ୍ର ବସା ଓ ଇଞ୍ଜିନିୟର ମାନସ ରଞ୍ଜନ ଷଡ଼ଙ୍ଗୀ ମନୋନୀତ ହୋଇଛନ୍ତି।

## ଗୋଶାଳା କପ୍ ଦିବାରାତ୍ର କ୍ରିକେଟ୍

# ମୟୂରଭଞ୍ଜ ରୟାଲ୍‌ସ ଓ ପ୍ଲେ ବ୍ୟାକ୍ ଚ୍ୟାଲେଞ୍ଜର ବିଜୟୀ




**ବାରିପଦା,୧୮।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆଠାରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସ୍ତରୀୟ ଗୋଶାଳା କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ପ୍ରଥମ ମ୍ୟାଚରେ ମୟୂରଭଞ୍ଜ ରୟାଲ୍‌ସ ୮ ୱିକେଟରେ ରୁଦ୍ରାକ୍ଷ ଦଳକୁ ପରାସ୍ତ କରିଛି। ରୁଦ୍ରାକ୍ଷ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୯ ୱିକେଟ ହରାଇ ୧୨୧ ରନ ସଂଗ୍ରହ କରିଥିଲା। ଜବାବରେ ମୟୂରଭଞ୍ଜ ରୟାଲ୍‌ସ ୧୦.୧ ଓଭରରେ ମାତ୍ର ୨ ୱିକେଟ ହରାଇ ୧୨୩ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ କମଲପ୍ରୀତ ସିଂହ ସର୍ବାଧିକ ୫୭ ରନ କରିଥିବା ବେଳେ ରୁଦ୍ରାକ୍ଷ ଦଳର ମନୁ ରାମ ୪୭ ରନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ପ୍ଲେ ବ୍ୟାକ୍ ଚ୍ୟାଲେଞ୍ଜର ୭ ୱିକେଟରେ ଏଞ୍ଜେଲ ରଣା ଦଳକୁ ପରାସ୍ତ କରିଛି। ଏଞ୍ଜେଲ ରଣା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ହରାଇ ୧୩୫ ରନ କରିଥିବା ବେଳେ ପ୍ଲେ ବ୍ୟାକ୍ ଚ୍ୟାଲେଞ୍ଜର ୧୦.୫ ଓଭରରେ ୩ ୱିକେଟ ହରାଇ ୧୩୯ ରନ ସହ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଆଦିତ୍ୟ ବସା ସର୍ବାଧିକ ୪୫ ରନ ସଂଗ୍ରହ କରିଥିଲେ। ଅନ୍ୟପଟେ ପୂର୍ବ ଦିନର ତୃତୀୟ ମ୍ୟାଚରେ ଦାନୀ ଏକାଦଶ ୨୨ ରନରେ ରୁଦ୍ରାକ୍ଷ ଦଳକୁ ଏବଂ ଚତୁର୍ଥ ମ୍ୟାଚରେ ବଜରଙ୍ଗୀ ଦି ସେଭିୟର୍ସ ୪ ୱିକେଟରେ ଏଞ୍ଜେଲ ରଣାକୁ ପରାସ୍ତ କରିଥିଲା। ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବା ବେଳେ କରନ ଖାନ ସ୍କୋରିଂ ଏବଂ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ଭାବେ ୨୩ ନଂ ୱାର୍ଡ କାଉନସିଲର ଅନନ୍ତ କୁମାର ଦାସ, ସତ୍ୟ ରଞ୍ଜନ ମହାନ୍ତି ଏବଂ ବରିଷ୍ଠ ସଦସ୍ୟ ବରୁଣ ଘୋଷ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର ଓ କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଧାମନଗରରେ ୧୭ କେନ୍ଦ୍ର, ମାଟ୍ରିକ୍ ପରୀକ୍ଷା ଦେବେ ୩୦୩୨ ପରୀକ୍ଷାର୍ଥୀ

**ଧାମନଗର,୧୮।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି। ଏଥିପାଇଁ ଧାମନଗର ବ୍ଲକରେ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରର ତାଲିକା ସ୍ପଷ୍ଟ କରାଯାଇଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ଧାମନଗର ବ୍ଲକର ମୋଟ ୧୭ଟି ପରୀକ୍ଷା କେନ୍ଦ୍ରରେ ୩୦୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।

ପରୀକ୍ଷା କେନ୍ଦ୍ରଗୁଡ଼ିକର ବିବରଣୀ ଅନୁଯାୟୀ, ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ବାଧିକ ୨୦୦ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ବାପୁଜୀ ହାଇସ୍କୁଲ ମହାତବନଗରରେ ୨୬୬, ସହିଦ ନଗର ହାଇସ୍କୁଲରେ ୨୪୦ ଏବଂ ଗୋପବନ୍ଧୁ ନଗର ହାଇସ୍କୁଲ ହସନାବାଦରେ ୨୩୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଛି। ସେହିଭଳି କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୬, ସେଣ୍ଡପୁର ହାଇସ୍କୁଲରେ ୧୮୯, ଅସୁରାଳି ହାଇସ୍କୁଲରେ ୧୮୨, ଇନ୍ଦ୍ରମଣି ହାଇସ୍କୁଲ ବିଶିଗଡ଼ିଆରେ ୧୮୦ ଏବଂ ଏସଏଜେ ହାଇସ୍କୁଲ ଦୋବଲରେ ୧୭୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଅନ୍ୟାନ୍ୟ କେନ୍ଦ୍ର ମଧ୍ୟରେ ନଦୀଗାଁ ହାଇସ୍କୁଲରେ ୧୬୪, ଇନ୍ଦ୍ର ଗୋବିନ୍ଦ ହାଇସ୍କୁଲରେ ୧୬୦, ମୁରଲୀଧର ହାଇସ୍କୁଲ ଧୂଷୁରୀରେ ୧୫୯, ପିବି ହାଇସ୍କୁଲ ଭଗବାନପୁରରେ ୧୫୬, ଧୂଷୁରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୫, ଜାହାଙ୍ଗିର ସ୍ଥିତ ଜନତା ଉଚ୍ଚ ବିଦ୍ୟାପୀଠରେ ୧୩୫, ଖଡ଼ିପଦା ହାଇସ୍କୁଲରେ ୧୨୬ ଏବଂ ବନ୍ଧଟିଆ ସ୍ଥିତ ଉତ୍କଳମଣି ଉଚ୍ଚ ବିଦ୍ୟାପୀଠରେ ୧୧୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସମସ୍ତ କେନ୍ଦ୍ରରେ ସୁରୁଖୁରୁରେ ପରୀକ୍ଷା ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଛି।



## ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଘାଟିତ



**ତିହିଡ଼ି,୧୮।୨/ଏନ୍‌ଏନ୍‌ଏସ୍:** ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରତାପଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ସ୍ୱପ୍ନ ବାସଭଦତ୍ତା ସୂତାର, ମୁଖ୍ୟବକ୍ତା ଭାବେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ଼. ବଂଶୀଧର ବେହେରା, ସମ୍ମାନିତ ଅତିଥି ଭାବେ ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ ଦେବେନ୍ଦ୍ର କୁମାର ଉଦ୍‌ଗାତା, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ନାରାୟଣ ଚନ୍ଦ୍ର ପୃଷ୍ଟି, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏନ୍‌ଏସ୍‌ଏସ୍ ଭଦ୍ରକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କମଳା କାନ୍ତ ଓଝା, ମେଣ୍ଟର ଅଧ୍ୟାପିକା ସଂଘମିତ୍ରା ବେହେରା, ତାନୁଜରାଣି ପଣ୍ଡା, ରଜନୀଗନ୍ଧା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ପରେ ପ୍ରଶିକ୍ଷିକା ଭାର୍ଗବୀ କହାଳୀଆ ଏବଂ ଶ୍ରାବଣୀ ବାରିକ୍ ୨୨୨ ଜଣ ବାଳିକାଙ୍କୁ ଆତ୍ମରକ୍ଷା କୌଶଳ ତାଲିମ୍ ପ୍ରଦାନ କରିଥିଲେ। ଏହି ଶିବିର ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

**ବାଲେଶ୍ୱର,୧୮।୨/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନ ୧୧ଟାରେ ବାଲେଶ୍ୱରର ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଡାକ୍ତର ପ୍ରଭାତ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଶୁଭାରମ୍ଭ କରିଥିଲେ। ନିର୍ଲିତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ, ମ୍ୟୁନିସିପାଲଟି, ଡାକ୍ତର ପ୍ରଦୀପ କୁମାର କର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସୂର୍ଯ୍ୟପ୍ରକାଶ ରାଉତରାୟ, ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବୋନ ନିୟନ୍ତ୍ରଣ ପ୍ରୋଗ୍ରାମ୍), ଚକ୍ରଧର ଜେନା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ନୀଲେଶ କୁମାର ପଟ୍ଟନାୟକ, ଜିତେନ୍ଦ୍ର କୁମାର ବିଶ୍ୱାଳ, ସୂର୍ଯ୍ୟଜିତ ରାୟ, ଶାଶ୍ୱତୀ ମହାପାତ୍ର ଉପସ୍ଥିତ ଥିଲେ।



ଏହି ସମ୍ମିଳନୀରେ ଜିଲ୍ଲା ର ସମସ୍ତ ସହରାଞ୍ଚଳ ଆଶା ଓ ମହିଳା ଆରୋଗ୍ୟ ସମିତିର ସଦସ୍ୟବୃନ୍ଦ ଉପସ୍ଥିତ ରହିଥିଲେ। 'ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା' ବିଷୟରେ ଆଲୋଚନା କରାଯାଇଥିଲା। ଆଶା ଓ ମହିଳା ଆରୋଗ୍ୟ ସମିତିର ଉତ୍ତମ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ମାନସ କୁମାର ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ଏହି ମଞ୍ଚରେ ଶ୍ରେଷ୍ଠ ଆଶା ଓ ମହିଳା ଆରୋଗ୍ୟ ସମିତିଗୁଡ଼ିକୁ ପୁରସ୍କୃତ ହୋଇଛନ୍ତି। ପ୍ରତ୍ୟେକ ଶ୍ରେଷ୍ଠ ଆଶାକର୍ମୀଙ୍କୁ ୩୦୦୦ ଟଙ୍କା ଏବଂ ପ୍ରତେକ ମହିଳା ଆରୋଗ୍ୟ ସମିତିକୁ ୩୦୦୦ ଟଙ୍କା ଲେଖାଏଁ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପ୍ରଦାନ କରାଯିବ। ଶେଷରେ ମହିଳା ଆରୋଗ୍ୟ ସମିତିର ସଦସ୍ୟାମାନେ 'କନ୍ୟା ଭ୍ରୁଣ ହତ୍ୟା' ଉପରେ ଏକ ସଚେତନତା ନାଟକ ପରିବେଷଣ କରିଥିଲେ।

# ସାଉଥ୍ ଆଫ୍ରିକାର ଲଗାତାର ଚତୁର୍ଥ ବିଜୟ



**ନୂଆଦିଲ୍ଲୀ,୧୮।୨/ଏଜେନ୍ସି:** ସାଉଥ୍ ଆଫ୍ରିକା ଚଳିତ ଟି-୨୦ ବିଶ୍ୱକପ୍‌ର ୩୪ତମ ମ୍ୟାଚ୍‌ରେ ସଂଯୁକ୍ତ ଆରବ ଏମିରେଟସ୍ (ୟୁଏଇ)କୁ ୬ ୱିକେଟ୍‌ରେ ହରାଇ ଦେଇଛି। ଏହା ସହିତ ପ୍ରୋଟିଆଜ୍ ଟିମ୍ ଟୁର୍ଣ୍ଣାମେଣ୍ଟରେ ଲଗାତାର ଚତୁର୍ଥ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ୟୁଏଇର ଏହା ତୃତୀୟ ପରାଜୟ। ସାଉଥ୍ ଆଫ୍ରିକା ପୂର୍ବରୁ ସୁପର୍-୮ରେ ପ୍ରବେଶ କରିସାରିଥିବା ବେଳେ ୟୁଏଇ ବାହାର ହୋଇସାରିଛି। ଉଭୟ ଟିମ୍‌ର ଏହା ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଥିଲା।

**ୟୁଏଇକୁ ୬ ୱିକେଟ୍‌ରେ ହରାଇଲା**

**ବ୍ରେଭିସ୍‌ଙ୍କ ୩୬ ରନ୍, କର୍ବିନ୍ ବଶ୍‌ଙ୍କୁ ୩ ୱିକେଟ୍**

ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ସାଉଥ୍ ଆଫ୍ରିକା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ୟୁଏଇ ୨୦ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୧୨୨ ରନ୍ କରିଥିଲା। ଜବାବରେ ସାଉଥ୍ ଆଫ୍ରିକା ୧୩.୨ ଓଭର୍‌ରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ସାଉଥ୍ ଆଫ୍ରିକା ପକ୍ଷରୁ ଡେୱାଲ୍ଡ ବ୍ରେଭିସ୍ ୩୬, ର୍‍ୟାନ୍ ରିକେଲ୍‌ଟନ୍ ୩୦, ଏଡେନ୍ ମାର୍କରମ୍ ୨୮ ଏବଂ କ୍ୱିଣ୍ଟନ୍ ଡି'କକ୍ ୧୪ ରନ୍ କରିଥିଲେ। ଜେସନ୍ ସ୍ମିଥ୍ (୩) ଓ ଟ୍ରିଷ୍ଟନ୍ ଟବ୍ସ (୬) ଅପରାଜିତ ଫେରିଥିଲେ। ୟୁଏଇ ପକ୍ଷରୁ ମୁହମଦ ଫାରୁକ୍, ହାଇଦର ଅଲୀ, ମୁହମଦ ଅର୍‌ଫାନ୍ ଏବଂ ମୁହମଦ ଜବାଦୁଲ୍ଲାହ ୧-୧ ୱିକେଟ୍ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ପକ୍ଷରୁ ଅଲୀଶାନ୍ ଶରାଫ୍ ସର୍ବାଧିକ ୪୫ ରନ୍ କରିଥିଲେ। ତାଙ୍କ ବ୍ୟତୀତ ମୁହମଦ ୱାସିମ୍ ୨୨, ଓପ୍ନର୍ ଆର୍ଯ୍ୟାଂଶ ଶର୍ମା ୧୩ ଓ ମୁହମଦ ଅର୍‌ଫାନ୍ ୧୧ ରନ୍‌ର ଯୋଗଦାନ ଦେଇଥିଲେ। ସାଉଥ୍ ଆଫ୍ରିକା ପକ୍ଷରୁ କର୍ବିନ୍ ବଶ୍ ୩ ଏବଂ ଏନ୍‌ରିକ୍ ନୋର୍ଜେ ୨ଟି ୱିକେଟ୍ ନେଇଥିଲେ। ଜର୍ଜ ଲିଣ୍ଡେଙ୍କୁ ଗୋଟିଏ ସଫଳତା ମିଳିଥିଲା। କର୍ବିନ୍ ବଶ୍‌ଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

## ଦୁବେଙ୍କ ଅର୍ଦ୍ଧଶତକ, ବରୁଣଙ୍କୁ ୩ ୱିକେଟ୍

# ଭାରତର ବିଜୟ ଚୌକା

**ଅହମଦାବାଦ,୧୮।୨/ଏଜେନ୍ସି:** ଚଳିତ ଟି-୨୦ ବିଶ୍ୱକପ୍‌ରେ ଭାରତ ବିଜୟ ଚୌକା ଲଗାଇଛି। ବୁଧବାର ନେଦରଲାଣ୍ଡସକୁ ୧୭ ରନ୍‌ରେ ହରାଇ ଟିମ୍ ଗ୍ରୁପ୍ ପର୍ଯ୍ୟାୟରେ ଲଗାତାର ଚତୁର୍ଥ ବିଜୟ ହାସଲ କରିଛି। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଶିଭମ୍ ଦୁବେଙ୍କ ୩୧ ବଲ୍‌ରେ ୬୬ ରନ୍ ବଳରେ ଟିମ୍ ୫ ୱିକେଟ୍ ବିନିମୟରେ ୧୯୩ ରନ୍ କରିଥିଲା। ଜବାବରେ

### ନେଦରଲାଣ୍ଡସ ୧୭ ରନ୍‌ରେ ପରାଜିତ

ନେଦରଲାଣ୍ଡସ ୭ ୱିକେଟ୍ ହରାଇ ୧୭୬ ରନ୍ ହିଁ କରିପାରିଥିଲା। ଏହି ବିଜୟ ସହିତ ନେଦରଲାଣ୍ଡସର ଟୁର୍ଣ୍ଣାମେଣ୍ଟରେ ଯାତ୍ରା ଶେଷ ହୋଇଛି। ଟିମ୍ ନାମ୍ବିଆ ବିପକ୍ଷରେ କେବଳ ଗୋଟିଏ ବିଜୟ ହାସଲ କରିଥିଲା।

୧୯୪ ରନ୍‌ର ପିଛା କରୁଥିବା ନେଦରଲାଣ୍ଡସର ଆରମ୍ଭ ଠିକ୍‌ଠାକ୍ ଥିଲା। ଟିମ୍‌କୁ ୩୫ ରନ୍‌ର ସ୍କୋର୍‌ରେ ପ୍ରଥମ ଝଟ୍‌କା ଲାଗିଥିଲା। ମାକ୍ସ ଓ'ଡାଉଡ୍ (୨୪)ଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟା କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ ଓପ୍ନର୍ ମାଇକେଲ୍ ଲେଭିଟ୍ (୨୦) ବରୁଣ ଚକ୍ରବର୍ତ୍ତୀଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଟିମ୍‌ର ସ୍କୋର୍ ୫୧/୨ ପରେ ବାସ୍ ଡି ଲିଡେ ଓ କଲିନ୍ ଆକରମାନ୍‌ଙ୍କ ମଧ୍ୟରେ ୪୯ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଆକରମାନ୍ (୧୫)ଙ୍କୁ ଆଉଟ୍ କରି ବରୁଣ ଚକ୍ରବର୍ତ୍ତୀ ଏହି ଯୋଡ଼ି ଭାଙ୍ଗିବା ପରେ ଆର୍ଯ୍ୟନ୍ ଦତ୍ତଙ୍କୁ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ୍ ଫେରାଇଥିଲେ। ବାସ୍ ଡି ଲିଡେ ସର୍ବାଧିକ ୩୩ ରନ୍ କରି ଶିଭମ୍ ଦୁବେଙ୍କ ଶିକାର ହୋଇଥିଲେ। କ୍ୟାପ୍‌ଟେନ୍ ସ୍କଟ୍ ଏଡ୍‌ୱାର୍ଡ୍ସ ୧୫ ରନ୍, ଜାଚ୍ ଲାଅନ୍-ଜାଚେଟ୍ ୨୬ ରନ୍ କରି ଆଉଟ୍ ହୋଇଥିବା ବେଳେ ନୋଆହ କ୍ରୋସ୍ ୨୫ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୩ଟି ଏବଂ ଶିଭମ୍ ଦୁବେ ଦୁଇଟି ୱିକେଟ୍ ନେଇଥିଲେ। ଜସ୍‌ପ୍ରୀତ୍ ବୁମ୍ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧-୧ ସଫଳତା ମିଳିଥିଲା।



ପ୍ରଥମେ ବ୍ୟାଟିଂ ନେଇଥିବା ଭାରତର ଆରମ୍ଭ ବହୁ ଖରାପ ଥିଲା। ଓପ୍ନର୍ ଅଭିଷେକ ଶର୍ମା ତୃତୀୟ ବଲ୍‌ରେ ହିଁ ଆର୍ଯ୍ୟନ୍ ଦତ୍ତଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ଈଶାନ୍ କିଶନ୍ ୭ ବଲ୍‌ରେ ୧୮ ରନ୍ କରି ବିଦାୟ ନେଇଥିଲେ। ଏହାପରେ ତିଳକ ବର୍ମା ଓ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଇନିଂସ୍ ସମ୍ଭାଳିଥିଲେ। ମାତ୍ର ଲୋଗାନ୍ ଭାନ୍ ବିକ୍‌ଙ୍କ ବଲ୍‌ରେ ରୋଏଲୋଫ୍ ଭାନ୍ ଡର୍ ମର୍ୱେ ଏକ ଚମତ୍କାର ଡାଇଭିଂ କ୍ୟାଚ୍ ନେଇ ତିଳକ ବର୍ମାଙ୍କୁ ଆଉଟ୍ କରିଥିଲେ। ତିଳକ ୩୧ ରନ୍ କରି ବିଦାୟ ନେଇଥିଲେ। ଏହାପରେ ସୂର୍ଯ୍ୟକୁମାର ୨୮ ବଲ୍‌ରେ ୩୪ ରନ୍ କରି କାଇଲ୍ କ୍ଲେନ୍‌ଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ସୂର୍ଯ୍ୟାଙ୍କ ଆଉଟ୍ ବେଳକୁ ସ୍କୋର୍ ୧୦୧୦/୪ ହୋଇଥିଲା। ଏହାପରେ ଶିଭମ୍ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତିମ ଓଭରରେ ଉନ୍ନତ ବ୍ୟାଟିଂ କରିଥିଲେ। କିନ୍ତୁ ଅନ୍ତିମ ଓଭରରେ ଶିଭମ୍ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆଉଟ୍ କରି ଲୋଗାନ୍ ଭାନ୍ ବିକ୍ ଭାରତକୁ ୧୯୩ ରନ୍‌ରେ ଅଟକାଇଥିଲେ। ଦୁବେ ୩୧ ବଲ୍‌ରେ ୪ ଚୌକା ଓ ୬ ଛକା ସହାୟତାରେ ୬୬ ଏବଂ ହାର୍ଦ୍ଦିକ ୨୧ ବଲ୍‌ରେ ୩ ଛକା ସହାୟତାରେ ୩୦ ରନ୍ କରିଥିଲେ। ଶିଭମ୍ ଦୁବେଙ୍କର ଏହା ପ୍ରଥମ ଅର୍ଦ୍ଧଶତକ ଥିଲା। ନେଦରଲାଣ୍ଡସ ପକ୍ଷରୁ ଲୋଗାନ୍ ଭାନ୍ ବିକ୍ ୩ଟି, ଆର୍ଯ୍ୟନ୍ ଦତ୍ତ ୨ଟି ଏବଂ କାଇଲ କ୍ଲେନ୍ ଗୋଟିଏ ୱିକେଟ୍ ନେଇଥିଲେ।

# ଆଇସିସି ର୍‍ୟାଙ୍କିଙ୍ଗ୍‌ରେ କିଶନ୍‌ଙ୍କ ସୁନାମୀ



୧୭ ସ୍ଥାନର ଲମ୍ଫ ପ୍ରଦାନ କରି ଶୀର୍ଷ-୧୦ରେ ସାମିଲ

**ଦୁବାଇ,୧୮।୨/ଏଜେନ୍ସି:** ଆଇସିସିର ସଦ୍ୟତମ ଟି-୨୦ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗ୍‌ରେ ଈଶାନ୍ କିଶନ୍ ଜୋରଦାର ପ୍ରତ୍ୟାବର୍ତ୍ତନ କରି ୧୭ ସ୍ଥାନର ଲମ୍ଫ ଲଗାଇଛନ୍ତି। ଏହି ଲମ୍ଫ ସହିତ ଭାରତୀୟ ୱିକେଟ୍‌କିପର୍-ବ୍ୟାଟର୍ ଏବେ ଦୁନିଆର ନମ୍ବର-୮ ଟି-୨୦ ବ୍ୟାଟର୍ ହୋଇଛନ୍ତି। ନିକଟ ଅତୀତରେ ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ଲଗାତାର ରନ୍ ସଂଗ୍ରହର ଲାଭ ସିଧା ର୍‍ୟାଙ୍କିଙ୍ଗ୍‌ରେ ଦେଖିବାକୁ ମିଳିଛି। ବୁଧବାର ଜାରୀ ଆଇସିସି ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଖେଳାଳିଙ୍କ ଦବ୍‌ଦବା ଦେଖିବାକୁ ମିଳିଛି। ମୋଟ ଚାରିଜଣ ବ୍ୟାଟର୍ ଶୀର୍ଷ-୧୦ରେ ରହିଛନ୍ତି। ଖରାପ ଫର୍ମ ସହ ସଂଘର୍ଷ କରୁଥିବା ଯୁବ ଓପ୍ନର୍ ଅଭିଷେକ ଶର୍ମା ୮୯୧ ରେଟିଂ ପଏଣ୍ଟ ସହ ଏବେ ବି ବିଶ୍ୱର ନମ୍ବର-୧ ବ୍ୟାଟର୍ ଭାବେ ସ୍ଥିର ରହିଛନ୍ତି। ଇଂଲଣ୍ଡର ଫିଲ୍ ସଲ୍ଟ ୮୦୮ ପଏଣ୍ଟ ସହ ଦ୍ୱିତୀୟ, ଶ୍ରୀଲଙ୍କାର ପଥୁମ ନିସଙ୍କା ତିନି ସ୍ଥାନର ସୁଧାର ସହ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ଭାରତର ତିଳକ ବର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥରେ ପହଞ୍ଚିଛନ୍ତି। ପାକିସ୍ତାନର ସାହିବଜାଦା ଫରହାନ୍ ପଞ୍ଚମ ଏବଂ ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ପୂର୍ବପରି ଷଷ୍ଠରେ ସ୍ଥିର ରହିଛନ୍ତି। ର୍‍ୟାଙ୍କିଙ୍ଗ୍‌ରେ ପାକିସ୍ତାନୀ ସାମ୍ ଅୟୁବ୍ ପୁଣିଥରେ ବିଶ୍ୱର ନମ୍ବର-୧ ଅଲ୍‌ରାଉଣ୍ଡର୍ ହୋଇଛନ୍ତି। ଗତ କିଛି ସମୟ ହେବ ଅୟୁବ୍ ଏବଂ ଜିମ୍ବାୱେର ସିକନ୍ଦର ରଜାଙ୍କ ମଧ୍ୟରେ ନମ୍ବର-୧ ଅଲ୍‌ରାଉଣ୍ଡର୍ ସ୍ଥାନକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲେ। ତେବେ ଚମତ୍କାର ପ୍ରଦର୍ଶନ ବଳରେ ଅୟୁବ୍ ପୁଣିଥରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅୟୁବ୍ କଲମ୍ବୋରେ ଭାରତ ବିପକ୍ଷରେ ତିନି ୱିକେଟ୍ ନେଇ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନ ବଳରେ ସେ ସିକନ୍ଦର ରଜାଙ୍କୁ ପଛରେ ପକାଇ ପୁଣିଥରେ ଶୀର୍ଷସ୍ଥାନ ହାସଲ କରିଛନ୍ତି। ରଜା ଏବେ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି। ନେପାଳର ଦୀପେନ୍ଦ୍ର ସିଂହ ଐରୀ ଦୁଇଟି ସ୍ଥାନର ସୁଧାର ସହ ତୃତୀୟ ଏବଂ ଆଫଗାନିସ୍ତାନର ଅଜମତୁଲ୍ଲାହ ଓମରଜଇ ଚାରି ସ୍ଥାନର ଲମ୍ଫ ସହ ସଂଯୁକ୍ତ ଭାବେ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ବୋଲି ସୂଚୀରେ ଆଫଗାନିସ୍ତାନର ଷ୍ଟାର୍ ସ୍ପିନର୍ ରଶିଦ୍ ଖାନ୍ ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ପହଞ୍ଚିବା ସହିତ ଶୀର୍ଷସ୍ଥାନରେ ଥିବା ଭାରତର ବରୁଣ ଚକ୍ରବର୍ତ୍ତୀଙ୍କୁ ଟକ୍କର୍ ଦେଉଛନ୍ତି। ଭାରତର ଅକ୍ଷର ପଟେଲ୍ ଚାରି ସ୍ଥାନ ଏବଂ ଜସ୍‌ପ୍ରୀତ୍ ବୁମ୍ରା ଛଅ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୧୪ ଏବଂ ୧୫ ନମ୍ବରରେ ପହଞ୍ଚିଛନ୍ତି।

# ନାମ୍ବିଆକୁ ହରାଇ ସୁପର୍-୮ରେ ପାକିସ୍ତାନ

## ଶାହିବଜାଦା ଫରହାନ୍‌ଙ୍କ ଶତକ, ତାରିକ୍‌ଙ୍କୁ ୪ ୱିକେଟ୍



**କଲମ୍ବୋ,୧୮।୨/ଏଜେନ୍ସି:** ନାମ୍ବିଆକୁ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ୧୦୨ ରନ୍‌ରେ ହରାଇ ପାକିସ୍ତାନ ଶେଷ ଟିମ୍ ଭାବେ ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର୍-୮ରେ ପ୍ରବେଶ କରିଛି। ଏହା ଟି-୨୦ ବିଶ୍ୱକପ୍‌ରେ ରନ୍ ହିସାବରେ ପାକିସ୍ତାନର ସବୁଠୁ ବଡ଼ ବିଜୟ। ସ୍ଥାନୀୟ ସିଂହଳିଜ୍ ସ୍ପୋର୍ଟ୍ସ କ୍ଲବ୍ (ଏସ୍ଏସ୍‌ସି)ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ୩ ୱିକେଟ୍‌ରେ ୧୯୯ ରନ୍ କରିଥିଲା। ଜବାବରେ ନାମ୍ବିଆ ୧୭.୩ ଓଭର୍‌ରେ ମାତ୍ର ୯୭ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନକୁ ଶୀର୍ଷକ୍ରମ ବ୍ୟାଟର୍‌ମାନେ ଦ୍ରୁତ ଆରମ୍ଭ ଦେଇଥିଲେ ଏବଂ ମଧ୍ୟକ୍ରମ ବ୍ୟାଟର୍ ଏହାକୁ ବଡ଼ ସ୍କୋର୍‌ରେ ପରିଣତ କରିଥିଲେ। ପାକ୍ ବ୍ୟାଟର୍‌ମାନେ ପଡ଼ିଆର ଚାରିଆଡ଼େ ବଡ଼ ଶଟ୍ ଖେଳିଥିଲେ। ଟିମ୍ ପକ୍ଷରୁ ସାହିବଜାଦା ଫରହାନ୍‌ଙ୍କ ଶତକୀୟ ଇନିଂସ୍ ନିର୍ଣ୍ଣାୟକ ହୋଇଥିଲା। ଏହା ଦମ୍‌ରେ ନାମ୍ବିଆ ବିପକ୍ଷରେ ଟିମ୍ ୧୯୯ ରନ୍‌ର ସ୍କୋର୍ ଛିଡ଼ା କରିଥିଲା। ଏହା ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନର ଦ୍ୱିତୀୟ ବୃହତ୍ ସ୍କୋର୍। ଫରହାନ୍ ୧୧ ଚୌକା ଓ ୪ ଛକା ସହାୟତାରେ ୫୭ ବଲ୍‌ରେ ଶତକ ହାସଲ କରିଥିଲେ। ସେ ମୋଟ ୫୮ ବଲ୍‌ରେ ୧୦୦ ରନ୍ କରି ଅପରାଜିତ ଫେରିଥିଲେ। ଏହା ପୂର୍ବରୁ ସାମ୍ ଅୟୁବ୍ ୧୪ ରନ୍ କରି ଆଉଟ୍ ହୋଇଥିଲେ। କ୍ୟାପ୍‌ଟେନ୍ ସଲ୍‌ମାନ୍ ଆଗା ଦ୍ରୁତ ଖେଳ ଦେଖାଇ ୨୩ ବଲ୍‌ରେ ୩ ଚୌକା ଓ ୨ ଛକା ବଳରେ ୩୮ ରନ୍ କରିଥିଲେ। ଖ୍ୱାଜା ନଫେ ମାତ୍ର ୫ ରନ୍ କରି ଆଉଟ୍ ହୋଇଥିବା ବେଳେ ଶାଦାବ୍ ଖାନ୍ ଉନ୍ନତ ଫିନିସିଂ କରି ୨୨ ବଲ୍‌ରେ ଗୋଟିଏ ଚୌକା ଓ ୩ ଛକା ସହାୟତାରେ ୩୬ ରନ୍ କରି ଅପରାଜିତ ରହିଥିଲେ। ନାମ୍ବିଆ ପକ୍ଷରୁ ଜ୍ୟାକ୍ ବ୍ରାସେଲ୍ ଦୁଇଟି ଏବଂ କ୍ୟାପ୍‌ଟେନ୍ ଗେରହାର୍ଡ ଇରାସ୍‌ମସ୍ ଗୋଟିଏ ୱିକେଟ୍ ନେଇଥିଲେ। ୨୯ ବର୍ଷୀୟ ଫରହାନ୍‌ଙ୍କର ଏହା ଏହା ଟି-୨୦ ଅନ୍ତର୍ଜାତୀୟରେ ପ୍ରଥମ ଶତକ ହୋଇଥିବା ବେଳେ ଚଳିତ ବିଶ୍ୱକପ୍‌ରେ ତୃତୀୟ। ତାଙ୍କ ପୂର୍ବରୁ ଶ୍ରୀଲଙ୍କାର ପଥୁମ୍ ନିଶଙ୍କା ଏବଂ କାନାଡାର ଯୁବରାଜ ସାମ୍‌ରା ଶତକ ହାସଲ କରିଥିଲେ।

୨୦୦ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ନାମ୍ବିଆ ପାକ୍ ସ୍ପିନର୍‌ର ସମ୍ମୁଖୀନ ହୋଇନପାରେ ମାତ୍ର ୯୭ ରନ୍ ମଧ୍ୟରେ ସୀମିତ ହୋଇଯାଇଥିଲା। ଟିମ ପକ୍ଷରୁ ଓପ୍ନର୍ ଲୌରେନ୍ ଷ୍ଟିନ୍‌କାମ୍ପ (୨୩ ରନ୍) ଏବଂ ଆଲେକ୍‌ଜାଣ୍ଡର୍ ଭୋଲ୍‌ଶେଙ୍କ (୨୦ ରନ୍)ଙ୍କୁ ଛାଡ଼ିଦେଲେ କୌଣସି ବ୍ୟାଟର୍ ଦୁଇଅଙ୍କର ସ୍କୋର୍ ମଧ୍ୟ ଛୁଇଁପାରି ନଥିଲେ। ପାକିସ୍ତାନ ପକ୍ଷରୁ ସ୍ପିନର୍ ଉସ୍‌ମାନ୍ ତାରିକ୍ ୧୬ ରନ୍ ବ୍ୟୟରେ ସର୍ବାଧିକ ୪ଟି ୱିକେଟ୍ ନେଇ ଏକ ନୂଆ ରେକର୍ଡ କରିଛନ୍ତି। ଏହା ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ପକ୍ଷରୁ ଦ୍ୱିତୀୟ ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ। ଏହି ଲିଷ୍ଟର ଶୀର୍ଷରେ ଏବେ ବି ଶାହିଦ ଆଫ୍ରିଦି ରହିଛନ୍ତି। ସେ ୨୦୦୯ରେ ନେଦରଲାଣ୍ଡସ ବିପକ୍ଷରେ ୧୧ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ। ଫରହାନ୍‌ଙ୍କ ବ୍ୟତୀତ ଶାଦାବ୍ ଖାନ୍‌ଙ୍କୁ ଦୁଇଟି ୱିକେଟ୍ ମିଳିଥିବା ବେଳେ ସଲ୍‌ମାନ୍ ମିର୍ଜା ଓ ମହମଦ ନୱାଜ୍ ୧-୧ ସଫଳତା ପାଇଥିଲେ।

ଏହି ମ୍ୟାଚ୍ ପାଇଁ ପାକିସ୍ତାନ ଟିମ୍‌ରେ ଦୁଇଟି ପରିବର୍ତ୍ତନ କରାଯାଇଥିଲା। ଶାହିନ୍ ଆଫ୍ରିଦି ଏବଂ ଅବରାର୍ ଅହମଦଙ୍କ ସ୍ଥାନରେ ସଲ୍‌ମାନ୍ ମିର୍ଜା ଓ ଖ୍ୱାଜା ନଫେଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ସେହିପରି ନାମ୍ବିଆ ଟିମ୍‌ରେ ୨୦ ବର୍ଷୀୟ ଜ୍ୟାକ୍ ବ୍ରାସେଲ୍‌ଙ୍କୁ ୧୭ ବର୍ଷୀୟ ମ୍ୟାକ୍ସ ହିଙ୍ଗୋ ସ୍ଥାନରେ ସାମିଲ କରାଯାଇଥିଲା।

**ସୁପର୍-୮ କାର୍ଯ୍ୟସୂଚୀ ଜାରୀ**

# ୨୨ରେ ଭାରତ ପ୍ରଥମ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକାକୁ ଭେଟିବ

**ନୂଆଦିଲ୍ଲୀ,୧୮।୨/ଏଜେନ୍ସି:** ଚଳିତ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍ ରାଉଣ୍ଡରେ ୪୦ ମ୍ୟାଚ୍ ଖେଳାଯିବ। ତେବେ ୩୫ତମ ମ୍ୟାଚ୍ ପରେ ହିଁ ଗୁରୁବାର ସୁପର୍-୮ର ସମସ୍ତ ଆଠ ଟିମ୍ ଚୂଡ଼ାନ୍ତ ହୋଇଯାଇଛି। ନାମ୍ବିଆକୁ ହରାଇ ପାକିସ୍ତାନ ଶେଷ ଟିମ୍ ଭାବେ ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଛି। ଏହା ପୂର୍ବରୁ ଭାରତ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ସାଉଥ୍ ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ଜିମ୍ବାୱେ ଏବଂ ଶ୍ରୀଲଙ୍କା ଟିମ୍ ସୁପର୍-୮ରେ ପହଞ୍ଚିଥିଲେ। ସୁପର୍-୮ ରାଉଣ୍ଡ ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ମଧ୍ୟରୁ ଫେବୃଆରୀ ୨୨, ୨୬ ଏବଂ ମାର୍ଚ୍ଚ ୧ ତାରିଖରେ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ସୁପର୍-୮ର ଟିମ୍‌ଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-୧ରେ ଭାରତ, ସାଉଥ୍ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଏବଂ ଜିମ୍ବାୱେ ରହିଛନ୍ତି। ସେହିପରି ଗ୍ରୁପ୍-୨ରେ ପାକିସ୍ତାନ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଏବଂ ଶ୍ରୀଲଙ୍କା ଟିମ୍ ଅଛନ୍ତି। ଫେବୃଆରୀ ୨୧ରେ ପ୍ରଥମ ମ୍ୟାଚ୍ କଲମ୍ବୋର ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ ଏବଂ ପାକିସ୍ତାନ ମଧ୍ୟରେ ଖେଳାଯିବ। ଭାରତୀୟ ଟିମ୍ ନିଜର ପ୍ରଥମ ମ୍ୟାଚ୍ ୨୨ ତାରିଖରେ ସାଉଥ୍ ଆଫ୍ରିକା ସହ ଖେଳିବ। ଏହି ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ହେବ। ଏହାପରେ ଟିମ୍ ୨୬ ତାରିଖରେ ଚେନ୍ନାଇର ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଜିମ୍ବାୱେକୁ ଭେଟିବ। ମାର୍ଚ୍ଚ ୧ ତାରିଖରେ ଟିମ୍ ଇଣ୍ଡିଆ କୋଲ୍‌କାତାର ଇଡେନ୍ ଗାର୍ଡେନ୍ସରେ ୱେଷ୍ଟଇଣ୍ଡିଜ୍ ସହ ଅନ୍ତିମ ମ୍ୟାଚ୍ ଖେଳିବ।

# ପାଥିରନା ବିଶ୍ୱକପ୍‌ରୁ ଆଉଟ୍



**କଲମ୍ବୋ,୧୮।୨/ଏଜେନ୍ସି:** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ମଝିରେ ଶ୍ରୀଲଙ୍କା ଟିମ୍‌କୁ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ପ୍ରମୁଖ ଫାଷ୍ଟ ବୋଲର୍ ମଥିଶା ପାଥିରନା କାଫ୍ ଇଞ୍ଜୁରୀ କାରଣରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଏହି ଆଘାତ କାରଣରୁ ସେ ଆଗାମୀ ଆଇପିଏଲ୍ ସିଜନ୍‌ର ପ୍ରାରମ୍ଭିକ ମ୍ୟାଚ୍‌ରୁ ମଧ୍ୟ ବାହାର ହୋଇପାରନ୍ତି। ୨୩ ବର୍ଷୀୟ ପାଥିରନାଙ୍କୁ ପାଲ୍ଲେକେଲରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଆଘାତ ଲାଗିଥିଲା। ଚତୁର୍ଥ ବଲ୍ ପକାଉଥିବା ବେଳେ ସେ ନିଜ ବାମଗୋଡ଼କୁ ଧରି ଯନ୍ତ୍ରଣାରେ ଝଟପଟ ହୋଇଥିଲେ। ଏହାପରେ ତାଙ୍କୁ ସାହାରା ଦେଇ ପଡ଼ିଆ ବାହାରକୁ ନିଆଯାଇଥିଲା ଏବଂ ସେ ନିଜ ସ୍ପେଲ୍ ମଧ୍ୟ ପୂରା କରିପାରି ନଥିଲେ। ତାଙ୍କ ସ୍ଥାନରେ ଏବେ ଦିଲ୍‌ଶାନ୍ ମଦୁଶଙ୍କାଙ୍କୁ ଶ୍ରୀଲଙ୍କା ଟିମ୍‌ରେ ସାମିଲ କରାଯାଇଛି।

**୬୭ ବର୍ଷର ପ୍ରତୀକ୍ଷାରେ ଅନ୍ତ**

# ପ୍ରଥମ ଥର ରଣଜୀ ଫାଇନାଲ୍‌ରେ ଜମ୍ମୁ-କଶ୍ମୀର

- ବେଙ୍ଗଲ୍‌କୁ ୬ ୱିକେଟ୍‌ରେ ହରାଇଲା
- ଆକିବ୍ ନବୀଙ୍କୁ ୯ ୱିକେଟ୍



**କୋଲ୍‌କାତା,୧୮।୨/ଏଜେନ୍ସି:** ୬୭ ବର୍ଷର ଘରୋଇ କ୍ରିକେଟ୍ ଇତିହାସରେ ପ୍ରଥମ ଥର ଜମ୍ମୁ-କଶ୍ମୀର ରଣଜୀ ଟ୍ରଫି ଫାଇନାଲ୍‌ରେ ପ୍ରବେଶ କରିଛି। କଲ୍ୟାଣୀରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଟିମ୍ ଦୁଇ ଥରର ଚାମ୍ପିଅନ୍ ବେଙ୍ଗଲ୍‌କୁ ୬ ୱିକେଟ୍‌ରେ ହରାଇ ଫାଇନାଲରେ ନିଜ ସ୍ଥାନ ପକ୍କା କରିଛି। ଟିମ୍ ଚତୁର୍ଥ ଦିନ ୩୪.୪ ଓଭରରେ ୪ ୱିକେଟ୍ ହରାଇ ୧୨୬ ରନ୍‌ର ସହଜ ଲକ୍ଷ୍ୟ ହାସଲ କରିଛି। ବଂଶଜ ଶର୍ମା ୪୩ ରନ୍ କରିଥିବା ବେଳେ ଆଇପିଏଲ୍ ଷ୍ଟାର୍ ଅବ୍‌ଦୁଲ ସମଦ ୩୦ ରନ୍‌ର ଅପରାଜିତ ଇନିଂସ୍ ଖେଳି ଟିମ୍‌କୁ ବିଜୟୀ କରାଇଥିଲେ। ଏହି ବିଜୟର ନାୟକ ଥିଲେ ଫାଷ୍ଟ ବୋଲର୍ ଆକିବ୍ ନବୀ। ନବୀ ମ୍ୟାଚ୍‌ରେ ମୋଟ ୯ ୱିକେଟ୍ ନେଇ ବେଙ୍ଗଲ୍ ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଏହା ବ୍ୟତୀତ ସେ ପ୍ରଥମ ଇନିଂସ୍‌ରେ ଗୁରୁତ୍ୱପୂର୍ଣ୍ଣ ୪୨ ରନ୍ ସଂଗ୍ରହ କରିଥିଲେ।

ମ୍ୟାଚ୍‌ର ଚତୁର୍ଥ ଦିନରେ ଜମ୍ମୁ-କଶ୍ମୀରକୁ ବିଜୟ ପାଇଁ ୮୩ ରନ୍ ଆବଶ୍ୟକ ଥିବା ବେଳେହାତରେ ୮ଟି ୱିକେଟ୍ ବାକି ଥିଲା। ଶୁଭମ୍ ପୁଣ୍ଡିର (୨୭) ଏବଂ କ୍ୟାପ୍‌ଟେନ୍ ପାରସ୍ ଡୋଗ୍ରା (୯) ସକାଳ ସେସନ୍‌ରେ ଶୀଘ୍ର ଆଉଟ୍ ହେବା ଫଳରେ ଟିମ୍ ଉପରେ ଚାପ ବଢ଼ିଯାଇଥିଲା। ତେବେ ଅବ୍‌ଦୁଲ୍ ସମଦ ଓ ୨୨ ବର୍ଷୀୟ ବଂଶଜ ଶର୍ମା ଇନିଂସ୍ ସମ୍ଭାଳି ୫୫ ରନ୍‌ର ଅପରାଜିତ ୫୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ସମଦ୍ ୨୭ ବଲ୍‌ର ଇନିଂସ୍‌ରେ ୩ ଛକା ଓ ଗୋଟିଏ ଚୌକା ମାରି ବେଙ୍ଗଲ୍ ବୋଲର୍‌ଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ମୁକେଶ କୁମାରଙ୍କ ବଲ୍‌ରେ ଲଙ୍ଗ୍‌ଅପ୍ ଉପରେ ଚମତ୍କାର ଛକା ମାରି ବଂଶଜ ମ୍ୟାଚ୍‌ର ଅନ୍ତ ଘଟାଇଥିଲେ।

ଜମ୍ମୁ କଶ୍ମୀର ୧୯୫୯-୬୦ ସିଜିନ୍‌ରେ ପ୍ରଥମ ଥର ରଣଜୀ ଟ୍ରଫି ଖେଳିବା ଆରମ୍ଭ କରିଥିଲା। ପ୍ରାରମ୍ଭରେ ଟିମ୍‌କୁ ଏକ ଦୁର୍ବଳ ଟିମ୍ ଭାବେ ବିବେଚନା କରାଯାଉଥିଲା। ୧୯୮୨-୮୩ରେ ସର୍ଭିସେସ୍‌କୁ ହରାଇ ପ୍ରଥମ ବିଜୟ ହାସଲ କରିବାରେ ଟିମ୍‌କୁ ୪୪ ବର୍ଷ ଲାଗିଯାଇଥିଲା। ୨୦୧୩-୧୪ ରେ ଟିମ୍ ପ୍ରଥମ ଥର ନକଆଉଟ୍ ପର୍ଯ୍ୟାୟରେ ପହଞ୍ଚିଥିଲା। ଏହି ସିଜିନ୍‌ରେ କୋଚ୍ ଅଜୟ ଶର୍ମା ଏବଂ କ୍ୟାପ୍‌ଟେନ୍ ପାରସ୍ ଡୋଗ୍ରାଙ୍କ ମାର୍ଗଦର୍ଶନରେ ଟିମ୍ ମୁମ୍ବାଇ, ରାଜସ୍ଥାନ, ଦିଲ୍ଲୀ ଏବଂ ହାଇଦ୍ରାବାଦ ଭଳି ପ୍ରମୁଖ ଟିମ୍‌କୁ ହରାଇ ନିଜର ଦକ୍ଷତା ପ୍ରମାଣିତ କରିଥିଲା।

**ସିଜିନ୍‌ରେ ଆକିବ୍ ନବୀଙ୍କୁ ୫୫ ୱିକେଟ୍**

ଫାଷ୍ଟ ବୋଲର୍ ଆକିବ୍ ନବୀଙ୍କ ପାଇଁ ଚଳିତ ରଣଜୀ ସିଜନ୍ ଏକ ସ୍ୱପ୍ନର ସିଜନ୍ ହୋଇଛି। ଚଳିତ ସିଜନ୍‌ରେ ସେ ମୋଟ ୫୫ ୱିକେଟ୍ ନିଜ ନାମରେ କରିଛନ୍ତି। କ୍ୱାର୍ଟର୍ ଫାଇନାଲ୍‌ରେ ମଧ୍ୟପ୍ରଦେଶ ବିପକ୍ଷରେ ୧୨ ୱିକେଟ୍ ନେଇଥିବା ବେଳେ ସେ ସେମିଫାଇନାଲ୍‌ରେ ମଧ୍ୟ ୯ ୱିକେଟ୍ ଅକ୍ତିଆର କରିଛନ୍ତି। ତାଙ୍କର ହାରାହାରି ୧୩ରୁ ମଧ୍ୟ କମ୍ ରହିଛି। ବୋଲିଂ ବ୍ୟତୀତ ପ୍ରଥମ ଇନିଂସ୍‌ରେ ସେ ୪୨ ରନ୍‌ର ଉପଯୋଗୀ ଯୋଗଦାନ ମଧ୍ୟ କରିଥିଲେ।

**୧୦ ହଜାର ରନ୍‌ରେ ପାରସ୍ ଡୋଗ୍ରା ଦ୍ୱିତୀୟ ଭାରତୀୟ**

୪୧ ବର୍ଷୀୟ କ୍ୟାପ୍‌ଟେନ୍ ପାରସ୍ ଡୋଗ୍ରା ବେଙ୍ଗଲ୍ ବିପକ୍ଷ ସେମିଫାଇନାଲ୍‌ରେ ୧୦ ହଜାର ରଣଜୀ ଟ୍ରଫି ରନ୍ ପୂରଣ କରିଛନ୍ତି। ୱାସିମ୍ ଜାଫରଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ବ୍ୟାଟର୍ ଭାବେ ଏହି ଉପଲବ୍ଧି ହାସଲ କରିଛନ୍ତି। ହିମାଚଳ ପ୍ରଦେଶ ଏବଂ ପୁଡୁଚେରୀ ଦେଇ ଜମ୍ମୁ-କଶ୍ମୀରରେ ପହଞ୍ଚିଥିବା ଡୋଗ୍ରା ପ୍ରଥମ ଇନିଂସ୍‌ରେ ୫୮ ରନ୍‌ର ଲଢୁଆ ଇନିଂସ୍ ଖେଳି ବିଜୟର ମୂଳଦୁଆ ପକାଇଥିଲେ।

**ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଅଭିନନ୍ଦନ**

ଏହି ଐତିହାସିକ ଉପଲବ୍ଧି ପାଇଁ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, 'ଏହା ଖେଳାଳିଙ୍କ କଠିନ ପରିଶ୍ରମ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ଶୃଙ୍ଖଳାର ଫଳ। ଗତ କିଛିବର୍ଷ ମଧ୍ୟରେ ଜମ୍ମୁ-କଶ୍ମୀର ଟିମ୍ ବହୁ ଉନ୍ନତି କରିଛି। ମୁଁ ଆଶା କରୁଛି ସେହି ଦିନ ଦୂର ନୁହେଁ, ଯେବେ ଆମର ଖେଳାଳିମାନେ ଭାରତୀୟ ଟିମ୍‌ରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।'

# 'ଶୂନ୍ୟ'ରେ ଅଭିଷେକ ଶର୍ମାଙ୍କ ହ୍ୟାଟ୍ରିକ୍

**ଅହମଦାବାଦ,୧୮।୨/ଏଜେନ୍ସି:** ଟି-୨୦ କ୍ରିକେଟ୍‌ର ନମ୍ବର-୧ ବ୍ୟାଟର୍ ଅଭିଷେକ ଶର୍ମା ନିଜର ସବୁଠୁ ଖରାପ ସମୟ ଦେଇ ଗତି କରୁଛନ୍ତି। ବୁଧବାର ନେଦରଲାଣ୍ଡସ ବିପକ୍ଷରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ମଧ୍ୟ ସେ ଶୂନ୍ୟରେ ଆଉଟ୍ ହୋଇଛନ୍ତି। ନିଜର ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ଅଭିଷେକ ଏହି ବିଶ୍ୱକପ୍‌ରେ ଲଗାତାର ତିନିଥର ଶୂନ୍ୟରେ ଆଉଟ୍ ହୋଇଛନ୍ତି। ନେଦରଲାଣ୍ଡସ ବିପକ୍ଷ ଏହି ମ୍ୟାଚ୍‌ରେ ବ୍ୟାଟିଂ ପାଇଁ ସେ ମହମ୍ମଦ ସିରାଜ୍‌ଙ୍କ ଜର୍ସି ପିନ୍ଧି ଆସିଥିଲେ। ମାତ୍ର ତାଙ୍କର ଏହି ଜର୍ସି ସ୍ୱାପ୍ ମଧ୍ୟ କାମ ଦେଇନାହିଁ। ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ମାତ୍ର ୪ଟି ବଲ୍ ଖେଳି ଶୂନ୍ୟରେ ଆଉଟ୍ ହୋଇଥିଲେ। ମ୍ୟାଚ୍‌ରେ ପାକିସ୍ତାନୀ କ୍ୟାପ୍‌ଟେନ୍ ସଲମାନ୍ ଆଗା ତାଙ୍କୁ ଶାହିନ୍ ଆଫ୍ରିଦିଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ପେଟରେ ସଂକ୍ରମଣ କାରଣରୁ ଅଭିଷେକ ନାମ୍ବିଆ ବିପକ୍ଷ ମ୍ୟାଚ୍ ଖେଳିପାରି ନଥିଲେ। ତାଙ୍କ ଅନୁପସ୍ଥିତିରେ ସେହି ମ୍ୟାଚ୍‌ରେ ଈଶାନ୍ କିଶନ୍‌ଙ୍କ ସହ ସଞ୍ଜୁ ସାମ୍‌ସନ୍ ଇନିଂସ୍ ଓପନ୍ କରିଥିଲେ। ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଅଭିଷେକ ଗୋଲ୍‌ଡେନ୍ ଡକ୍‌ରେ ଆଉଟ୍ ହୋଇଥିଲେ। ପରେ ତାଙ୍କ ସ୍ଥାନରେ ସଞ୍ଜୁ ସାମ୍‌ସନ୍ ଫିଲ୍ଡିଂ କରିଥିଲେ। ଅଭିଷେକ ଶର୍ମା ବର୍ତ୍ତମାନ ସୁଦ୍ଧା ଚଳିତ ବିଶ୍ୱକପ୍‌ରେ ଖାତା ଖୋଲିପାରି ନାହାନ୍ତି।

**ପାକିସ୍ତାନୀ ହକି ଖେଳାଳିଙ୍କ ଦୟନୀୟ ଅବସ୍ଥା**

# ସଡ଼କରେ ରହିଲେ, ବାସନ ଧୋଇଲେ

**ଲାହୋର,୧୮।୨/ଏଜେନ୍ସି:** ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ପାକିସ୍ତାନ ହକି ଟିମ୍ ସେଠାରେ ଘୋର ହଇହଟାର ସମ୍ମୁଖୀନ ହୋଇଛି। ଆର୍ଥିକ ସଂକଟ ଏବଂ ପାକିସ୍ତାନ ହକି ମହାସଂଘ (ପିଏଚ୍ଏଫ୍)ର ଅଯୋଗ୍ୟ ପଣିଆ କାରଣରୁ ଟିମ୍‌ର ଖେଳାଳିମାନଙ୍କୁ ଘଣ୍ଟା ଘଣ୍ଟା ବିମାନ ବନ୍ଦରରେ ଅପେକ୍ଷା କରିବାକୁ ପଡ଼ିଥିଲା। ଏପରି କି ହୋଟେଲ୍ ରୁମ୍ ବୁକ୍ ହୋଇନଥିବାରୁ ସେମାନଙ୍କୁ ଅନାଥ ଭଳି ହୋଟେଲ୍ ବାହାରେ ସଡ଼କରେ ବସିବାକୁ ପଡ଼ିଥିଲା। ଏହା ବ୍ୟତୀତ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଖେଳିବାକୁ ଯିବା ପୂର୍ବରୁ ସେମାନଙ୍କୁ ବାସନ ମଧ୍ୟ ଧୋଇବାକୁ ପଡ଼ିଥିଲା। ବୁଧବାର ସକାଳେ ଅଷ୍ଟ୍ରେଲିଆ ଗସ୍ତରୁ ଫେରି ଲାହୋର ବିମାନ ବନ୍ଦରରେ ପହଞ୍ଚିବା ପରେ ପାକିସ୍ତାନୀ ଟିମ୍‌ର କ୍ୟାପ୍‌ଟେନ୍ ଶକିଲ୍ ଅହମଦ ବଟ୍ ଏହା କହିବା ସହିତ ପିଏଚ୍ଏଫ୍‌କୁ କଡ଼ା ସମାଲୋଚନା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ବର୍ତ୍ତମାନର ପିଏଚ୍ଏଫ୍‌ର ପରିଚାଳନା ଅଧୀନରେ ଖେଳ ଜାରି ରଖିପାରିବୁ ନାହିଁ। ଏହି ଘଟଣା ଏବେ ହକି ଦୁନିଆରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କ୍ରୀଡ଼ାପ୍ରେମୀ ପିଏଚ୍ଏଫ୍ ଅଧିକାରୀଙ୍କ ଏପରି ଆଚରଣର କଡ଼ା ସମାଲୋଚନା କରିଛନ୍ତି।



ପାକିସ୍ତାନ ହକି ଦଳକୁ କାନବେରା ଯିବା ପାଇଁ ପରବର୍ତ୍ତୀ ବିମାନ ଯାତ୍ରା ପୂର୍ବରୁ ସିଡନୀ ବିମାନ ବନ୍ଦରରେ ୧୩-୧୪ ଘଣ୍ଟା ଅପେକ୍ଷା କରିବାକୁ ବାଧ୍ୟ କରାଯାଇଥିଲା। ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ପୂର୍ବରୁ ଟିମ୍ ହୋଟେଲରେ ପହଞ୍ଚିବା ପରର ଘଟଣା ଆହୁରି ବିବ୍ରତକର ଥିଲା। ସେଠାକାର କେତେକ ପାକିସ୍ତାନୀ ନାଗରିକଙ୍କ ଦୟାରୁ ସେମାନେ ଏକ ଶସ୍ତା ହୋଟେଲ୍‌ରେ ଅବସ୍ଥାନ କରିଥିଲେ। ଅନ୍ୟପକ୍ଷରେ ପାକିସ୍ତାନୀ ଟିମ୍ ୧୩ ଦିନିଆ ଗସ୍ତରେ ଅଷ୍ଟ୍ରେଲିଆ ଯାଇଥିବା ବେଳେ ପାକିସ୍ତାନ ଖେଳ ବୋର୍ଡ ଟିମ୍ ପାଇଁ ୧୦ ଦିନ ହୋଟେଲ୍ ବୁକ୍ କରିଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra